# ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE THE JANABARTTA ଜନବାର୍ତ୍ତା • ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •

Follow Us : Our Digital News Channel

: Janabartta Live

www.janabartta.com

epaper.janabartta.com

23 AUGUST to 29 AUGUST 2026

୨୩ ଅଗଷ୍ଟ ଠାରୁ ୨୯ ଅଗଷ୍ଟ, ୨୦୨୬

VOL- 1 • ISSUE- 27 ବର୍ଷ-୧ • ସଂଖ୍ୟା- ୨୭ | PRGI NO- ORORI/26/A0341. • WEEKLY EDITION | ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-


## ବ୍ୟଙ୍ଗ ପ୍ରମାଦ



ପଞ୍ଚାୟତ ପାଇଁ ସରକାର ସଜବାଜ
ବିକଶିତ ଗାଁ କରିବା ପାଇଁ
ହାତ ଖୋଲିଦେଲେ
ଦେଖିବେ ମୋହନ ତେଜ
ଅଧା ଓଡ଼ିଶା ବନ୍ୟା ଘେରରେ
ଗରିବ ପେଟକୁ ଯାଉନି ପେଜ
ନବୀନଙ୍କ ପରେ ମୋହନ ଆସିଲେ
ଆଗକୁ ଭୋଟ କାହାକୁ ଦେବୁ
ମନରେ ଟିକେ ହେଜ

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଚଳିତ ଅଗଷ୍ଟ ମାସ ୦୮ ତାରିଖ ଦିନ 'ଜନ ଜାଗରଣ ଅଭିଯାନ' ଆରମ୍ଭ ହେଲା । ଏହାର ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ।

ଆଜି ସବୁଠି ଚର୍ଚ୍ଚା – ସବୁ ସ୍ତରରେ, ସବୁ ସ୍ଥାନରେ ନୈତିକ ସ୍ଖଳନ ଘଟିଛି । ୫୦ ବର୍ଷ ପୂର୍ବେ ଯେଉଁଭଳି ଶିକ୍ଷାଦାନ ହେଉଥିଲା, ଯେଉଁଭଳି ଶିକ୍ଷକ ଥିଲେ ଆଜି ସେମାନେ ନାହାନ୍ତି । ୫୦ ବର୍ଷ ପୂର୍ବେ ଯେଉଁଭଳି ପ୍ରଶାସନିକ ଅଧିକାରୀ ବା ସରକାରୀ କର୍ମଚାରୀ ଥିଲେ ଆଜି ସେମାନେ ନାହାନ୍ତି । ୫୦ ବର୍ଷ ପୂର୍ବେ ଯେଉଁଭଳି ଇଞ୍ଜିନିୟରମାନେ ସରକାରରେ ଥିଲେ ଆଜି ସେମାନେ ନାହାନ୍ତି । ସମସ୍ତେ ସ୍ୱାର୍ଥପର ହୋଇଯାଇଛନ୍ତି । 'କର୍ତ୍ତବ୍ୟ'ର ସ୍ଥାନ ନେଇ ଯାଇଛି 'ବ୍ୟକ୍ତି ସ୍ୱାର୍ଥ' । ସବୁଠାରେ ଦୁର୍ନୀତି ବ୍ୟାପି ଯାଇଛି । ବିନା ଟଙ୍କାରେ ଚାକିରି ମିଳୁ ନାହିଁ । ବିନା ଟଙ୍କାରେ ରାଜନୀତି କରି ହେଉନାହିଁ । ବିନା ଟଙ୍କାରେ ନିର୍ବାଚନ ଲଢ଼ି ହେଉ ନାହିଁ । ଆମେ ସମସ୍ତେ ଗୋଟିଏ ବିଷ ବଳୟ ମଧ୍ୟରେ ଛନ୍ଦି ହୋଇ ଯାଇଛେ । ଏଥିରୁ ମୁକୁଳିବାର କୌଣସି ସମ୍ଭାବନା ଅଛି କି ନାହିଁ? ଏ ଗୌହର ଶେଷରେ ଆଲୋକ ଅଛି କି ନାହିଁ?

ଏହାର ଉତ୍ତର ଖୋଜିବାକୁ ଯାଇ କିଛି ଲୋକ ଧର୍ମଶାସ୍ତ୍ର ଆଡ଼କୁ ଚାଲିଯାଆନ୍ତି । ଜଗତ ଯେତେବେଳେ ଅଧର୍ମରେ ଭାରାକ୍ରାନ୍ତ ହୋଇଯାଏ ସେତେବେଳ ସ୍ୱୟଂ ଭଗବାନ ଆବିର୍ଭୂତ ହୁଅନ୍ତି, ସତ୍ୟର ସଂସ୍ଥାପନା ପାଇଁ । କିଛିଲୋକ ମାଳିକା ବଚନର ଆଶ୍ରୟ ନିଅନ୍ତି, ପ୍ରଳୟ ଯେ, ଅବଶ୍ୟମ୍ଭାବୀ ତାହାର ଆଶଙ୍କାରେ ମ୍ରିୟମାଣ ହୋଇପଡ଼ନ୍ତି ।



**ବିଜୟ କୁମାର ପଟ୍ଟନାୟକ**
ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ, ଏହି ସମାଜକୁ ଆମେ ତିଆରି କରିଛୁ । ଏହାର ରୀତି, ନୀତି, ପରମ୍ପରା ସବୁ ଆମେ ହିଁ ତିଆରି କରିଛୁ । ଯଦି ସମାଜ କୌଣସି କାରଣରୁ କକ୍ଷଚ୍ୟୁତ ହୋଇଯାଏ ତେବେ ତାକୁ ପୁଣି କକ୍ଷକୁ ଫେରାଇ ଆଣିବାର ଦାୟିତ୍ୱ ମଧ୍ୟ ଆମର ଏବଂ ଏହା ସମ୍ଭବ, କାରଣ ମଣିଷ ଗୋଟିଏ ହିଂସ୍ର ପଶୁ ନୁହେଁ । ତାହାର ଜନ୍ମଗତ ପ୍ରବୃତ୍ତି ହେଉଛି ସତ୍ୟପଥରେ ଯିବା । ଜଣେ ହତ୍ୟାକାରୀ କେବେ ହେଲେ ଚାହେଁ ନାହିଁ ଯେ ତାହାର ସନ୍ତାନ ଗୋଟିଏ ହତ୍ୟାକାରୀ ହେଉ । ଜଣେ ଅତ୍ୟନ୍ତ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ମଧ୍ୟ ପ୍ରମାଣ କରିବାକୁ ଚାହେଁ ଯେ, ସେ ନିଷ୍କଳଙ୍କ । ଜଣେ ଯୁବକ ବା ଯୁବତୀ ଚାହେଁ ନାହିଁ ଯେ, ତାହାର ଜୀବନସଙ୍ଗୀ ଜଣେ ଦୁଶ୍ଚରିତ୍ର ବ୍ୟକ୍ତି ହେଉ । ବିବର୍ତ୍ତନରେ ମଣିଷଠାରୁ ଅନେକ ପରାକ୍ରମୀ ଜୀବ ନିଶ୍ଚିହ୍ନ ହୋଇ ଯାଇଛନ୍ତି । ମଣିଷ ହଜାର ହଜାର ବର୍ଷର ସଂଘର୍ଷ ପରେ ମଧ୍ୟ ବଞ୍ଚି ରହିଛି । କାରଣ ସେ ସତ୍ୟରେ ବିଶ୍ୱାସ କରେ, ସେ ସମାଜକୁ ସମ୍ମାନ ଦିଏ, ସେ ପରସ୍ପରକୁ ସାହାଯ୍ୟ କରିବାରେ ବିଶ୍ୱାସ କରେ । ଏହି ଚିରନ୍ତନ ଭାବଗୁଡ଼ିକୁ ପୁନରୁଦ୍ଧାପନ କରିବା ହେଉଛି 'ଜନ ଜାଗରଣ ଅଭିଯାନ'ର ଉଦ୍ଦେଶ୍ୟ । ଏଗୁଡ଼ିକ କାଳ୍ପନିକ ଚିନ୍ତା ନୁହେଁ । ଏହା ଏକ କାର୍ଯ୍ୟୋପଯୋଗୀ ଏଜେଣ୍ଡା । ସବୁ ସତ୍‌କାର୍ଯ୍ୟର ମୂଳରେ ଥାଆନ୍ତି ଭଲ ଲୋକ । ସବୁ ପରିବାର ଚାହାନ୍ତି ଯେ, ତାଙ୍କର ବୋହୁ ବା ଜ୍ୱାଇଁ ଜଣେ ଭଲ ଲୋକ ହେଉ । ସବୁ ପୁରୁଷ ଚାହେଁ ଯେ,ତାହାର ସ୍ତ୍ରୀ ଜଣେ ଭଲ ମହିଳା ହେଉ । ସବୁ ଯୁବତୀ ଚାହେଁ ଯେ, ତାହାର ସ୍ୱାମୀ ଜଣେ ଭଲ ବ୍ୟକ୍ତି ହେଉ । ସମସ୍ତେ ଚାହାନ୍ତି ଯେ, ସ୍କୁଲର ଶିକ୍ଷକ ଜଣେ ଭଲ ଶିକ୍ଷକ ହୁଅନ୍ତୁ, ଡାକ୍ତର ଭଲ ଡାକ୍ତର ହୁଅନ୍ତୁ, ଅଫିସର ଭଲ ଅଫିସର ହୁଅନ୍ତୁ । ଯଦି ଆମେ ଆଜି ସମାଜରେ ଭ୍ରଷ୍ଟତାର ପ୍ରାବଲ୍ୟ ଦେଖୁଛେ, ତାହାର କାରଣ ହେଲା ଆମେ ଭଲ ଲୋକଙ୍କୁ ଖୋଜିବାରେ ଅବହେଳା କରି ଦେଇଛୁ, ସେମାନଙ୍କୁ ତାଙ୍କର ପ୍ରାପ୍ୟ ଦେଉ ନାହୁଁ । ଖଳ ପ୍ରକୃତିର ଲୋକଙ୍କୁ ଯେଉଁଭଳି କଠୋର ଭାବରେ ଦମନ କରିବା କଥା ତାହା କରୁ ନାହୁଁ । ଦୋଷୀକୁ ଦଣ୍ଡ ଦେବାରେ କୁଣ୍ଠାବୋଧ କରୁଛୁ ।

## 'ଜନ ଜାଗରଣ ଅଭିଯାନ'ର ଆଭିମୁଖ୍ୟ

'ଜନ ଜାଗରଣ ଅଭିଯାନ'ର ଉଦ୍ଦେଶ୍ୟ ହେଲା ଭଲ ଲୋକଙ୍କୁ ଖୋଜିବା, ତାଙ୍କୁ ପ୍ରାଧାନ୍ୟ ଦେବା, ତାଙ୍କୁ ଭଲ କାମ କରିବାରେ ପ୍ରୋତ୍ସାହନ ଦେବା । ଭଲ କାମ କରିବାକୁ ହେଲେ ପ୍ରଥମେ ଭଲ ଲୋକ ଆଗକୁ ଆସିବା ଦରକାର କାରଣ ଖଳ ପ୍ରକୃତିର ଲୋକଙ୍କଠାରୁ ଭଲ କାମ ଆଶା କରିବା ବୃଥା । ଶୋଚନାର ବିଷୟ ହେଉଛି ଆଜି ଭଲ ଲୋକେ ବାହାରକୁ ଆସୁ ନାହାନ୍ତି । କିନ୍ତୁ ସେମାନଙ୍କର ଆବଶ୍ୟକତା ବଢ଼ି ଯାଇଛି । ପରିବାରଗୁଡ଼ିକ ଖଣ୍ଡ ବିଖଣ୍ଡିତ ହୋଇଯାଇଛି । ଅସହାୟତା ବଢ଼ି ଯାଇଛି । ଦୁଃସମୟରେ, ଥାନାରେ, ଡାକ୍ତରଖାନାରେ ଛିଡ଼ା ହେବା ପାଇଁ କେହି ନାହାଁ । ଯେଉଁମାନେ ଅତି ଗରିବ ସେମାନଙ୍କୁ ଖଣ୍ଡେ ଘରବାରି ଜମି ଯୋଗାଇ ଦେବା ବା ଆବାସ ଯୋଗାଇ ଦେବା, ବା କାର୍ଡ ବା ପେନସନ ମିଳିବାରେ କେହି ସାହାଯ୍ୟ କରିବାକୁ ନାହିଁ । ଅଧିକାଂଶ ଯୋଜନାର ପ୍ରୟୋଗ ରାଜନୈତିକ ଦୃଷ୍ଟିକୋଣରୁ ନିର୍ଣ୍ଣିତ ହେଉଛି । ତେଲିଆ ମୁଣ୍ଡରେ ତେଲ ବୋଳି ଦିଆଯାଉଛି । କିନ୍ତୁ ନୁଖୁରା ମୁଣ୍ଡ ନୁଖୁରା ହିଁ ରହିଯାଉଛି । ନିଃସ୍ୱାର୍ଥପର ସେବା କରିବା ପାଇଁ ଆଜି ମଧ୍ୟ ଅନେକ ଯୁବକ ଯୁବତୀ ଇଚ୍ଛୁକ । କିନ୍ତୁ ସେମାନଙ୍କୁ ସ୍ୱୀକୃତି ମିଳୁ ନାହିଁ । ସେମାନଙ୍କ ପାଇଁ କୌଣସି ସଂଗଠନ ନାହିଁ । "ଜନ ଜାଗରଣ ଅଭିଯାନ" ସେହିମାନଙ୍କୁ ଖୋଜୁଛି ।

ଆଜି ଶିକ୍ଷାକୁ ମୌଳିକ ଅଧିକାର ଭାବରେ ସମ୍ବିଧାନ ସ୍ୱୀକୃତି ଦେଇଛି । କିନ୍ତୁ ତାହାର ଅନେକ ପୂର୍ବରୁ ଓଡ଼ିଶା ତାହାର ଶିକ୍ଷା ବ୍ୟବସ୍ଥା ପାଇଁ ପ୍ରସିଦ୍ଧ ଥିଲା । ଗରିବ କିନ୍ତୁ ମେଧାବୀ ଛାତ୍ରମାନେ ସରକାରୀ ସ୍କୁଲ, କଲେଜରେ ପଢ଼ି ବିଶ୍ୱବିଖ୍ୟାତ ହୋଇପାରିଥିଲେ । ଆଜି ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମିରେ ଅଗ୍ରଗତି ହୋଇଛି, କିନ୍ତୁ ଗୁଣାତ୍ମକ ମାନ କମି ଯାଉଛି । ଏହାର କାରଣ ହେଲା ପୂର୍ବ କାଳରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ଓ ତାହାକୁ ବଢ଼ାଇବାରେ ସମାଜ ଏକ ସକ୍ରିୟ ଭୂମିକା ଗ୍ରହଣ କରୁଥିଲା । ସବୁ ଅଞ୍ଚଳରେ ସଚେତନ ନାଗରିକମାନେ ଏକାଠି ହୋଇ ନୂଆ ହାଇସ୍କୁଲ, କଲେଜମାନ ପ୍ରତିଷ୍ଠା କରୁଥିଲେ । ଆଜି ସେ ଦାୟିତ୍ୱ ଆଉ ସମାଜ ବହନ କରୁ ନାହିଁ । ସ୍କୁଲରେ ପାଠ ପଢ଼ା କିପରି ହେଉଛି ତାହା ଅଭିଭାବକମାନେ ମଧ୍ୟ ପ୍ରଶ୍ନ କରୁ ନାହାନ୍ତି । ଏପରିକି ସ୍କୁଲ ପରିଚାଳନା କମିଟିର ସଭ୍ୟମାନେ ମଧ୍ୟ ଏଥିପ୍ରତି ଉଦାସୀନ ରହୁଛନ୍ତି । ଶିକ୍ଷା ଅବକ୍ଷୟମୁଖୀ ହେବାର ଏକ ପ୍ରମୁଖ କାରଣ ହେଲା ଶିକ୍ଷା ପ୍ରତି ସାଧାରଣ ଉଦାସୀନତା । ଭଲ ଲୋକେ ପୁଣି ଥରେ ନିଜର ବିସ୍ମୃତ ଅଧିକାର ମାଗିବା ଉଚିତ ।

ଶିକ୍ଷା ଭଳି ସ୍ୱାସ୍ଥ୍ୟ ମଧ୍ୟ ଆମର ଅମୂଲ୍ୟ ସମ୍ପଦ । ଯେଉଁ ସମାଜ ଯେତେ ସୁସ୍ଥ ତାହା ସେତେ ବିକଶିତ । କିନ୍ତୁ ଆଜି ସ୍ୱାସ୍ଥ୍ୟ ସମସ୍ୟା ଏକ ଭିନ୍ନ ରୂପ ନେଇଛି । ଭାରତ ଯେତେବେଳେ ସ୍ୱାଧୀନ ହେଲା ସେତେବେଳେ ଲୋକଙ୍କର ଜୀବନକାଳ ଥିଲା ୩୨ ବର୍ଷ । ଆଜି ତାହା ଦ୍ୱିଗୁଣିତ ହୋଇଛି । ଲୋକେ ଅଧିକ ସମୟ ବଞ୍ଚିପାରୁଛନ୍ତି । କିନ୍ତୁ ରୋଗର ମାତ୍ରା ମଧ୍ୟ ବଢିଚାଲିଛି । ଏକ ସମୟରେ ହଇଜା, ବସନ୍ତ, ମ୍ୟାଲେରିଆ ଆଦି ସଂକ୍ରାମକ ରୋଗ ଯୋଗୁଁ ଲୋକେ ମୃତ୍ୟୁ ବରଣ କରୁଥିଲେ । ଆଜି ସେଭଳି ରୋଗର ପ୍ରାଦୁର୍ଭାବ ନାହିଁ । କିନ୍ତୁ ଡାଏବେଟିସ, ହୃଦରୋଗ, କର୍କଟ ଆଦି ଅନେକ ଭୟଙ୍କର ରୋଗ ସମାଜକୁ ଗ୍ରାସ କରିବାରେ ଲାଗିଛି । ଏଗୁଡ଼ିକର ଚିକିତ୍ସା ପାଇଁ ଅନେକ ଉପାୟ ଉଦ୍ଭାବିତ ହୋଇଛି, ନିଦାନ ପାଇଁ ଆଧୁନିକ ଯନ୍ତ୍ରପାତି ପ୍ରସ୍ତୁତ ହୋଇଛି । କିନ୍ତୁ ସରକାରୀ ହସ୍ପିଟାଲରେ ଅନେକ ସମୟରେ ଯନ୍ତ୍ରଗୁଡ଼ିକ କାମ କରୁ ନାହିଁ । ଏପରିକି ନୂଆ ଯନ୍ତ୍ରପାତିଗୁଡ଼ିକର ପାକେଜ ଖୋଲା ନ ଯାଇ ପଡ଼ି ରହୁଛି । ଏ ସବୁ ବିଷୟରେ କେହି ପ୍ରଶ୍ନ କରୁ ନାହିଁ । ବେଳେବେଳେ ଗଣମାଧ୍ୟମରେ ଏ ବିଷୟରେ ସମ୍ବାଦ ପ୍ରକାଶିତ ହେଉଛି। କିନ୍ତୁ ବ୍ୟବସ୍ଥାରେ ବିଶେଷ ପରିବର୍ତ୍ତନ ଲକ୍ଷ୍ୟ କରାଯାଉ ନାହିଁ । ଅନେକ ସମୟରେ ଡାକ୍ତରମାନେ ନିଜ ଉପରୁ ଦାୟିତ୍ୱ ହଟାଇ ପ୍ରାଇଭେଟ ହସ୍ପିଟଲକୁ ରୋଗୀମାନଙ୍କୁ ପଠାଇ ଦେଉଛନ୍ତି । ଏ ବିଷୟରେ କେହି ପ୍ରଶ୍ନ କରୁ ନାହାନ୍ତି । ଶିକ୍ଷା ଭଳି ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟ ଏକ ବ୍ୟବସାୟରେ ପରିଣତ ହୋଇ ଯାଇଛି । ଏହାର ପରିବର୍ତ୍ତନ ଆବଶ୍ୟକ ଏବଂ ଭଲ ଲୋକେ ଏଥିପାଇଁ ଆଗେଇ ଆସିବା ଉଚିତ । ସ୍ୱାସ୍ଥ୍ୟରକ୍ଷା କେବଳ ଔଷଧ ଦ୍ୱାରା ସମ୍ଭବ ନୁହେଁ । ପ୍ରଦୂଷଣ ଯୋଗୁଁ ଓ ବଦଭ୍ୟାସ ଯୋଗୁଁ ଆଜି ଅନେକ ବ୍ୟକ୍ତି ରୋଗଗ୍ରସ୍ତ ହେଉଛନ୍ତି । ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଶରୀରକୁ ସୁସ୍ଥ ରଖିବା ପାଇଁ ଆବଶ୍ୟକ ଜ୍ଞାନର ଘୋର ଅଭାବ ରହିଛି । ଗୋଟିଏ ପଟେ ବହୁରାଷ୍ଟ୍ରୀୟ ଔଷଧ କମ୍ପାନୀଗୁଡ଼ିକର ଚକ୍ରାନ୍ତ ଯୋଗୁଁ ଲୋକେ ଔଷଧ ସେବନ ଉପରେ ମାତ୍ରାଧିକ ନିର୍ଭର କରୁଛନ୍ତି । ଅନ୍ୟ ପଟେ ତଥାକଥିତ ସୁସ୍ଥ ଜୀବନଚର୍ଯ୍ୟା ପାଇଁ ସାମାଜିକ ଗଣମାଧ୍ୟମରେ ଯେଉଁ ଭଳି ଏକ ଭିନ୍ନ ଧରଣର ମାର୍କେଟିଂ ଯୁଦ୍ଧ ଚାଲିଛି ତାହା ଜଣେ ସାଧାରଣ ବ୍ୟକ୍ତିକୁ ସଂଶୟ ଆଡ଼କୁ ଠେଲି ଦେଉଛି । ସୁସ୍ଥ ଜୀବନ ଯାପନ ପାଇଁ ସୁଷମ ଖାଦ୍ୟ, ଉତ୍ତମ ପରିମଳ ବ୍ୟବସ୍ଥା ତଥା ବଦଭ୍ୟାସର ପରିହାର ବିଷୟରେ ଆବଶ୍ୟକ ସଚେତନତାର ଅଭାବ ପରିଲକ୍ଷିତ ହେଉଛି । ଏ ସବୁର ପ୍ରସାର ପାଇଁ ବିବେକବାନ ଡାକ୍ତର ଓ ସଚେତନ ନାଗରିକଙ୍କର ଆବଶ୍ୟକତା ରହିଛି । "ଜନ ଜାଗରଣ ଅଭିଯାନ" ସେଭଳି ଡାକ୍ତରଙ୍କୁ ଖୋଜୁଛି, ସେଭଳି ସ୍ୱେଚ୍ଛାସେବୀଙ୍କୁ ଖୋଜୁଛି ଯେଉଁମାନେ କି ସୁସ୍ଥ ଜୀବନ ବିଷୟରେ ଲୋକଙ୍କୁ ସଚେତନ କରିପାରିବେ ।

ପରିବେଶ ସୁରକ୍ଷା ଆଜି ଏକ ମୌଳିକ ଆବଶ୍ୟକତା । ସୁସ୍ଥ ପରିବେଶ କେବଳ ବ୍ୟକ୍ତିଗତ ସ୍ତରରେ ଦୀର୍ଘ ଜୀବନ ପାଇଁ ଆବଶ୍ୟକ ତାହା ନୁହେଁ, ଏହା ସମଗ୍ର ପୃଥିବୀର ସ୍ଥାୟିତ୍ୱ ପାଇଁ ଅପରିହାର୍ଯ୍ୟ । ପରିବେଶ ସୁରକ୍ଷା କେବଳ ବୃକ୍ଷ ରୋପଣରେ ସୀମିତ ହେବା ଉଚିତ ନୁହେଁ । ପ୍ରଦୂଷଣକୁ ରୋକିବା ପାଇଁ ଯେଉଁ ସବୁ ପଦକ୍ଷେପ ଆବଶ୍ୟକ ତାହା ପାଇଁ ମଧ୍ୟ ପ୍ରଚେଷ୍ଟା ହେବା ଉଚିତ । ପ୍ରଦୂଷଣ ହ୍ରାସ ପାଇଁ ଅନେକ ବୈଜ୍ଞାନିକ ଉପାୟ ରହିଛି । କିନ୍ତୁ ସେ ଉପାୟଗୁଡ଼ିକ ଏଡ଼ାଇ ଯିବା ପାଇଁ ସବୁ ପ୍ରଦୂଷଣକାରୀ ଯତ୍‌ପରୋନାସ୍ତି ଚେଷ୍ଟା କରନ୍ତି । ଏହାକୁ ରୋକିବାକୁ ହେଲେ ସଭ୍ୟ ସମାଜ ସଜାଗ ହେବା ଉଚିତ । କିନ୍ତୁ ପରିବେଶ ପ୍ରଦୂଷଣ ପାଇଁ କେବଳ ଶିଳ୍ପ ସଂସ୍ଥାମାନଙ୍କୁ ଦୋଷ ଦେବା ଯଥେଷ୍ଟ ନୁହେଁ । ଦୈନନ୍ଦିନ ଜୀବନରେ ପ୍ରତ୍ୟେକ ବ୍ୟକ୍ତିର କିଛି ଦାୟିତ୍ୱ ରହିଛି । ପ୍ଲାଷ୍ଟିକ ବ୍ୟବହାର ଠାରୁ ଆରମ୍ଭ କରି ଚାଷ ପଦ୍ଧତି ପର୍ଯ୍ୟନ୍ତ, ଗୋବର ବ୍ୟବହାର ଠାରୁ ଆରମ୍ଭ କରି ଶକ୍ତିବ୍ୟୟ ପର୍ଯ୍ୟନ୍ତ, ଜଳ ସଂରକ୍ଷଣ ଠାରୁ ଆରମ୍ଭ କରି ଖାଦ୍ୟ ଅପଚୟ ପର୍ଯ୍ୟନ୍ତ – ସବୁ କ୍ଷେତ୍ରରେ ପରିବେଶକୁ ଅସନ୍ତୁଳିତ କରିବାର ଉପାଦାନ ରହିଛି । ପରିବେଶ ସୁରକ୍ଷା ପାଇଁ ଏକ ସନ୍ତୁଳିତ ବ୍ୟବସ୍ଥା ଗ୍ରହଣ କରିବାରେ ସଭ୍ୟ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେଥିପାଇଁ 'ଜନ ଜାଗରଣ ଅଭିଯାନ' ଜାଗ୍ରତ ପ୍ରହରୀଙ୍କୁ ଖୋଜୁଛି ।

ଆସନ୍ତା ସପ୍ତାହରେ ଏହି ଆଲୋଚନା ଜାରି ରଖିବା ।

# ପରପାରିରେ ପ୍ରଣବ



ଭୁବନେଶ୍ୱର,୨୨/୦୮ (ଜେଏନ୍‌ଏସ୍): ଓଡ଼ିଆ ସଙ୍ଗୀତ ଜଗତର ସ୍ୱରର ଯାଦୁଗର ପ୍ରଣବ ପଟ୍ଟନାୟକଙ୍କ ପରଲୋକ ଏକ ଅପୂରଣୀୟ କ୍ଷତି । ଗତ ୨୧ ଅଗଷ୍ଟ ୨୦୨୬ (ଶୁକ୍ରବାର) ସକାଳେ ଭୁବନେଶ୍ୱରର ଏକ ବେସରକାରୀ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା । ସେ ତାଙ୍କ ପତ୍ନୀ କସ୍ତୁରୀ ପଟ୍ଟନାୟକ ଏବଂ ଦୁଇ ପୁଅଙ୍କୁ ଛାଡ଼ି ଚାଲିଯାଇଛନ୍ତି । ତାଙ୍କ ବିୟୋଗରେ ଓଡ଼ିଶାର ସଙ୍ଗୀତ କ୍ଷେତ୍ରରେ ଏକ ସୁବର୍ଣ୍ଣ ଯୁଗର ଅବସାନ ଘଟିଛି । ୧୯୩୮ ମସିହା ଜାନୁଆରୀ ୨୦ରେ ଜନ୍ମିତ ପ୍ରଣବ ପଟ୍ଟନାୟକ ୧୯୫୮ ମସିହାରେ 'ମା' ଚଳଚ୍ଚିତ୍ର ମାଧ୍ୟମରେ ଓଡ଼ିଆ ସଙ୍ଗୀତ ଜଗତରେ ପାଦ ଥାପିଥିଲେ । ୫ ଦଶନ୍ଧିରୁ ଅଧିକ ସମୟ ଧରି ସେ ୨୦୦ରୁ ଅଧିକ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ । କେବଳ ପ୍ଲେବ୍ୟାକ୍ ନୁହେଁ, ବରଂ ଓଡ଼ିଶୀ, ଭଜନ, ଗଜଲ୍ ଏବଂ ଆଧୁନିକ ଗୀତ

**୮୮ ବର୍ଷ ବୟସରେ ପରଲୋକ**

ଗାଇ ସେ ସମସ୍ତଙ୍କ ପ୍ରିୟ ହୋଇପାରିଥିଲେ । 'ଶେଷ ଶ୍ରାବଣ' ଚଳଚ୍ଚିତ୍ରର "ମାଝିରେ ଠୁକା ପ୍ରୀତି ନାବୁରୀ" ଏବଂ "ନିଝୁମ ରାତିର ସାଥୀ" ଭଳି ଅନେକ କାଳଜୟୀ ଗୀତ ତାଙ୍କୁ ଅମର କରି ରଖିବ । ସେ ଉଷା ମଙ୍ଗେସକର, ବାଣୀ ଜୟରାମ, ଭୂପିନ୍ଦର ସିଂ ଓ ଏସ. ଜାନକୀଙ୍କ ଭଳି ଦେଶର ପ୍ରଖ୍ୟାତ କଣ୍ଠଶିଳ୍ପୀଙ୍କ ସହ ମଧ୍ୟ ଯୁଗଳ ସଙ୍ଗୀତ ଗାଇଛନ୍ତି । ଓଡ଼ିଆ ପୃଷ୍ଠା-୭

# ପୁଣି ୩୧ରୁ ଆରମ୍ଭ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି



ପୁରୀ, ୨୨/୦୮ (ଜେଏନ୍‌ଏସ୍): ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଗଣତି ଓ ମଣତି ପ୍ରକ୍ରିୟା ଆସନ୍ତା ଅଗଷ୍ଟ ୩୧ ତାରିଖରୁ ପୁଣିଥରେ ଆରମ୍ଭ ହେବାକୁ ଯାଉଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଏବଂ ଉଚ୍ଚସ୍ତରୀୟ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି । ପ୍ରତିଦିନ ମଧ୍ୟାହ୍ନ ଧୂପ ନୀତି ଶେଷ ହେବା ପରେ ଗଣତି ପ୍ରକ୍ରିୟା ଆରମ୍ଭ କରାଯିବ । କେବଳ ସ୍ୱତନ୍ତ୍ର ପରିଚୟପତ୍ର ଥିବା ଏବଂ ପାରମ୍ପରିକ ପୋଷାକ ପରିହିତ ସେବାୟତ ଓ ଅଧିକାରୀମାନଙ୍କୁ ଭଣ୍ଡାର ଘରକୁ ଯିବା ପାଇଁ ଅନୁମତି ମିଳିବ । ସ୍ୱଚ୍ଛତା ରକ୍ଷା କରିବା ପାଇଁ ସମଗ୍ର ପ୍ରକ୍ରିୟାର ଭିଡିଓଗ୍ରାଫି, ଡିଜିଟାଲ୍ ଫଟୋଗ୍ରାଫି ଏବଂ ଉନ୍ନତ ୩ଡି ମ୍ୟାପିଂ କରାଯାଉଛି । ଅଳଙ୍କାର ଏବଂ ମୂଲ୍ୟବାନ ରତ୍ନଗୁଡ଼ିକର ସଠିକ୍ ଚିହ୍ନଟ ପାଇଁ ରତ୍ନ ବିଶେଷଜ୍ଞ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ର ପ୍ରତିନିଧିମାନେ ଉପସ୍ଥିତ ରହୁଛନ୍ତି । ଗଣତି ଚାଲିଥିବା ସମୟରେ ଭକ୍ତମାନେ ଭିତର କାଠ ନିକଟକୁ ଯାଇପାରିବେ ନାହିଁ, ସେମାନେ କେବଳ ବାହାର କାଠରୁ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ।

# ଇଭି ଯାନ ଉପରେ ପରିମିଟ୍ ଫି ଛାଡ଼




ଭୁବନେଶ୍ୱର,୨୨/୦୮ (ଜେଏନ୍‌ଏସ୍): ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟରେ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ଇଭି ଏବଂ ବିକଳ୍ପ ଇନ୍ଧନ ଚାଳିତ ଯାନଗୁଡ଼ିକର ପରମିଟ୍ ଫି' ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି । ଏହି ନୂତନ ନିୟମ ଅନୁସାରେ ବ୍ୟାଟେରୀ ଚାଳିତ ଇଲେକ୍ଟ୍ରିକ୍ ଯାନ,ମେଥାନଲ୍ ଦ୍ୱାରା ଚାଳିତ ପରିବହନ ଯାନ ଏବଂ ଇଥାନଲ୍ ଇନ୍ଧନ ଦ୍ୱାରା ଚାଳିତ ପରିବହନ ଯାନଗୁଡ଼ିକ ପାଇଁ ପରମିଟ୍ ଫି' ଛାଡ଼ କରାଯାଇଛି । ଯେଉଁ ସବୁ ମାଲ୍‌ବାହୀ ଯାନର ସମୁଦାୟ ଓଜନ ବା ଗ୍ରସ୍ ଭେହିକିଲ୍ ୱେଟ୍ ୩,୦୦୦ କିଲୋଗ୍ରାମରୁ କମ୍, ସେଗୁଡ଼ିକୁ ଏହି ପରମିଟ୍ ଫି' ଛାଡ଼ରୁ ବାଦ୍ ଦିଆଯାଇଛି । ସେମାନଙ୍କୁ ପୂର୍ବଭାଳି ନିୟମିତ ଫି' ଦେବାକୁ ପଡ଼ିବ । ସରକାର କେବଳ ପରମିଟ୍ ପାଇଁ ନିଆଯାଉଥିବା 'ଫି' ବା ଶୁଳ୍କକୁ ଛାଡ଼ କରିଛନ୍ତି । ମୋଟର ଯାନ ଅଧିନିୟମ, ୧୯୮୮ ଅନୁଯାୟୀ, ଗାଡ଼ି ମାଲିକମାନଙ୍କୁ ସମ୍ବନ୍ଧିତ ଆରଟିଓ କିମ୍ବା ପରିବହନ କର୍ତ୍ତୃପକ୍ଷଙ୍କ ଠାରୁ ପରମିଟ୍ ହାସଲ କରିବା ବାଧ୍ୟତାମୂଳକ ଅଟେ । ପରମିଟ୍ ଫି' ଛାଡ଼ ହେଲେ ମଧ୍ୟ ଗାଡ଼ିର ଅନ୍ୟ ସମସ୍ତ ଆଇନଗତ ନିୟମ ପାଳନ କରିବାକୁ ହେବ । ଗାଡ଼ିର ବୈଧ ପଞ୍ଜୀକରଣ, ଇନସ୍ୟୁରାନ୍ସ, ଫିଟନେସ୍ ପ୍ରମାଣପତ୍ର ଏବଂ ପଲ୍ୟୁସନ ସାର୍ଟିଫିକେଟ୍ ରହିବା ଆବଶ୍ୟକ । ଏହା ବ୍ୟତୀତ ସରକାରଙ୍କ ଅନ୍ୟାନ୍ୟ ଧାର୍ଯ୍ୟ ଟ୍ୟାକ୍ସ ଏବଂ ଚାର୍ଜେସ ପୈଠ କରିବାକୁ ପଡ଼ିବ । ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ବାୟୁ ପ୍ରଦୂଷଣ ହ୍ରାସ ପାଇବା ସହ ଗ୍ରୀନ୍ ମୋବିଲିଟି ବା ସ୍ୱଚ୍ଛ ପରିବହନ ବ୍ୟବସ୍ଥାକୁ ବଡ଼ ପ୍ରୋତ୍ସାହନ ମିଳିବ ବୋଲି ସରକାର ଆଶା ରଖିଛନ୍ତି ।

# ଗଡ଼ିଲା ପୁରୀ-କୋରାପୁଟ ନୂଆ ଏକ୍ସପ୍ରେସ୍ ଟ୍ରେନ

**ପ୍ରବାସୀଙ୍କ ପାଇଁ ଖୁସି ଖବର | ଏବେ ପ୍ରତିଦିନ ଚାଲିବ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍**



ଭୁବନେଶ୍ୱର,୨୨/୦୮ (ଜେଏନ୍‌ଏସ୍): ଓଡ଼ିଶାରେ ରେଳ ଯୋଗାଯୋଗ କ୍ଷେତ୍ରରେ ଏକ ବଡ଼ ସୁଧାର ଆଣିବା ପାଇଁ ପୁରୀରୁ କୋରାପୁଟ ମଧ୍ୟରେ ନୂଆ ଏକ୍ସପ୍ରେସ୍ ଟ୍ରେନ୍ (୧୮୪୦୭/୧୮୪୦)ର ଶୁଭାରମ୍ଭ କରାଯାଇଛି । ଏହି ନୂଆ ଟ୍ରେନ୍ ସେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମିଳିତ ଭାବେ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି । ଏହା ସହିତ ଗଞ୍ଜାମବାସୀଙ୍କ ପାଇଁ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌କୁ ମଧ୍ୟ ପ୍ରତିଦିନ ଚଳାଚଳ କରିବାକୁ ଘୋଷଣା କରାଯାଇଛି । ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍ ଏହି ଟ୍ରେନ୍ ସପ୍ତାହକୁ ୩ ଦିନ ଚାଲିବ । ପ୍ରତି ସୋମବାର, ଗୁରୁବାର ଏବଂ ଶନିବାର ସକାଳ ୦୭:୦୦ ଟାରେ ଛାଡ଼ି ସେହିଦିନ ରାତି ୨୩ ଟା ୩୦ ମିନିଟ୍‌ରେ କୋରାପୁଟରେ ପହଞ୍ଚିବ । କୋରାପୁଟରୁ (୧୪୦୮) ପ୍ରତି ମଙ୍ଗଳବାର, ଶୁକ୍ରବାର ଏବଂ ରବିବାର ଛାଡ଼ିବ । ଏହି ଟ୍ରେନ୍ ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ୧୯ଟି ପ୍ରମୁଖ ଷ୍ଟେସନରେ ରହିବ । ଏଥିମଧ୍ୟରେ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ରାୟଗଡ଼ ଏବଂ ଦାମନଯୋଡ଼ି ସାମିଲ ରହିଛି । ଏହି ସେବା ଦ୍ୱାରା ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଶ୍ରଦ୍ଧାଳୁମାନେ ଜଗନ୍ନାଥ ଧାମ ପୁରୀକୁ ସହଜରେ ଆସିପାରିବେ । ଏହା ସହ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବ୍ୟବସାୟ ପାଇଁ ଯାତ୍ରା କରୁଥିବା ଲୋକେ ଉପକୃତ ହେବେ । ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍ ପୂର୍ବରୁ ସପ୍ତାହକୁ ୩ ଦିନ ଚାଲୁଥିବା ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସ୍‌କୁ ଏବେ ସମ୍ପୂର୍ଣ୍ଣ ଦୈନିକ କରାଯାଇଛି । ଗଞ୍ଜାମ ଜିଲ୍ଲାରୁ ଗୁଜରାଟର ସୁରଟକୁ କାମ, ବ୍ୟବସାୟ ବା ଶିକ୍ଷା ପାଇଁ ଯାଉଥିବା ହଜାର ହଜାର ପ୍ରବାସୀ ଓଡ଼ିଆଙ୍କ ପାଇଁ ଏହା ଏକ ବଡ଼ ଆଶ୍ୱାସନା ଆଣିଦେଇଛି ।

# ଏନ୍‌ଟିପିସିରେ ଭୟାବହ ବିସ୍ଫୋରଣ : ୫ ଆହତ

ଅନୁଗୋଳ, ୨୨/୦୮ (ଜେଏନ୍‌ଏସ୍) : ଓଡ଼ିଶାର ଅନୁଗୋଳ ଜିଲ୍ଲା କଣିହା ସ୍ଥିତ ଏନ୍‌ଟିପିସି ଥର୍ମାଲ ପାୱାର ପ୍ଲାଣ୍ଟରେ ଏକ ଭୟାବହ ବିସ୍ଫୋରଣ ଏବଂ ଦୁର୍ଘଟଣା ଘଟିଛି । ପ୍ଲାଣ୍ଟର ୟୁନିଟ୍-୧ ର କୋଇଲା ବଙ୍କର-ବିରେ ଏହି ଶକ୍ତିଶାଳୀ ବିସ୍ଫୋରଣ ଘଟିଛି । ଏହି ଦୁର୍ଘଟଣାରେ ସେଠାରେ କାମ କରୁଥିବା ୫ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ପ୍ରଥମେ ପ୍ଲାଣ୍ଟ ପରିସରରେ ଥିବା ଏନ୍‌ଟିପିସି ମେଡିକାଲକୁ ନିଆଯାଇଥିଲା । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ଓ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ସୁଦ୍ଧା ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ିନାହିଁ ଏବଂ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହାର ତଦନ୍ତ ଚାଲିଛି ।

# 'ଗରିମା' କର୍ମଶାଳା 'ମିଶନ-ଶୂନ୍' ଲକ୍ଷ୍ୟ

ଭୁବନେଶ୍ୱର, ୨୨/୦୮ (ଜେଏନ୍‌ଏସ୍): ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ 'ଗରିମା' ଜାତୀୟ କର୍ମଶାଳା ହେଉଛି ପରିମଳ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ଏବଂ ସାମାଜିକ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଏକ ପ୍ରମୁଖ ସମାରୋହ । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିପଜ୍ଜନକ ପରିମଳ କାର୍ଯ୍ୟରେ ମାନବ ନିୟୋଜନକୁ ରୋକିବା ଏବଂ ପରିମଳ କାର୍ଯ୍ୟରେ ଶୂନ ଜୀବନହାନି ସଂକଳ୍ପକୁ ସାକାର କରିବା । ପରିମଳ ପୃଷ୍ଠା-୭

# ଓଡ଼ିଶାରେ ବନ୍ୟା ମହାସଂକଟ ଶତାଧିକ ଗାଁ ପାଣି ଘେରରେ



ଭୁବନେଶ୍ୱର,୨୨/୦୮ (ଜେଏନ୍‌ଏସ୍): ଓଡ଼ିଶାରେ ଲଘୁଚାପ ଜନିତ ଲଗାତାର ବର୍ଷା ଯୋଗୁଁ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବନ୍ୟା ପରିସ୍ଥିତି ଜଟିଳ ରୂପ ଧାରଣ କରିଛି । ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ପ୍ରଭାବରେ ରାଜ୍ୟର ଅନେକ ନଦୀ ବିପଦ ସଙ୍କେତ ଉପରେ କିମ୍ବା ନିକଟରେ ପ୍ରବାହିତ ହେଉଛନ୍ତି । ଭାରତୀୟ ପାଣିପାଗ ବିଭାଗ ଆଗାମୀ ଅଗଷ୍ଟ ୨୭-୨୮ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି । ବନ୍ୟା ଦ୍ୱାରା ମୁଖ୍ୟତଃ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି । ସରକାରୀ ସୂଚନା ଅନୁସାରେ ଏହି ସବୁ ଜିଲ୍ଲାର ଶତାଧିକ ଗାଁ ବନ୍ୟା ଜଳରେ ବୁଡ଼ି ରହିଥିବା ବେଳେ ୧୩.୪୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୨.୩୭ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଇଛି ଏବଂ ସେମାନଙ୍କୁ ପ୍ରାୟ ୨୯୩ରୁ ଅଧିକ ଆଶ୍ରୟ ସ୍ଥଳୀରେ ରଖାଯାଇ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ସୁବର୍ଣ୍ଣରେଖା, ବୈତରଣୀ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ ଏବଂ ଜଳକା ନଦୀର ଜଳସ୍ତର ଲଗାଣ ବର୍ଷା ଯୋଗୁଁ ଫୁଲିବାରେ ଲାଗିଛି, ଯାହା ବାଲେଶ୍ୱର ଓ ଭଦ୍ରକ ଅଞ୍ଚଳରେ ବନ୍ୟା ସ୍ଥିତିକୁ ଆହୁରି ସଂକଟଜନକ କରିଛି ।

- ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ସ୍ଥିତି ଗମ୍ଭୀର
- ଜଳବନ୍ଦୀ ଅଞ୍ଚଳରେ ବନ୍ଦ ରହିଲା ସ୍କୁଲ୍
- ଉଦ୍ଧାର କାର୍ଯ୍ୟରେ ନିୟୋଜିତ ୧୦୦ରୁ ଅଧିକ ଏନ୍‌ଡିଆର୍‌ଏଫ୍ ଓ ଓଡ୍ରାଫ୍

କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ଯୋଗୁଁ ନୂଆ କରାଯାଇଥିବା ଏନ୍‌ଏଚ୍-୫୩ ର ଏକ ଅଂଶ ଭୁଶୁଡ଼ି ପଡ଼ିଥିବା ବେଳେ ଏନ୍‌ଏଚ୍-୪୯ ରେ ମଧ୍ୟ ଭୂସ୍ଖଳନ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି । କିଛି ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହେବା କାରଣରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷାକୁ ମଧ୍ୟ ସ୍ଥଗିତ ରଖିବାକୁ ପଡ଼ିଛି । ବାଲେଶ୍ୱର, ମୟୂରଭଞ୍ଜ ଏବଂ କେନ୍ଦୁଝର ଭଳି ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ସରକାର ବନ୍ଦ ରଖିଛନ୍ତି । ଭାରତୀୟ ପାଣିପାଗ ବିଭାଗ ଅନୁସାରେ ଓଡ଼ିଶାରେ ଚଳିତ ବର୍ଷ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ସ୍ୱାଭାବିକଠାରୁ ପ୍ରାୟ ୨୮% ଅଧିକ ବର୍ଷା ରେକର୍ଡ ହୋଇସାରିଛି । ଆଗାମୀ ୫ ଦିନ ଅର୍ଥାତ୍ ଅଗଷ୍ଟ ୨୩, ୨୪, ୨୫, ୨୬, ୨୭ ଏବଂ ୨୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିବ ବୋଲି ସୂଚନା ଦିଆଯାଇଛି । ଏହା ସ୍ଥିତିକୁ ପୃଷ୍ଠା-୭

## ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ

# ମୁଖ୍ୟ ଅତିଥି ଭାବେ ଯୋଗ ଦେଲେ ଖୋର୍ଦ୍ଧା ଜିଲ୍ଲାପାଳ

ଖୋର୍ଦ୍ଧା, ୨୨/୦୮ (ଜେଏନ୍ଏସ୍): ସ୍ୱାଧୀନତା ପାଇଁ ଅନେକ ବଳିଦାନ ଦେଇଛନ୍ତି। ସ୍ୱାଧୀନ ଭାରତ ନାଗରିକ ଭାବେ ଆମେ ନିଜକୁ ଗର୍ବିତ ଅନୁଭବ କରିବା ଉଚିତ। ଦେଶର ଏକତା, ଅଖଣ୍ଡତା, ସଶକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ, ସହଭାଗିତାରେ ଏହାର ଗୌରବ ଅକ୍ଷୁଣ୍ଣ ରହିବ। ଏହି ସଂକଳ୍ପ ଏବଂ ସ୍ମୃତିଚାରଣ ମଧ୍ୟରେ ପ୍ରତ୍ୟେକ ଭାରତୀୟ ଅଭିମନ୍ତ୍ରିତ ହେଲେ ନୂତନ ସୂର୍ଯ୍ୟୋଦୟର ଅଭ୍ୟୁଦୟ ହେବ। ପ୍ରତ୍ୟେକ ବ୍ୟକ୍ତି ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ହେଲେ ବିକଶିତ ଭାରତ ପରିକଳ୍ପନା ସଫଳ ହେବ। ପଛୁଆ ବର୍ଗ, ଗରିବ, ନିଷ୍ପେସିତ ବ୍ୟକ୍ତିଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ ହେଉ। ବ୍ୟକ୍ତି ତା'ର ପରିବାର ସହ ସମାଜ, ରାଷ୍ଟ୍ରର ପ୍ରଗତି, ଅଧିକାର ପ୍ରତି ସଚେତନ ହେଲେ ସ୍ୱର୍ଣ୍ଣିମ ଭାରତ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସରେ ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି। ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଆୟୋଜିତ ୮୦ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଜାତୀୟ ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ସେ ମାତୃଭୂମି ଓ ଦେଶ ପ୍ରତି ସେବା ଓ ସମର୍ପଣ ଭାବ ରଖିବାକୁ କହିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ସ୍ଥାନ ସ୍ୱତନ୍ତ୍ର। ସ୍ୱାଧୀନତା ସଂଗ୍ରାମରେ ପାଇକ ବୀରଙ୍କ ତ୍ୟାଗ, ଶୌର୍ଯ୍ୟ ଅତୁଳନୀୟ। ଘୁମୁସର କନ୍ଧ ମେଳି, ରେଣ୍ଡୋ ମାଝିଙ୍କ ସଶସ୍ତ୍ର ସଂଗ୍ରାମ, ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ, ବିପ୍ଳବୀ ସଂଗ୍ରାମୀ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁଙ୍କ ପରାକ୍ରମ, ସେବାର ପୂଜାରୀ ଗୋପବନ୍ଧୁ ଦାଶଙ୍କ ଅବଦାନ, ଆଇନଜୀବୀ ମଧୁସୂଦନ ଦାସଙ୍କ ରାଜନୈତିକ, ଆଇନଗତ ଲଢେଇ ପ୍ରଦେଶ ଗଠନ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଏଥିସହିତ ସାହିତ୍ୟିକମାନେ ନୂତନ ପ୍ରଭାବମାନ ସୃଷ୍ଟି କରି ସ୍ୱାଧୀନତା ସଂଗ୍ରାମର ବହ୍ନିକୁ ପ୍ରଜ୍ୱଳିତ କରିଥିଲେ। ଫକୀରମୋହନଙ୍କଠାରୁ ମଧୁସୂଦନ ରାଓଙ୍କ ପର୍ଯ୍ୟନ୍ତ ଅବଦାନ ଅତୁଳନୀୟ। ଖୋର୍ଦ୍ଧା ବୀରତ୍ୱ ମାଟି ଓ ଏହି ମାଟି ପାଇଁ ଓଡ଼ିଶାବାସୀ ଗର୍ବିତ। ଖୁର ଧାର ଯେଭଳି ଶାଣିତ ଥାଏ, ଏହି ମାଟିର ପାଣିପବନ, ବ୍ୟକ୍ତିଙ୍କ ମଧ୍ୟରେ ସ୍ୱାଭିମାନ ଭରି ରହିଛି। ଓଡ଼ିଶାର ଅସ୍ମିତା, ସ୍ୱାଭିମାନ ଖୋର୍ଦ୍ଧାଗଡ଼ର ଇତିହାସ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ। ସେହି ଶାଣିତ ସ୍ୱର ମନରୁ ଲିଭି ନ ଯାଉ। ୧୮୦୩ର ଜୟୀ ରାଜଗୁରୁଙ୍କ ଯୁଦ୍ଧ, ୧୮୧୭ର ପାଇକ ବିଦ୍ରୋହ, ୧୮୨୭ରେ ତାପଙ୍ଗଗଡ଼ ଯୁଦ୍ଧ ଆଜି ବି ମନରେ ଶିହରଣ ସୃଷ୍ଟି କରେ। ଇତିହାସରେ ଏହାର ଗୌରବମୟ ଗାଥା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଜିଲ୍ଲାପାଳ କହିଥିଲେ। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ବର୍ଗରେ ଅନୁଷ୍ଠିତ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହି ଜିଲ୍ଲାସ୍ତରୀୟ ପରେଡରେ ୫୬ଟି ଦଳ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଦେଶଭକ୍ତିଭରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଡ଼କ ପରିବହନ, ଶିଶୁ ଓ ମହିଳା ବିଭାଗ, କୃଷି ବିଭାଗ ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା। ଖୋର୍ଦ୍ଧା ଏସପି ପରମାର ସ୍ମିତ ପରଷୋତ୍ତମ ଦାସ, ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଇନ୍ସପେକ୍ଟର ବିଜୟ କୁମାର ସାହୁ ପରେଡ ପରିଚାଳନା କରିଥିଲେ।



# ଯାଜପୁର ବନ୍ୟାଞ୍ଚଳରେ ହାଇଡ୍ରାମା

## ମୁହାଁମୁହିଁ ହେଲେ ବିଜେପି-ବିଜେଡି

## ରାସ୍ତାରେ ବସିଲେ ପ୍ରମିଳା ଓ ସୁଜାତା

ଯାଜପୁର, ୨୨/୦୮ (ଜେଏନ୍ଏସ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯାଜପୁର ବନ୍ୟାଞ୍ଚଳ ଗସ୍ତ ସମୟରେ ବିଜେପି ଏବଂ ବିଜେଡି ସମର୍ଥକଙ୍କ ମଧ୍ୟରେ ତୀବ୍ର ରାଜନୈତିକ ମୁହାଁମୁହିଁ ଓ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ

- 'ଫ୍ଲଡ୍ ଟୁରିଜିମ୍' କହି ବିଜେଡିର ହଙ୍ଗାମା
- ଥାନାରେ ଏତଲା ଦେଲେ ନେତା-କର୍ମୀ

ପାଇଁ ଯାଇଥିଲେ। ଏହି ସମୟରେ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଏବଂ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟମନ୍ତ୍ରୀଙ୍କ ସହ ରେସକ୍ୟୁ ବୋଟ୍ (ଉଦ୍ଧାରକାରୀ ଡଙ୍ଗା) ରେ ଯିବାକୁ ଚାହିଁଥିଲେ। ଜିଲ୍ଲା ପ୍ରଶାସନ ସୁରକ୍ଷା କାରଣ ଦର୍ଶାଇ ସେମାନଙ୍କୁ ବୋଟ୍‌ରେ ଯିବାକୁ ଅନୁମତି ଦେଇନଥିଲେ। ବିଜେଡି ନେତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାସନ ଜନପ୍ରତିନିଧିଙ୍କୁ ବାଦ୍ ଦେଇ ବିଜେପି କର୍ମୀଙ୍କୁ ବୋଟ୍‌ରେ ନେଇଥିଲା। ଏହି ଘଟଣା ପରେ ପିଟିରି ଛକଠାରେ ଉଭୟ ବିଜେପି ଏବଂ ବିଜେଡି ସମର୍ଥକଙ୍କ ମଧ୍ୟରେ ଜୋରଦାର ସ୍ଲୋଗାନବାଜି ଏବଂ ଠେଲାପେଲା ହୋଇଥିଲା। ଅପମାନିତ ଅନୁଭବ କରି ବିଧାୟିକା ପ୍ରମିଳା ମଲ୍ଲିକ ଓ ସୁଜାତା ସାହୁ ନିଜ ସମର୍ଥକମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଫେରିବା ରାସ୍ତାରେ ଧାରଣା ଦେଇ ବସିଥିଲେ। ଏହି ଘଟଣାକୁ ନେଇ ଯାଜପୁର ବିଧାୟିକା ସୁଜାତା ସାହୁ ବିଜେପି କର୍ମୀଙ୍କ ବିରୋଧରେ ଦଶରଥପୁର ଥାନାରେ ଦୁର୍ବ୍ୟବହାର ଅଭିଯୋଗ କରି ଏଫ୍ଆଇଆର୍ ଦେଇଛନ୍ତି। ଏହି ଘଟଣାରେ ପୋଲିସ ପକ୍ଷରୁ ପାଖାପାଖି ୪ଟି ମାମଲା ରୁଜୁ କରାଯାଇଛି। ପ୍ରମିଳା ମଲ୍ଲିକ କହିଛନ୍ତି ଯେ, "ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ବୁଲିବାକୁ ନୁହେଁ, ବରଂ ଫ୍ଲଡ୍ ଟୁରିଜିମ୍ ପାଇଁ ଆସିଛନ୍ତି। ସ୍ଥାନୀୟ ବିଧାୟକଙ୍କୁ ବାଦ୍ ଦେବା ସମ୍ପୂର୍ଣ୍ଣ ଗଣତନ୍ତ୍ର ବିରୋଧୀ। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର କହିଛନ୍ତି ଯେ, ଏଥିରେ କୌଣସି ଖରାପ ଉଦ୍ଦେଶ୍ୟ ନଥିଲା, କେବଳ ସୁରକ୍ଷାଗତ କାରଣରୁ ସମସ୍ତଙ୍କୁ ବୋଟ୍‌ରେ ସ୍ଥାନ ଦେବା ସମ୍ଭବ ହୋଇନଥିଲା। ବିଜେପି ନେତାମାନେ ଏହାକୁ ବିଜେଡିର ସସ୍ତା ରାଜନୀତି ବୋଲି ଆଖ୍ୟା ଦେଇଛନ୍ତି।



# ବାହାରେ ନାରାବାଜି, ଭିତରେ ବୈଠକ

କୋରାପୁଟ, ୨୨/୦୮ (ଶରତ ନାୟକଙ୍କ ରିପୋର୍ଟ): କୋରାପୁଟ-ରାୟଗଡା ଜିଲ୍ଲାର ମଧ୍ୟଭାଗରେ ପ୍ରସ୍ତାବିତ ଆଦିତ୍ୟ ଆଲୁମିନା କମ୍ପାନୀର ପୁର୍ନବାସ ଥଇଥାନ ପରାମର୍ଶଦାତା କମିଟିର ପଞ୍ଚମ ବୈଠକ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଠାରେ ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ଙ୍କ ସହିତ ଦୁଇଟି ବିଧାନସଭା ମଣ୍ଡଳୀର ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ରାୟଗଡା ଜିଲ୍ଲପାଳ ଆଶୁତୋଷ କୁଲକର୍ଣ୍ଣି, ରାୟଗଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, କୋରାପୁଟ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ଥିଲେ। ଏଠାରେ ବିସ୍ଥାପନ ଓ ଥଇଥାନ ନିମନ୍ତେ ଏକ ଉପ କମିଟି ଗଠନ କରାଯାଇଛି। ଯେଉଁଥିରେ ଦୁଇଟି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସମେତ ଉପଜିଲାପାଳ, ଭୂମି ଅଧିଗ୍ରହଣ ଅଧିକାରୀ ଓ ଆଦିତ୍ୟ ଆଲୁମିନା କାରଖାନାର ପ୍ରତିନିଧି ରହିବେ। ଦୁଇ ମାସ ମଧ୍ୟରେ କମିଟି ସମସ୍ତ ବିଷୟ ଉପରେ ତର୍ଜମା କରି ସମସ୍ତ ବିଷୟର ସମାଧାନ କରିବାକୁ କୁହାଯାଇଛି। ସେହିପରି ସାମାଜିକ ଦାୟିତ୍ୱ ବୋଧ ଉପରେ ଗୁରୁତ୍ୱ ଦିଆଯିବାକୁ କୁହାଯାଇଛି।

ସୂଚନାଯୋଗ୍ୟ ୧୯୯୮ ମସିହାରୁ ହିଣ୍ଡାଲକୋ (ଆଦିତ୍ୟ ଆଲୁମିନା) କମ୍ପାନୀ କାରଖାନା ପ୍ରତିଷ୍ଠା କରିବ ବୋଲି ସର୍ଭେ କାର୍ଯ୍ୟ ଆରମ୍ଭ ହେବା ସହିତ ୨୦୦୬ରେ ଭୂମି ଅଧିଗ୍ରହଣ କରାଯାଇଥିଲା। ସେହିପରି କମ୍ପାନୀ କଞ୍ଚାମାଲ (ବକ୍ସାଇଟ୍) ନେବା ପାଇଁ ମଧ୍ୟ କୋରାପୁଟ - ରାୟଗଡା ଜିଲ୍ଲାର ମଧ୍ୟଭାଗରେ ଥିବା କୋଡିଙ୍ଗା ମାଳିରୁ କଞ୍ଚାମାଲ ନେବାପାଇଁ ସରକାରଙ୍କ ସହିତ ଚୁକ୍ତି କରି ଲିଜ୍ ନେଇଥିଲା। ଅବଶ୍ୟ ଠିକ୍ ସମୟରେ ଖନନ ନକରିବାରୁ ସରକାର ଚୁକ୍ତି ବାତିଲ୍ କରି ଖଣି ନିଗମ ଦ୍ୱାରା ଟେଣ୍ଡର କରି ବିକ୍ରି କରାଯାଉଛି। ସେଥିରୁ ବେଦାନ୍ତ କମ୍ପାନୀ ନେଉଥିବା ବେଳେ ୩.୫ ମିଲିୟନ ଟ୍ରନ୍ ରୁ ୬ ମିଲିୟନ ଟ୍ରନ୍ କୁ ବୃଦ୍ଧି ପାଇଲେ ଆଦିତ୍ୟ ଆଲୁମିନା କମ୍ପାନୀ ନେବାକୁ ସ୍ଥିର ହୋଇଛି। ତେବେ କାରଖାନା ଚାଲିବା ପାଇଁ ଆହୁରି ଦେଢବର୍ଷ ରୁ ଉର୍ଦ୍ଧ୍ୱ ସମୟ ଲାଗିବ ବୋଲି କୁହାଯାଉଛି। ସ୍ଥାନୀୟ ଅଞ୍ଚଳ ବାସୀ ଆଶା ବାନ୍ଧିଥିଲେ କମ୍ପାନୀ ପ୍ରତିଷ୍ଠା ହେଲେ ସେମାନଙ୍କ ପିଲାମାନେ ଶିକ୍ଷାଗତ ଯୋଗ୍ୟତା ଅନୁସାରେ କାରଖାନାରେ ଚାକିରୀ କରିବେବୋଲି। ଏପରିକି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଯେଉଁ ମାନେ କମ୍ପାନୀକୁ ଜମି ଏହି ଆଶାରେ ଜମି ଦେଇଥିଲେ ସେମାନେ କାରଖାନା ପ୍ରତିଷ୍ଠାରେ ବିଳମ୍ବ କାରଣରୁ ତାହାକୁ ବସି ବସି ଖାଇଦେଲେ।

ଏପରିକି ଅନେକ ଆଦିବାସୀ କମ୍ପାନୀକୁ ଜମି ଦେଇ ସର୍ବସ୍ୱାନ୍ତ ହୋଇଗଲେ। ସେହିପରି ଅନେକ ପରିବାର ଯେଉଁ ମାନେ କି ଅନେକ ଯେଉଁ ମାନଙ୍କ ନାମରେ ସେହି ଜମିର ପଟ୍ଟା ନଥିଲା କମ୍ପାନୀ ସେହି ଜଗାକୁ ଅଧିଗ୍ରହଣ କରିବାର ଅଛି। ସେମାନଙ୍କୁ ସେଠାରୁ ସ୍ଥାନାନ୍ତର କରାଯାଇ ଅନ୍ୟତ୍ର ଥଇଥାନ କରାଯିବ। ତେବେ ସେମାନଙ୍କ ନାମରେ ପଟ୍ଟା ନଥିବା କାରଣରୁ ଅଧିକ କୌଣସି ସୁବିଧା ମିଳିବାର ସମ୍ଭାବନା ନାହିଁ। ଯେଉଁଥିପାଇଁ ସେମାନେ ସେହି ଜାଗା ଛାଡିବା ପାଇଁ ରାଜି ହେଉନାହାଁନ୍ତି। ଏପରିକି ବିସ୍ଥାପନ ପାଇଁ ୪୫ ଟି ପରିବାରକୁ ହିସାବକୁ ନିଆ ଯାଉଥିବା ବେଳେ ବର୍ତ୍ତମାନ ଏହି ପରିବାର ସଂଖ୍ୟା ୨୦୯ ରେ ପହଞ୍ଚିଛି। ଏଣୁ ବିସ୍ଥାପନ ବୋଲି ୪୫ ପରିବାରକୁ ମାନ୍ୟତା ଦେବାପାଇଁ କମ୍ପାନୀ କହୁଥିବା ବେଳେ ବିସ୍ଥାପିତ ହେବାକୁ ଥିବା ବିରିଗୁଡ଼ା କଲୋନୀ ବାସୀ ଏଥିରେ ସମ୍ମତ ନୁହନ୍ତି। ସେମାନଙ୍କ ଦାବି ହେଉଛି ସମସ୍ତ ୨୦୯ ପରିବାରକୁ ବିସ୍ଥାପନ ଘୋଷଣା କରାଯାଇ ସମସ୍ତ ସୁବିଧା ଯୋଗାଇ ଦିଆଯାଉ।




ଆଦିତ୍ୟ ଆଲୁମିନା କମ୍ପାନୀର ପୁନର୍ବାସ ଏବଂ ପାରିପାର୍ଶ୍ୱିକ ବିକାଶ ପରାମର୍ଶଦାତା ବୈଠକ

## ଓଡ଼ିଶା ଉପକୂଳରେ ହୋଇପାରେ ଭୂମିକମ୍ପ

ଭୁବନେଶ୍ୱର, ୨୨/୦୮: ସମ୍ପ୍ରତି ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ନିକଟ ଭବିଷ୍ୟତରେ ଭୂକମ୍ପ ଆସିବାର ସମ୍ଭାବନା ନେଇ ଭୂବିଜ୍ଞାନୀ ଏବଂ ବିଶେଷଜ୍ଞମାନେ ସତର୍କତା ଜାରି କରିଛନ୍ତି। ପୃଥିବୀ ଭିତରେ ଥିବା ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକର କ୍ରମାଗତ ଚଳନ ଏବଂ ଭୂତଳ ଚାପ ଯୋଗୁଁ ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଭୂକମ୍ପିତ ହେବାର ଆଶଙ୍କା ଦେଖାଦେଇଛି। ଗତ ୧୨ ବର୍ଷ ଭିତରେ ୨ଟି ଭୂକମ୍ପ ଝଟକା ଓଡ଼ିଶାକୁ ଥରାଇ ଦେଇଥିଲା। ୨୦୧୪ ଓ ୨୦୨୫ର ଭୂକମ୍ପ କମ୍ପନ ଛାତିରେ ଛନକା ଭରି ଦେଇଥିଲା। ଏହା ଠାରୁ ବି ବଡ଼ ଧରଣର ଶକ୍ତିଶାଳୀ ଭୂମିକମ୍ପ ଆଗକୁ ଆସିପାରେ। ତୀବ୍ରତା ୬-୭ଟପିପାରେ। ବଙ୍ଗୋପସାଗର ଏମିତି କିଛି ସଙ୍କେତ ଦେଖାଇଲାଣି। ବର୍ଷ ବର୍ଷ ଧରି ସମୁଦ୍ର ଗର୍ଭରେ ଦବି ରହିଥିବା ଦୁର୍ବଳ ଭୂଖଣ୍ଡ ତଳୁ ଉଠିପାରେ କମ୍ପନର ଶକ୍ତିଶାଳୀ ବିସ୍ଫୋରଣ। ଦୋହଲାଇ ଦେଇପାରେ ଉପକୂଳ ଓଡ଼ିଶା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ। ଆଇଆଇଟି ଖଡ଼ଗପୁରର ଭୂତତ୍ତ୍ୱ ବିଜ୍ଞାନ ଗବେଷକ ଟିମର ସଦ୍ୟ ପ୍ରକାଶିତ ଗବେଷଣା ରିପୋର୍ଟରୁ ଯେଉଁ ତଥ୍ୟ ମିଳିଛି, ତାହା ଭୟାନକ ସଙ୍କେତ ଦେଉଛି। ଶାନ୍ତ ବଙ୍ଗୋପସାଗର ଗର୍ଭ ଭିତରେ କିଛି ବଡ଼ ଧରଣର ହଲଚଲ୍ ଆରମ୍ଭ ହେଲାଣି। ଆଗାମୀଦିନରେ ବଙ୍ଗୋପସାଗର ଏକ ପ୍ରମୁଖ ଭୂକମ୍ପ ସମ୍ବେଦନଶୀଳ କ୍ଷେତ୍ର ରୂପ ନେଇପାରେ।

# ଓଡ଼ିଶା ହାଇକୋର୍ଟରେ ୪ ନୂଆ ବିଚାରପତି

କଟକ, ୨୨/୦୮ (ଜେଏନ୍ଏସ୍): ଓଡ଼ିଶା ହାଇକୋର୍ଟରେ ୪ ଜଣ ନୂଆ ବିଚାରପତିଙ୍କ ନିଯୁକ୍ତି ପ୍ରସ୍ତାବକୁ ସୁପ୍ରିମକୋର୍ଟ କଲେଜିୟମ୍ ମଞ୍ଜୁରି ପ୍ରଦାନ କରିଛନ୍ତି. ଭାରତର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଲେଜିୟମ୍ ବୈଠକରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତ କରିବା ପାଇଁ ୪ ଜଣ ବରିଷ୍ଠ ଆଇନଜୀବୀଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିସ କରାଯାଇଛି। ନୂଆ ବିଚାରପତି ଭାବେ ସୁପାରିସ ହୋଇଥିବା ଆଇନଜୀବୀ ସସ୍ମିତା ତ୍ରିପାଠୀ। ସେ ସୁପ୍ରିମକୋର୍ଟରେ ଜଣେ ସଫଳ ଆଇନଜୀବୀ ଭାବେ କାର୍ଯ୍ୟ କରୁଛନ୍ତି। ଆଦିତ୍ୟ ନାରାୟଣ ଦାସ ଓଡ଼ିଶା ହାଇକୋର୍ଟ ବାର୍‌ର ଜଣେ ବରିଷ୍ଠ ତଥା ଅଭିଜ୍ଞ ଆଇନଜୀବୀ। ସେହିପରି ରଞ୍ଜିତ ରାୟ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରତିଷ୍ଠିତ ଆଇନଜୀବୀ। ଆଉ ଜଣେ ଗୌତମ ମିଶ୍ର ଆଇନ କ୍ଷେତ୍ରରେ ଦୀର୍ଘ ଦିନର ଅଭିଜ୍ଞତା ଥିବା ଜଣେ ବରିଷ୍ଠ ଆଇନଜୀବୀ। ଓଡ଼ିଶା ହାଇକୋର୍ଟରେ ବର୍ତ୍ତମାନ ବିଚାରପତିଙ୍କ ସଙ୍କଟ ଦେଖା ଦେଇଛି। ଓଡ଼ିଶା ହାଇକୋର୍ଟରେ ମଞ୍ଜୁରୀପ୍ରାପ୍ତ ମୋଟ ବିଚାରପତି ପଦବୀ ସଂଖ୍ୟା ୩୩ ହୋଇଥିବା ବେଳେ ବର୍ତ୍ତମାନ ମାତ୍ର ୧୭ ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି। ହାଇକୋର୍ଟରେ ପ୍ରାୟ ୧.୭୨ ଲକ୍ଷରୁ ଅଧିକ ମାମଲା ବିଚାରାଧୀନ ରହିଛି। ନୂଆ ନିଯୁକ୍ତିର ବହୁ ଆବଶ୍ୟକତା ରହିଛି। କେନ୍ଦ୍ର ସରକାରଙ୍କ ଠାରୁ ଚୂଡ଼ାନ୍ତ ମୋହର ବାଜିବା ପରେ ଏହି ୪ ଜଣ ବିଚାରପତି ନିଯୁକ୍ତ ହେଲେ ଓଡ଼ିଶାର ନ୍ୟାୟିକ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ।



ପ୍ରସ୍ତାବକୁ ସୁପ୍ରିମକୋର୍ଟ କଲେଜିୟମର ଗ୍ରୀନ୍ ସିଗନାଲ୍

# କେନ୍ଦ୍ରାପଡ଼ାରେ ବିଡିଓ-ବିଜେପି ନେତା ଟକ୍କର

କେନ୍ଦ୍ରାପଡ଼ା, ୨୨/୦୮ (ଜେଏନ୍ଏସ୍): କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକର ବିଡିଓ ନମିତା ବାରିକ ଏବଂ ବିଜେପି ନେତା ଉମାକାନ୍ତ ପଟ୍ଟନାୟକଙ୍କ ମଧ୍ୟରେ ଘଟିଥିବା ବିବାଦ ଏବେ ଓଡ଼ିଶା ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଡିଓଙ୍କୁ ଦୁର୍ବ୍ୟବହାର ଓ ଧମକ ଦେବା ଅଭିଯୋଗକୁ ନେଇ ବ୍ଲକ କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ବିଜେପି ନେତା ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ଅଭିଯୋଗ ଅନୁଯାୟୀ, ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଡେରାବିଶ ବ୍ଲକ କାର୍ଯ୍ୟାଳୟକୁ ଯାଇ କୌଣସି ସରକାରୀ ଯୋଜନା ଓ ଦୁର୍ନୀତି ପ୍ରସଙ୍ଗରେ ଆଲୋଚନା ବେଳେ ବିଡିଓ ନମିତା ବାରିକଙ୍କୁ ଅସଦାଚରଣ ଏବଂ ମାନସିକ ନିର୍ଯାତନା ଦେଇଥିଲେ। ଏହାପରେ ବିଡିଓ ଜଣକ ସେଠାରେ ହିଁ ଅଚେତ ହୋଇପଡ଼ିଥିଲେ। ଏହି ଘଟଣା ବିରୋଧରେ ଡେରାବିଶ ବ୍ଲକର ସମସ୍ତ ସରକାରୀ କର୍ମଚାରୀ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଏବଂ ବିଜେପି ନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଏଫ୍ଆଇଆର୍ ରୁଜୁ କରିଛନ୍ତି। ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଏକ ପ୍ରେସମିଟ୍ କରି ତାଙ୍କ ଉପରେ ଲଗାଯାଇଥିବା ସମସ୍ତ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଥ୍ୟା ବୋଲି କହିଛନ୍ତି। ସେ କହିଛନ୍ତି ଯେ ସେ ବ୍ଲକରେ ଚାଲିଥିବା ବ୍ୟାପକ ଦୁର୍ନୀତି ଏବଂ ପିଇଓମାନଙ୍କର ବାରମ୍ବାର ବଦଳି ପ୍ରସଙ୍ଗରେ ପ୍ରଶ୍ନ କରିବାକୁ ଯାଇଥିଲେ। ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ସେହି ସମୟର ବିଡିଓ କାର୍ଯ୍ୟାଳୟର ସିସିଟିଭି ଫୁଟେଜ୍ ସାର୍ବଜନୀନ କରାଯାଉ ଏବଂ ଏହାର ଉଚିତ୍ ତଦନ୍ତ ହେଉ ବୋଲି ସେ ଦାବି କରିଛନ୍ତି।



ଦୁର୍ନୀତି ଅଭିଯୋଗ ଭିତରେ ଅଫିସର ଓ ନେତା ମୁହାଁମୁହିଁ

**ଅନୁଗୁଳ ବନ୍ଦ**

# ଦୀର୍ଘ ନୀରବତା ପରେ କଂଗ୍ରେସର ଆନ୍ଦୋଳନ

ଅନୁଗୁଳ, ୨୨/୦୮ (ବିଜୟ କୁମାର ସ୍ୱାଇଁ): ପ୍ରଦୂଷଣ ପାଇଁ ଆନ୍ଦୋଳନର ଅୟମାରମ୍ଭ। କିଛି ବର୍ଷର ବ୍ୟବଧାନ ପରେ ଗତ ବାର ତାରିଖରେ ଅନୁଗୁଳ ବନ୍ଦ ଡାକରା ଏକ ପ୍ରକାର ସଫଳ ହୋଇଛି ବୋଲି ଦାବୀ କରାଯାଇଛି। ଏହି ଘଟଣା ବିରୋଧୀ କଂଗ୍ରେସ ଦଳକୁ ବେଶ ଉତ୍ସାହିତ କରିଛି। ପ୍ରାୟ କଂଗ୍ରେସ ନେତା ଏକାଠି ବନ୍ଦ ସମୟରେ ଆନ୍ଦୋଳନରେ ଭାଗ ନେବା ଘଟଣା ରାଜନୈତିକ ମହଲରେ ଏକ ସନ୍ଦେଶ ପହଂଚିଲା। ଅଧିକାଂଶ କଂଗ୍ରେସ ନେତା ଏକାଠି ହୋଇ ବନ୍ଦ ର ସଫଳତା ନେଲେ। ଦେଶରେ ପ୍ରଦୂଷଣ ମାତ୍ରା ପାଇଁ ଅନୁଗୁଳ ପ୍ରଥମ ପ୍ରଦୂଷିତ ସହର ବୋଲି ଆଲୋଚନା ଚାଲିଥିଲା ବେଳେ ଏହା ବିରୋଧରେ କେହି ହେଲେ ସ୍ୱର ଉଠାଉ ନଥିଲେ। ସବୁ ରାଜନୈତିକ ଦଳ ର ନୀରବତା ଖଣି ଖାଦାନ ତଥା ଶିଳ୍ପ ପତି ମାନଙ୍କୁ ସୁହାଉଥିଲା। ଜିଲ୍ଲା ପ୍ରଶାସନ ମଧ୍ୟ ବେଶ ଆରାମରେ ଆଶ୍ୱସ୍ତ ଥିଲା। କିନ୍ତୁ ଛେଣ୍ଡିପଦା ଅଂଚଳରେ କୋଇଲା ପରିବହନ ପାଇଁ ଅଂଚଳ ବାସୀଙ୍କ ବିରୋଧ ଏବଂ ପରବର୍ତ୍ତୀ ସମୟରେ ପ୍ରଶାସନର ଦମନ ମୂଳକ କାର୍ଯ୍ୟାନୁଷ୍ଠାନ ପରେ ବାର ତାରିଖ ଆନ୍ଦୋଳନର ସୂତ୍ରପାତ ହେଲା। କୋଇଲା କଂପାନୀ ନିଜର କୋଇଲା ପରିବହନ ପାଇଁ ନିଜସ୍ୱ ରାସ୍ତା ନିର୍ମାଣ କରିବା ବଦଳରେ ସର୍ବସାଧାରଣ ଉଦ୍ଦିଷ୍ଟ ରାଜ୍ୟ ରାଜପଥରେ କୋଇଲା ପରିବହନ ପାଇଁ ଜିଦ୍ ଧରିଲା। କଂପାନୀକୁ ଜିଲ୍ଲା ପ୍ରଶାସନ ମଧ୍ୟ ଅନୁରୁପ ଭାବରେ ସମସ୍ତ ସହଯୋଗ କରିବା ପରେ କୋଶଳା ବାସୀ ଏକଜୁଟ ହୋଇ ଏହାକୁ ତୀବ୍ର ବିରୋଧ କରିଥିଲେ। କୋଶଳା ଗ୍ରାମ ବାସୀଙ୍କ ଦୀର୍ଘ ଦିନର ଆନ୍ଦୋଳନ କୁ ଦମନ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଆନ୍ଦୋଳନକାରୀ ମାନଙ୍କ ମଧ୍ୟରୁ ପାଂଚ ଜଣକୁ ଜେଲରେ ଶହେ ଦିନରୁ ଅଧିକ ଦିନ ହେବ ବନ୍ଦୀ କରିଛନ୍ତି ବୋଲି ଗ୍ରାମ ବାସୀଙ୍କ ଅଭିଯୋଗ କରିଛନ୍ତି। ଆନ୍ଦୋଳନ ଯଥାର୍ଥ ଏବଂ ଆନ୍ଦୋଳକାରୀ ମାନଙ୍କୁ ତୁରନ୍ତ ମୁକ୍ତ କରିବା ଦାବୀରେ କଂଗ୍ରେସ ସମର୍ଥନ ଜଣାଇ ଆନ୍ଦୋଳନକୁ ଓହ୍ଲାଇଲା। ଅନୁଗୁଳ ବାସୀ ମଧ ସ୍ୱତଃସ୍ଫୁର୍ତ୍ତ ଭାବରେ ସମର୍ଥନ ଦେଇ ଅନୁଗୁଳ ବନ୍ଦ କୁ ସଫଳ କରିଥିବା ଦାବୀ କରାଯାଉଛି। ଅନୁଗୁଳ ସହର ଚାରିପାଖରେ କୋଇଲା ଖଣିସହିତ ବହୁତ ଗୁଡିଏ ବୃହତ ଶିଳ୍ପ ଗଢି ଉଠିଛି। ପରିଣାମ ସ୍ୱରୁପ ଅନୁଗୁଳ ଏବେ ଦେଶର ପ୍ରଥମ ପ୍ରଦୂଷଣ ଅଂଚଳ ବୋଲି ଘୋଷଣା ବାକୀ ରହିଛି। ଅନୁଗୁଳ ବାୟୁ ମଣ୍ଡଳରେ ପ୍ରଦୂଷଣ ଜନୀତ ରୋଗାକ୍ରାନ୍ତଙ୍କ ସଂଖ୍ୟା ବେଶ ଅଧିକ। କୃଷି କ୍ଷେତ୍ରରେ ପ୍ରଦୁଷଣର ପ୍ରଭାବ ଅଧିକ ବୋଲି ଚାଷୀ ମାନେ ବହୁ ପୁର୍ବରୁ ଅଭିଯୋଗ କରି ଆସୁଛନ୍ତି। ଏମିତି ସମୟରେ କୋଶଳା ବାସୀଙ୍କ ଆନ୍ଦୋଳନ କୁ ସମର୍ଥନ ଜଣାଇ କଂଗ୍ରେସ ଦଳ ଦେଇଥିବା ଡାକରା ବିନା କିଛି ପରିଶ୍ରମରେ ସଫଳତା ପାଇଲା। ସ୍ଥାନୀୟ ଜନ ସାଧାରଣ ଙ୍କ ପୁଂଜିଭୁତ ଅସନ୍ତୋଷ ଏହାର କାରଣ। କିନ୍ତୁ ମୁଖ୍ୟ ବିରୋଧି ଦଳ ବିଜୁ ଜନତା ଦଳର ନୀରବତା କିଛି ଅଂଶରେ ଚର୍ଚ୍ଚାର ବିଷୟ ପାଲଟିଛି। ବନ୍ଦ ଡାକରା ସମୟରେ ଛେଣ୍ଡିପଦା, ତାଳଚେର ଇତ୍ୟାଦି ସ୍ଥାନରେ ବନ୍ଦର ପ୍ରଭାବ ବେଶ ଅନୁଭୁତ ହୋଇଥିଲା। କଂଗ୍ରେସ ଦଳର ଜିଲ୍ଲା ସଭାପତି ସୁନିଲ ପ୍ରଧାନ, ବରିଷ୍ଠ ନେତା ଅମ୍ବିକା ପ୍ରସାଦ ଭଟ, ପ୍ରଦେଶ କଂଗ୍ରେସ ଉପ ସଭାପତି ସସ୍ମିତା ବେହେରା, ଜୟନ୍ତ ସାହୁ, ଟିକନ ବେହେରା, ଜିତୁ ସାହୁ ପ୍ରମୁଖ ନେତା ମାନେ ବନ୍ଦ ସମୟରେ ସାମିଲ ଥବା ଦେଖିବାକୁ ମିଳିଥିଲା। ଅଂଚଳର ସ୍ୱାର୍ଥ ନିହିତ ବନ୍ଦ ସମୟରେ ଜିଲ୍ଲାର ଅନ୍ୟ ପ୍ରମୁଖ ବିରୋଧି ଦଳ ମାନଙ୍କୁ ଏକାଠି କରି ଆନ୍ଦୋଳନ କରିଥିଲେ ଏହାର ପ୍ରଭାବ ବେଶ ସୁଦୂର ପ୍ରସାରି ହୋଇ ପାରିଥାଆନ୍ତା ବୋଲି ଆଲୋଚନା ଯୋର ଧରିଛି। କଂଗ୍ରେସ ଏକା ବନ୍ଦ ଡାକରା ଦେବା ଏବଂ ଅନ୍ୟ ବିରୋଧି ଦଳକୁ ସାମିଲ ନ କରିବା ଘଟଣାକୁ ଅନେକ ବରିଷ୍ଠ କଂଗ୍ରେସ ନେତା ନା ପସନ୍ଦ କରିଛନ୍ତି। ଯଦି ସମସ୍ତଙ୍କୁ ନେଇ ଆନ୍ଦୋଳନ କରାଯାଇ ଥାଆନ୍ତା ତା ହେଲେ ବନ୍ଦ ର ପ୍ରଭାବ ଅନ୍ୟ ରକମ ଦେଖିବାକୁ ମିଳିଥାଆନ୍ତା ବୋଲି ଅନେକ କଂଗ୍ରେସ ନେତା ନିଜ ନାମ ଗୋପନ କରି ପ୍ରକାଶ କରିଛନ୍ତି। ୫୫ନମ୍ବର ଜାତୀୟ ରାଜପଥ କଡରେ ବଡକେରା ଛକ ଜିଲ୍ଲା ସଭାପତି ସୁନିଲ ପ୍ରଧାନ ଙ୍କ ନିଜସ୍ୱ ଗ୍ରାମର ଅତି ନିକଟ ଅଟେ। ସଭାପତିଙ୍କ ସ୍ୱର୍ଗତଃ ପିତା ପୁର୍ବତନ ବିଧାୟକ ଶ୍ରୀ ସନ୍ତୋଷ ପ୍ରଧାନ ଙ୍କ ଏହି ଅଂଚଳରେ ବେଶ ପ୍ରଭା ଥିଲା। କିନ୍ତୁ ବାର ତାରିଖ ବନ୍ଦ ଡାକରା ସମୟରେ ବଡକେରା ପରି ମୁଖ୍ୟ ଛକ ଯାହାକି ଅନୁଗୁଳ ସହରର ପ୍ରବେଶ ପଥରେ ପ୍ରଭାବହୀନ ବନ୍ଦ କୁ ନେଇ କଂଗ୍ରେସ ମହଲରେ ଚର୍ଚ୍ଚା ହେଉଛି। ଅନୁଗୁଳ ବନ୍ଦ ଜିଲ୍ଲା ସଭାପତିଙ୍କ ଏକପାଖିଆ ନିଷ୍ପତି ବୋଲି ମଧ ଅନେକେ କୁହା କୁହି ହେଉଛନ୍ତି। ସମସ୍ତ ଚର୍ଚ୍ଚା ଭିତରେ ଦୀର୍ଘ ଦିନ ପରେ ଅନୁଗୁଳ ବାସୀଙ୍କ ପ୍ରତିବାଦର ସ୍ୱର ଆଗାମୀ ଦିନ ରେ ଅନୁଗୁଳର ସ୍ୱାର୍ଥ ହାସଲ ପାଇଁ ଏକ ଶୁଭ ସଂକେତ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି।



# ତାଳଚେର ମଞ୍ଚରେ ଧର୍ମେନ୍ଦ୍ର-ବ୍ରଜ ମୁହାଁମୁହିଁ



## ପ୍ରଧାନମନ୍ତ୍ରୀଙ୍କୁ ଆକ୍ଷେପ କରିବାରୁ ବିଧାୟକଙ୍କୁ ଝାଡ଼ିଲେ କେନ୍ଦ୍ରମନ୍ତ୍ରୀ

ଅନୁଗୋଳ, ୨୨/୦୮ (ଜେଏନ୍ଏସ୍): ଅନୁଗୁଳ ଜିଲ୍ଲାର ତାଳଚେର କଦମ ପଡ଼ିଆ ଠାରେ ଆୟୋଜିତ ଏକ ସରକାରୀ କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏବଂ ତାଳଚେରର ବିଜେଡି ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ମଧ୍ୟରେ ମଞ୍ଚ ଉପରେ ହିଁ ତୀବ୍ର ବାକଯୁଦ୍ଧ ଓ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ଭାଷଣ ଦେବା ସମୟରେ ବିଜେଡି ବିଧାୟକ ବ୍ରଜ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଦ୍ଦେଶ୍ୟ କରି କିଛି ଅମର୍ଯ୍ୟାଦାପୂର୍ଣ୍ଣ କିମ୍ବା ଆକ୍ଷେପମୂଳକ ସମ୍ବୋଧନ କରିଥିଲେ। ଏହାକୁ ନେଇ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରବଳ ଉତ୍କ୍ଷିପ୍ତ ହୋଇଥିଲେ। ସେ ମଞ୍ଚ ଉପରେ ଠିଆ ହୋଇ ସମସ୍ତଙ୍କ ସାମ୍ନାରେ ବିଧାୟକ ବ୍ରଜ ପ୍ରଧାନଙ୍କୁ କଡ଼ା ଭାଷାରେ ତାଗିଦ କରିଥିଲେ ଏବଂ ଭବିଷ୍ୟତରେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଏଭଳି ଆଚରଣରୁ ଦୂରେଇ ରହିବାକୁ ଚେତାବନୀ ଦେଇଥିଲେ। ତାଳଚେର କଦମ ପଡ଼ିଆଠାରେ ଫ୍ଲଡ୍‌ଲାଇଟ୍, ନୂତନ ଖେଳାଳି ପାଭିଲିୟନ ଏବଂ କିଛି ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ପ୍ରଧାନ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ସହାୟତାରେ ଅନୁଗୁଳର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ବିଷୟରେ କହୁଥିଲେ। କିନ୍ତୁ ଭାଷଣ ବାଜି ଭିତରେ ରାଜନୈତିକ ତିକ୍ତତା ବଢ଼ିଯାଇଥିଲା।



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ୨୦୨୭ ନିର୍ବାଚନ ପାଇଁ ବିଜେପିର ବ୍ଲୁ-ପ୍ରିଣ୍ଟ

# ବିରୋଧୀଙ୍କ ଭୋଟ୍ ବ୍ୟାଙ୍କ ଭାଙ୍ଗିବାକୁ ମୋଦିଙ୍କ ନୂଆ ଚାଲ୍

ନୂଆଦିଲ୍ଲୀ,୨୨/୦୮ (ଜେଏନ୍‌ଏସ୍): ୨୦୨୭ ବିଧାନସଭା ନିର୍ବାଚନ (ବିଶେଷ କରି ଉତ୍ତର ପ୍ରଦେଶ, ଗୁଜରାଟ ଏବଂ ପଞ୍ଜାବ) ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ଏକ ବଡ଼ ଏବଂ ସୁଚିନ୍ତିତ ରାଜନୈତିକ ରଣନୀତି ପ୍ରସ୍ତୁତ କରିଛି। ବିରୋଧୀଙ୍କ 'ଚଉଇ' (ପଛୁଆ, ଦଳିତ, ସଂଖ୍ୟାଲଘୁ) ସମୀକରଣକୁ କାଉଣ୍ଟର କରିବା ପାଇଁ ବିଜେପି ଏଥର ମୁସଲିମ ଭୋଟ୍ ବ୍ୟାଙ୍କ ଏବଂ ସୋସିଆଲ୍ ଇଞ୍ଜିନିୟରିଂ ଉପରେ ବିଶେଷ ଗୁରୁତ୍ୱ ଦେଇଛି। ବିଜେପିର ନୂଆ ରାଷ୍ଟ୍ରୀୟ ଟିମ୍‌ରେ ଉତ୍ତର ପ୍ରଦେଶରୁ ୨ ଜଣ ପ୍ରମୁଖ ମୁସଲିମ ଚେହେରାଙ୍କୁ ସ୍ଥାନ ମିଳିଛି। ଅଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ତାରିଖ ମାନସୁରଙ୍କୁ ରାଷ୍ଟ୍ରୀୟ ଉପସଭାପତି ଏବଂ କୁନୱର ବାସିତ ଅଲିଙ୍କୁ ଜାତୀୟ ସଂଖ୍ୟାଲଘୁ ମୋର୍ଚ୍ଚାର ମୁଖ୍ୟ କରାଯାଇଛି। ପାସମାଣ୍ଡା (ପଛୁଆ) ମୁସଲିମମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା (ଯେପରିକି ମାଗଣା ରାସନ, ଗୃହ ନିର୍ମାଣ, ଏବଂ ବିଦ୍ୟୁତ ରିହାତି) ମାଧ୍ୟମରେ ଦଳ ସହ ଯୋଡ଼ିବାକୁ ବିଜେପି ସ୍ୱତନ୍ତ୍ର ଅଭିଯାନ ଚଳାଉଛି। ବିପକ୍ଷ ଆଖିଳେଶ ଯାଦବ ଓ ରାହୁଲ ଗାନ୍ଧୀଙ୍କ ମେଣ୍ଟକୁ ମାତ୍ ଦେବା ପାଇଁ ବିଜେପି କର୍ମୀ, ଯାଦବ, ମୌର୍ଯ୍ୟ, କୁଶୱାହା ଏବଂ ଦଳିତ ସମୁଦାୟର ନେତାମାନଙ୍କୁ ସାଙ୍ଗଠନିକ ପଦପଦବୀରେ ଅଗ୍ରାଧିକାର ଦେଇଛି। ବ୍ରାହ୍ମଣ ଏବଂ ଅନ୍ୟାନ୍ୟ



ସଂଭ୍ରାନ୍ତ ଜାତିର ଭୋଟର ଯେପରି ଦଳରୁ ଦୂରେଇ ନଯାଆନ୍ତି, ସେଥିପାଇଁ ବିଶେଷ ସନ୍ତୁଳନ ରକ୍ଷା କରାଯାଉଛି। ଗୁଜରାଟ ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଶାସନ ବିରୋଧୀ ହାୱାକୁ ପ୍ରତିହତ କରିବା ପାଇଁ ନୂଆ ଓ ଯୁବ ଚେହେରାଙ୍କୁ ମନ୍ତ୍ରୀମଣ୍ଡଳ ଓ ସଂଗଠନରେ ସାମିଲ କରାଯାଉଛି। ଗୁଜରାଟରେ ନିକଟରେ ହୋଇଥିବା ବଡ଼ ଧରଣର କ୍ୟାବିନେଟ୍ ଅଦଳବଦଳ ଏହାର ଏକ ବଡ଼ ଉଦାହରଣ।

ରାଷ୍ଟ୍ରୀୟ ସଂଗଠନରେ ସ୍ମୃତି ଇରାନୀଙ୍କୁ ପୁଣି ସକ୍ରିୟ କରାଯାଇଛି, ଯାହାଦ୍ୱାରା ମହିଳା ଭୋଟରଙ୍କୁ ଆକର୍ଷିତ କରାଯାଇପାରିବ ଏବଂ ବିରୋଧୀଙ୍କ ଆକ୍ରମଣର କଡ଼ା ଜବାବ ଦିଆଯାଇପାରିବ। ବିଜେପି ଏଥର ପଞ୍ଜାବରେ ଆପ୍ ଏବଂ କଂଗ୍ରେସକୁ ଟକ୍କର ଦେବା ପାଇଁ ଅନ୍ୟ ଦଳରୁ ଆସୁଥିବା ପ୍ରଭାବଶାଳୀ ନେତାଙ୍କୁ ସାମିଲ କରି ତୃଣମୂଳ ସ୍ତରରୁ ନିଜର ସଂଗଠନ ମଜଭୁତ କରୁଛି। ଗୋଆ ବିଜେପି ପକ୍ଷରୁ ୨୦୨୭ ବିଧାନସଭା ନିର୍ବାଚନରେ ୩୦ଟି ଆସନ ଜିତିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ବୁଥ୍ ସ୍ତରୀୟ କାର୍ଯ୍ୟ ଆରମ୍ଭ ହୋଇଛି। ମୁସଲିମ ଓ ଓବିସି ଭୋଟ୍ ଉପରେ ବିଶେଷ ନଜର । ବିରୋଧୀଙ୍କ 'ପିଡିଏ' କୁ ମାତ୍ ଦେବାକୁ ବିଜେପି ମାଷ୍ଟର ଷ୍ଟ୍ରୋକ୍ ଖେଳିଛି । ରାଷ୍ଟ୍ରୀୟ ଟିମ୍‌ରେ ୟୁପିର ଦୁଇ ମୁସଲିମ ନେତାଙ୍କୁ ବଡ଼ ପଦବୀ ଦେବା ସହ ବିଜେପିର '୨୦୨୭ ରଣନୀତି' ପ୍ରସ୍ତୁତ କରିଛି । ମୋଦି-ନବୀନ ଟିମ୍‌ର ନୂଆ ଫର୍ମୁଲା କ'ଣ ? ସଂଗଠନରେ ସ୍ମୃତି ଇରାନୀଙ୍କ ଏଣ୍ଟ୍ରି ସହ ପାସମାଣ୍ଡା ମୁସଲିମଙ୍କୁ ଆପଣାଇବାକୁ ବିଜେପିର ବ୍ଲୁ-ପ୍ରିଣ୍ଟ ।

# ମୁଖ୍ୟମନ୍ତ୍ରୀଙ୍କ ମେଗା ମାଷ୍ଟର ପ୍ଲାନ୍



ବିକଶିତ ଓଡ଼ିଶା ୨୦୩୬

ଭୁବନେଶ୍ୱର, ୨୨/୦୮ (ଜେଏନ୍‌ଏସ୍): 'ବିକଶିତ ଓଡ଼ିଶା ୨୦୩୬' ହେଉଛି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ (ଶତାବ୍ଦୀ ବର୍ଷ) ପୂର୍ତ୍ତି ଅବସରରେ ରାଜ୍ୟକୁ ଏକ ସମୃଦ୍ଧ ଏବଂ ଆତ୍ମନିର୍ଭରଶୀଳ ପ୍ରଦେଶ ଭାବେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରଙ୍କ ଏକ ଦୂରଦର୍ଶୀ ରୋଡମ୍ୟାପ୍। ଏହି ମାଷ୍ଟର ପ୍ଲାନଟି ନୀତି ଆୟୋଗର ସହଯୋଗରେ ପ୍ରସ୍ତୁତ କରାଯାଇଛି, ଯାହାର ମୂଳ ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବା। ଏହି ରୋଡମ୍ୟାପ୍‌ର ଚାରୋଟି ମୁଖ୍ୟ ସ୍ତମ୍ଭ ହେଉଛି। ଜଳସେଚନର ସମ୍ପ୍ରସାରଣ, ସହରୀକରଣର ବିକାଶ, ସଂଯୋଗୀକରଣ ବୃଦ୍ଧି ଏବଂ ଓଡ଼ିଶାକୁ ନିବେଶ ଓ ଦକ୍ଷତା ବିକାଶର ଏକ ଗ୍ଲୋବାଲ୍ ହବ୍ ଭାବେ ଗଢ଼ିବା। ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ପକ୍କା ସଡ଼କ, ଶତପ୍ରତିଶତ ବିଜୁଳି ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ରେଳ ଏବଂ ସଡ଼କ ପଥର ବ୍ୟାପକ ସମ୍ପ୍ରସାରଣ ସହ ଯାତ୍ରୀ ଓ ସାମଗ୍ରୀ ପରିବହନକୁ ସହଜ କରିବା। ରାଜ୍ୟ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ କେଜିରୁ ପିଜି (କିଣ୍ଡରଗାର୍ଟନରୁ ସ୍ନାତକୋତ୍ତର) ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା। ନବମ ଏବଂ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ପ୍ରଦାନ। ଓଡ଼ିଶାର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ବୈଷୟିକ ଶିକ୍ଷା ଏବଂ ନିଯୁକ୍ତିକ୍ଷମ ଦକ୍ଷତା ପ୍ରଶିକ୍ଷଣ ଦେବା। 'ପିଏମ୍-କିଷାନ' ଏବଂ 'ସିଏମ୍-କିଷାନ' ଯୋଜନା ମାଧ୍ୟମରେ ଚାଷୀଙ୍କୁ ଆର୍ଥିକ ସହାୟତା ଏବଂ କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ। ରାଜ୍ୟର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ 'ସୁଭଦ୍ରା ଯୋଜନା' ଏବଂ 'ଲକ୍ଷପତି ଦିଦି' ଭଳି ମେଗା କାର୍ଯ୍ୟକ୍ରମର ସଫଳ ରୂପାୟନ। ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ୪୫୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ଏକ ପ୍ରମୁଖ ଅର୍ଥନୈତିକ ଜୋନ୍ ଭାବେ ବିକଶିତ କରାଯାଉଛି। 'ଉତ୍କର୍ଷ ଓଡ଼ିଶା' ନିବେଶ ସମ୍ମିଳନୀ ମାଧ୍ୟମରେ ବଡ଼ ବଡ଼ ଗ୍ଲୋବାଲ୍ କମ୍ପାନୀଗୁଡ଼ିକୁ ଆକର୍ଷିତ କରି ଲକ୍ଷ ଲକ୍ଷ ନୂଆ କର୍ମସଂସ୍ଥାନ ସୃଷ୍ଟି କରିବା ଲକ୍ଷ୍ୟ ରହିଛି।

ଓଡ଼ିଶାକୁ ଏସିଆର ଏକ ପ୍ରମୁଖ ଇକୋ-କଲଚରାଲ୍ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିବା ପାଇଁ ୧୫ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀର କାୟାକଳ୍ପ କରାଯାଉଛି। ପର୍ଯ୍ୟଟନ କ୍ଷେତ୍ର ମାଧ୍ୟମରେ ୨୦୩୬ ସୁଦ୍ଧା ରାଜ୍ୟରେ ପ୍ରାୟ ୧୫ ଲକ୍ଷ ନୂଆ ରୋଜଗାର ସୁଯୋଗ ସୃଷ୍ଟି କରିବା ପାଇଁ ଯୋଜନା ରହିଛି। ଦୁର୍ନୀତିମୁକ୍ତ ଏବଂ ଲୋକାଭିମୁଖୀ ପ୍ରଶାସନ ପାଇଁ ମୁଖ୍ୟମନ୍ତ୍ରୀ ସରକାରୀ ସ୍ତରରେ ଓଡ଼ିଆ ଭାଷାରେ ଯୋଗାଯୋଗ ଏବଂ ଡିଜିଟାଲ୍ ସେବାକୁ ବାଧ୍ୟତାମୂଳକ କରିଛନ୍ତି।

## ତେଲେଙ୍ଗାନାରେ ସେନ୍ସେସନାଲ୍ ହତ୍ୟାକାଣ୍ଡ

# ପ୍ରିନ୍ସିପାଲ୍ ରୂପା ରେଡ୍ଡୀଙ୍କୁ ନିର୍ମମ ହତ୍ୟା



**ୟୁଟ୍ୟୁବ୍ ଦେଖି ହତ୍ୟାକାଣ୍ଡର ବ୍ଲୁ-ପ୍ରିଣ୍ଟ୍ ପ୍ରିନ୍ସିପାଲଙ୍କୁ ମାରି ଗୋଆରେ ମଜା କରୁଥିଲେ ଛାତ୍ର**

ତେଲେଙ୍ଗାନା, ୨୨/୦୮: ତେଲେଙ୍ଗାନାର ନାଲଗୋଣ୍ଡା ଜିଲ୍ଲାର କୋଣ୍ଡାମାଲ୍ଲେପଲ୍ଲୀ ଅଞ୍ଚଳରେ ଘଟିଥିବା ଏହି ସେନ୍ସେସନାଲ୍ ସ୍କୁଲ ପ୍ରିନ୍ସିପାଲ୍ ହତ୍ୟାକାଣ୍ଡ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ରିପୋର୍ଟ ଅନୁଯାୟୀ, ନାଗାର୍ଜୁନ ପବ୍ଲିକ ସ୍କୁଲର ୪୮ ବର୍ଷୀୟା ପ୍ରିନ୍ସିପାଲ୍ ତଥା ଡିରେକ୍ଟର କାଲ୍ଲୁ ରୂପା ରେଡ୍ଡୀଙ୍କୁ ତାଙ୍କ ଘରେ ନିର୍ମମ ଭାବେ ୨୭ ଥର ଛୁରୀ ଭୁସି ହତ୍ୟା କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଜଣକ ସେହି ସ୍କୁଲର ଦଶମ ଶ୍ରେଣୀର ଜଣେ ୧୬ ବର୍ଷର ଛାତ୍ର। କିଛି ଦିନ ପୂର୍ବରୁ ହଷ୍ଟେଲ୍‌ରେ ରହୁଥିବା ଏହି ଛାତ୍ରଙ୍କ ବ୍ୟାଗରୁ ପ୍ରିନ୍ସିପାଲ୍ ମୋବାଇଲ୍ ଓ କିଛି ସନ୍ଦେହଜନକ ଟଙ୍କା ଜବତ କରିଥିଲେ ଏବଂ ତାଙ୍କ ପରିବାର ଲୋକଙ୍କୁ ଡକାଇ ତାଗିଦ୍ କରିବା ସହ ତାଙ୍କୁ ହଷ୍ଟେଲରୁ ବାହାର କରି ଦେଇଥିଲେ। ଏଥିପାଇଁ ଛାତ୍ର ଜଣକ ପ୍ରିନ୍ସିପାଲଙ୍କ ଉପରେ ପ୍ରତିଶୋଧ ନେବାକୁ ଚାହୁଁଥିଲେ। ସ୍କୁଲ୍ ଫି' ସଂଗ୍ରହ ହେଉଥିବାରୁ ପ୍ରିନ୍ସିପାଲଙ୍କ ଘରେ ପ୍ରଚୁର ଟଙ୍କା ଥିବା ଭାବି ସେ ନିଜର ଆଉ ଜଣେ ସାଙ୍ଗ ସହ ମିଶି ୟୁଟ୍ୟୁବ୍‌ରେ 'ଶୀଘ୍ର ଧନୀ ହେବା' ଏବଂ 'ହତ୍ୟା କରି କିଭଳି ପ୍ରମାଣ ନଷ୍ଟ କରାଯାଏ' ସେ ନେଇ ସର୍ଚ୍ଚ କରି ୫ ଦିନ ଧରି ଯୋଜନା କରିଥିଲେ। ଅଗଷ୍ଟ ୧୧ ତାରିଖ ସନ୍ଧ୍ୟାରେ ପ୍ରିନ୍ସିପାଲ୍ ଘରେ ଏକା ଥିବା ସମୟରେ ଜଣେ ଛାତ୍ର ମଙ୍କି କ୍ୟାପ୍ ଓ ଗ୍ଲୋଭ୍ସ ପିନ୍ଧି ଘର ଭିତରକୁ ପଶି ପ୍ରାୟ ୨.୫ ଲକ୍ଷ ଟଙ୍କା ଚୋରି କରୁଥିଲେ। କିନ୍ତୁ ଚୋରି କରୁଥିବା ବେଳେ ଛାତ୍ରଙ୍କ ମଙ୍କି କ୍ୟାପଟି ଖସି ପଡ଼ିଥିଲା ଏବଂ ରୂପା ରେଡ୍ଡୀ ତାଙ୍କୁ ଚିହ୍ନି ପକାଇଥିଲେ। ପୋଲିସ ପାଖରେ ଧରାପଡ଼ିବା ଭୟରେ ଛାତ୍ର ଜଣକ ନିଜ ପାଖରେ ଥିବା ଛୁରୀରେ ପ୍ରିନ୍ସିପାଲଙ୍କ ପେଟ ଓ ହାତକୁ ୨୭ ଥର ଆଘାତ କରି ସେଠାରୁ ଫେରାର ହୋଇଯାଇଥିଲେ। ହତ୍ୟାକାଣ୍ଡ ଘଟିବା ସମୟରେ ରୂପା ରେଡ୍ଡୀ ତାଙ୍କ ଜଣେ ସମ୍ପର୍କୀୟା ମାଉସୀ/ଖୁଡ଼ୀଙ୍କ ସହ ଫୋନ୍‌ରେ କଥା ହେଉଥିଲେ। ଫୋନ୍ କଟିବା ପୂର୍ବରୁ ତାଙ୍କ ପାଟିରୁ ଶେଷ ଶବ୍ଦ ବାହାରିଥିଲା "ବାବୁ"। ତେଲେଙ୍ଗାନାରେ ସାଧାରଣତଃ ଛୋଟ ପିଲା ବା ଛାତ୍ରମାନଙ୍କୁ ସ୍ନେହରେ 'ବାବୁ' କୁହାଯାଏ। ଏହି ଗୋଟିଏ ଶବ୍ଦକୁ ଆଧାର କରି ପୋଲିସ ସ୍କୁଲର ଛାତ୍ରମାନଙ୍କ ଉପରେ ନଜର ରଖିଥିଲା। ପୋଲିସ ଯେତେବେଳେ ସ୍କୁଲର ଅନୁପସ୍ଥିତ ଛାତ୍ରମାନଙ୍କୁ ଯାଞ୍ଚ କଲା, ସେତେବେଳେ ଜଣାପଡ଼ିଲା ଯେ ଦୁଇଜଣ ଦଶମ ଶ୍ରେଣୀ ଛାତ୍ର ହଠାତ୍ ଅତି ଅନାବଶ୍ୟକ ଭାବେ ଟଙ୍କା ଖର୍ଚ୍ଚ କରୁଛନ୍ତି, ପାର୍ଟି କରୁଛନ୍ତି ଏବଂ ୬୦,୦୦୦ ଟଙ୍କାର ଏକ ନୂଆ ସଚଷକ୍ଟଭର ମଧ୍ୟ କିଣିଛନ୍ତି। ସେମାନେ ଗୋଆ ବୁଲିବାକୁ ମଧ୍ୟ ଯାଇଥିଲେ। ପୋଲିସ ସେମାନଙ୍କୁ ଅଟକ ରଖିବା ପରେ ସେମାନଙ୍କ ଅନ୍ତଃବସ୍ତ୍ରରୁ ରକ୍ତଭିଜା ନୋଟ୍ ସହ ୧.୫୪ ଲକ୍ଷ ଟଙ୍କା ଜବତ କରିଛି। ଦୁଇ ନାବାଳକ ଛାତ୍ର ନିଜର ଦୋଷ ସ୍ୱୀକାର କରିବା ପରେ ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ସମ୍ମୁଖରେ ହାଜର କରାଯାଇ ବାଲ୍ ସୁଧାର ଗୃହକୁ ପଠାଇବା ପ୍ରକ୍ରିୟା ଚାଲିଛି।

# ପାର୍ବଣ ପୂର୍ବରୁ ମହଙ୍ଗା ମାଡ଼

## ଚିନି କିଲୋ ୭୦

### ମିଠା ଦୋକାନରେ ବଢ଼ିବ ତାତି



**ତିକ୍ତ ହେଲାଣି ଚିନି ସ୍ୱାଦ ବଜାରରେ ହଠାତ୍ ୨୦% ବଢ଼ିଲା ଚିନି ଦର, ଚିନ୍ତାରେ ଚା' ଓ ମିଠା ବ୍ୟବସାୟୀ**

ନୂଆଦିଲ୍ଲୀ, ୨୨/୦୮: ଦେଶରେ ବିଗତ କିଛି ଦିନ ହେବ ଚିନି ଦରରେ ବଡ଼ ଧରଣର ବୃଦ୍ଧି ରେକର୍ଡ କରାଯାଇଛି, ଯାହା ସାଧାରଣ ଗ୍ରାହକଙ୍କ ସହିତ ମିଠା ଓ ଚା' ବ୍ୟବସାୟୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଆଗକୁ ଗଣେଶ ପୂଜା, ଦଶହରା ଓ ଦୀପାବଳି ଭଳି ପ୍ରମୁଖ ପାର୍ବଣ ଋତୁ ଥିବାରୁ ଏହି ମହଙ୍ଗା ମାଡ଼ ବଜାର ଉପରେ ବଡ଼ ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଛି। ବିଗତ କିଛି ଦିନ ମଧ୍ୟରେ ଦେଶର ବିଭିନ୍ନ ପ୍ରମୁଖ ସହରରେ ଚିନିର ଖୁଚୁରା ମୂଲ୍ୟ କିଲୋଗ୍ରାମ ପିଛା ୫୨ ଟଙ୍କାରୁ ବୃଦ୍ଧି ପାଇ ୬୨ ଟଙ୍କା ପର୍ଯ୍ୟନ୍ତ (ପ୍ରାୟ ୨୦% ବୃଦ୍ଧି) ପହଞ୍ଚିଛି। ଓଡ଼ିଶାର କିଛି ସ୍ଥାନୀୟ ବଜାରରେ ଏହା ୫୫ ରୁ ୭୦ ଟଙ୍କା ମଧ୍ୟ ଛୁଇଁଥିବା ରିପୋର୍ଟ ହୋଇଛି। ବଜାରରେ ଚିନିର ହାରାହାରି ଏକ୍ସ-ମିଲ୍ ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୫,୪୦୦ରୁ ୫,୫୦୦ ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଗତ ବର୍ଷ ଏହି ସମୟରେ ପ୍ରାୟ ୩,୯୦୦ ଟଙ୍କା ଥିଲା। କମ ବର୍ଷା ଓ ଶୁଖିଲା ପାଗ ଯୋଗୁଁ ଆଖୁ ଉତ୍ପାଦନ ପ୍ରଭାବିତ ହୋଇଛି। ଏହା ସହିତ ଗ୍ରୀନ୍ ଫ୍ୟୁଏଲ୍ ବା ଇଥାନଲ୍ ଉତ୍ପାଦନ ପାଇଁ ଆଖୁର ବ୍ୟବହାର ଅଧିକ ମାତ୍ରାରେ କରାଯାଉଥିବାରୁ ଚିନି ତିଆରି ପାଇଁ ଆଖୁର ଅଭାବ ଦେଖାଦେଇଛି। ଚଳିତ ବର୍ଷ ଦେଶରେ ଚିନିର ସଞ୍ଚିତ ଭଣ୍ଡାର ବିଗତ କିଛି ଦଶନ୍ଧି ମଧ୍ୟରେ ସବୁଠାରୁ କମ୍ ରହିବା ନେଇ ଆଶଙ୍କା କରାଯାଉଛି। ଏହାର ସୁଯୋଗ ନେଇ କିଛି ବ୍ୟବସାୟୀ ଚିନି ଗଚ୍ଛିତ କରି କୃତ୍ରିମ ଅଭାବ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ବିଶ୍ୱର ସବୁଠାରୁ ବଡ଼ ଚିନି ଉତ୍ପାଦନକାରୀ ଦେଶ ବ୍ରାଜିଲ୍ ଏବଂ ଥାଇଲ୍ୟାଣ୍ଡରେ ଉତ୍ପାଦନ କମିବା ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ମଧ୍ୟ ଚିନି ଦର ୧୪ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବଢୁଥିବା ଦରକୁ ଲଗାମ ଦେବା ପାଇଁ କେନ୍ଦ୍ର ସରକାର ତୁରନ୍ତ କଡ଼ା ନିୟମ ଲାଗୁ କରିଛନ୍ତି। ବଡ଼ ବ୍ୟବସାୟୀ ଓ କମ୍ପାନୀଗୁଡ଼ିକ (ଯେଉଁମାନେ ମାସକୁ ୧୦ ମେଟ୍ରିକ୍ ଟନ୍‌ରୁ ଅଧିକ ଚିନି ବ୍ୟବହାର କରନ୍ତି) ସେମାନଙ୍କ ପାଇଁ ଷ୍ଟକ୍ ରଖିବାର ଅବଧିକୁ ୩୦ ଦିନରୁ କମାଇ ୧୫ ଦିନ କରି ଦିଆଯାଇଛି। ଏହି ନିୟମ ସେପ୍ଟେମ୍ବର ୧ ରୁ ନଭେମ୍ବର ୩୦, ୨୦୨୬ ପର୍ଯ୍ୟନ୍ତ ଲାଗୁ ରହିବ। ବଜାରରେ ଯୋଗାଣ ସ୍ୱାଭାବିକ କରିବା ପାଇଁ ସରକାର ପ୍ରାୟ ୧୦ ଲକ୍ଷ ଟନ୍ ଚିନି ବିଦେଶରୁ ବିନା କୌଣସି ଆମଦାନୀ ଶୁଳ୍କରେ ଆଣିବା ପାଇଁ ବିଚାର କରୁଛନ୍ତି। ବିଗତ ପ୍ରାୟ ଏକ ଦଶନ୍ଧି ମଧ୍ୟରେ ଭାରତ ପ୍ରଥମ ଥର ପାଇଁ ଚିନି ଆମଦାନୀ କରିବାକୁ ଯାଉଛି।

ଖୁଚୁରା ବଜାରରେ ଚିନି ଦର ବୃଦ୍ଧି ହେବା କାରଣରୁ ଓଡ଼ିଶାର ମିଠା ବଜାର ଏବଂ ବ୍ୟବସାୟୀ ମହାସଂଘ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଗକୁ ଗଣେଶ ପୂଜା ଓ ଦଶହରା ଥିବାରୁ ଏହାର ସିଧାସଳଖ ପ୍ରଭାବ ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ଉପରେ ପଡ଼ିବାକୁ ଯାଉଛି। ମହାସଂଘର ସୂଚନା ଅନୁଯାୟୀ, ଓଡ଼ିଶା ମୁଖ୍ୟତଃ ଚିନି ପାଇଁ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟ ଉପରେ ନିର୍ଭର କରେ। ସେଠାରୁ ଚିନି ଆମଦାନୀର ପରିବହନ ଖର୍ଚ୍ଚ ବଢ଼ିଥିବାରୁ ଓଡ଼ିଶାରେ ହୋଲସେଲ୍ ଦର ବୃଦ୍ଧି ପାଇଛି। ବ୍ୟବସାୟୀ ସଂଘ ପକ୍ଷରୁ ସମସ୍ତ ହୋଲସେଲରଙ୍କୁ କୁହାଯାଇଛି ଯେ, ସରକାରଙ୍କ ୧୫ ଦିନିଆ ଷ୍ଟକ୍ ନିୟମକୁ କଡ଼ାକଡ଼ି ପାଳନ କରାଯାଉ। କୌଣସି ବ୍ୟବସାୟୀ ଯେପରି କୃତ୍ରିମ ଅଭାବ ସୃଷ୍ଟି କରି ଦାମ୍ ନ ବଢ଼ାନ୍ତି, ସେଥିପାଇଁ ସ୍ଥାନୀୟ ପ୍ରଶାସନ ଓ ଯୋଗାଣ ବିଭାଗ ସହ ମିଶି ବଜାର ଉପରେ ନଜର ରଖାଯାଉଛି। ଚିନିର ମୂଲ୍ୟ କିଲୋଗ୍ରାମ ପିଛା ୧୫ ରୁ ୨୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଥିବାରୁ ଓଡ଼ିଶାର ପାରମ୍ପରିକ ମିଠା ଦୋକାନୀମାନେ ଅଡୁଆରେ ପଡ଼ିଛନ୍ତି । ଓଡ଼ିଶାର ପ୍ରସିଦ୍ଧ ରସଗୋଲା, ଛେନାପୋଡ଼, ଛେନାଝିଲି, ଲଡୁ ଏବଂ ପେଡ଼ା ଭଳି ଚିନି ପ୍ରଧାନ ମିଠାଗୁଡ଼ିକର ମୂଲ୍ୟ କିଲୋ ପ୍ରତି ୨୦ ରୁ ୪୦ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହେବାର ସମ୍ଭାବନା ରହିଛି। ସ୍ଥାନୀୟ ମିଠା ବ୍ୟବସାୟୀଙ୍କ କହିବା ଅନୁଯାୟୀ, ଯଦି ସେମାନେ ହଠାତ୍ ଗ୍ରାହକଙ୍କ ପାଇଁ ଦାମ୍ ବଢ଼ାଉଛନ୍ତି, ତେବେ ବିକ୍ରି କମିଯିବାର ଭୟ ରହିଛି। ସେଥିପାଇଁ ବର୍ତ୍ତମାନ ପାର୍ବଣ ଋତୁ ପୂର୍ବରୁ ସେମାନେ କମ୍ ଲାଭ ରଖି ବ୍ୟବସାୟ କରିବାକୁ ବାଧ୍ୟ ହେଉଛନ୍ତି। ମିଠା ବ୍ୟତୀତ ସ୍ଥାନୀୟ ଟି-ଷ୍ଟଲ୍, ବେକେରୀ (ବିସ୍କୁଟ, କେକ୍) ଏବଂ କୋଲ୍ଡ ଡ୍ରିଙ୍କସ୍ ବ୍ୟବସାୟୀ ମଧ୍ୟ ନିଜର ଦୈନନ୍ଦିନ ଖର୍ଚ୍ଚ ବଢ଼ି ଯାଇଥିବା ପ୍ରକାଶ କରିଛନ୍ତି। ସରକାରଙ୍କ ନୂଆ ଆମଦାନୀ ନିୟମ କାର୍ଯ୍ୟକାରୀ ହେବା ପରେ ଆସନ୍ତା ୧-୨ ସପ୍ତାହ ମଧ୍ୟରେ ଓଡ଼ିଶା ବଜାରରେ ଦର ସାମାନ୍ୟ କମିପାରେ ବୋଲି ହୋଲସେଲ୍ ବ୍ୟବସାୟୀମାନେ ଆଶା ପ୍ରକାଶ କରିଛନ୍ତି।

## ସ୍ମୃତି ଇରାନୀଙ୍କ ଦମଦାର୍ କମ୍‌ବ୍ୟାକ୍



- ବିଜେପିର ସବୁଠୁ ବଡ଼ ସାଙ୍ଗଠନିକ ପଦବୀ ସହ ମିଳିଲା ବଡ଼ ଦାୟିତ୍ୱ
- ପରାଜୟର ଝଟକା ପରେ ପୁଣି ଫେରିଲେ 'ଜାଏଣ୍ଟ କିଲର୍'
- ୨୦୨୭ ୟୁପି ନିର୍ବାଚନ ପାଇଁ ବିଜେପିର ବଡ଼ ଚାଲ୍

ନୂଆଦିଲ୍ଲୀ,୨୨/୦୮: ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଦୀର୍ଘ ଦିନର ବିରତି ପରେ ପୁଣି ଥରେ ମୁଖ୍ୟଧାରା ରାଜନୀତିକୁ ଜୋରଦାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ଆମେଥି ଆସନରୁ ପରାଜୟ ପରେ ସେ ରାଜନୈତିକ ସକ୍ରିୟତାରୁ ଦୂରରେ ଥିଲେ। କିନ୍ତୁ ବିଜେପିର ନୂତନ ଜାତୀୟ ସଭାପତି ନିତିନ ନବୀନଙ୍କ ନୂଆ କାର୍ଯ୍ୟକାରିଣୀ କମିଟିରେ ସ୍ମୃତି ଇରାନୀଙ୍କୁ ଜାତୀୟ ସାଧାରଣ ସମ୍ପାଦକ ଭଳି ଦଳର ଏକ ଶୀର୍ଷ ସାଙ୍ଗଠନିକ ପଦବୀ ମିଳିଛି। ସ୍ମୃତି ଇରାନୀଙ୍କୁ ମୁଖ୍ୟତଃ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ୨୦୨୭ ପାଇଁ ସଂଗଠନ ଏବଂ ପ୍ରଚାରର ଏକ ବଡ଼ ଦାୟିତ୍ୱ ଦିଆଯାଇଛି। ସ୍ମୃତି ଇରାନୀ ପୂର୍ବରୁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଏବଂ ବିଜେପି ମହିଳା ମୋର୍ଚ୍ଚାର ସଭାପତି ରହି ସାରିଛନ୍ତି। ୟୁପିରେ ମହିଳା ଭୋଟରଙ୍କ ମଧ୍ୟରେ ତାଙ୍କର ଲୋକପ୍ରିୟତାକୁ ବ୍ୟବହାର କରିବାକୁ ଦଳ ଯୋଜନା କରିଛି। କଂଗ୍ରେସର ଏହି ଦୁଇ ଗଡ଼ରେ ବିଜେପିର ସ୍ଥିତିକୁ ପୁଣି ମଜଭୁତ କରିବା ସହ ରାହୁଲ ଗାନ୍ଧୀଙ୍କ ରଣନୀତିକୁ କାଉଣ୍ଟର କରିବା ପାଇଁ ଦଳ ତାଙ୍କୁ 'ଜାଏଣ୍ଟ କିଲର୍' ଭାବେ ମଇଦାନକୁ ଓହ୍ଲାଇଛି।

# ୨ ଜାହାଜ ହାଇଜ୍ୟାକ୍: ଥିଲେ ୨୨ ଭାରତୀୟ ନାଗରିକ



ନୂଆଦିଲ୍ଲୀ, ୨୨/୦୮ : ୟେମେନ ଏବଂ ସୋମାଲିଆ ଉପକୂଳ ନିକଟରେ ଦୁଇଟି ପୃଥକ ଘଟଣାରେ ଜଳଦସ୍ୟୁମାନେ ମୋଟ ୨୨ ଜଣ ଭାରତୀୟ ନାଗରିକଙ୍କୁ ନେଇ ଦୁଇଟି ବାଣିଜ୍ୟିକ ଜାହାଜକୁ ଅପହରଣ କରିଛନ୍ତି। ଏହି ଘଟଣାଗୁଡ଼ିକ ଆଫ୍ରିକାର ହର୍ଣ୍ଣ ଆଖପାଖ ଜଳରେ ଡକାୟତି ବିପଦର ପୁନରାବୃତ୍ତି ବିଷୟରେ ଚିନ୍ତା ସୃଷ୍ଟି କରିଛି। ଏମ୍ ଟି ସିବୁ ନାମକ ଏକ ତୈଳ ଉତ୍ପାଦ ଟ୍ୟାଙ୍କର୍ ୟେମେନ ଉପକୂଳରୁ ପ୍ରାୟ ୩୦ ନଟିକାଲ ମାଇଲ ଦୂରରେ ଆଡେନ ଉପସାଗରରେ ଅପହରଣ କରାଯାଇଥିଲା। ଜାହାଜରେ ୧୬ ଜଣ ଭାରତୀୟ ନାଗରିକଙ୍କ ସମେତ ୨୦ ଜଣ କ୍ରୁ ସଦସ୍ୟ ଥିଲେ। ସାମୁଦ୍ରିକ ପ୍ରଶାସନ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ଅନୁଯାୟୀ, ସମସ୍ତ ୨୦ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ରିପୋର୍ଟ କରାଯାଇଛି। ତଥାପି, ଜାହାଜ ଏବଂ କ୍ରୁଙ୍କ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସଦ୍ୟତମ ସୂଚନା ଅପେକ୍ଷା କରାଯାଇଛି। ୧୬ ଜଣ ଭାରତୀୟ ନାଗରିକଙ୍କ ବ୍ୟତୀତ, କ୍ରୁଙ୍କ ମଧ୍ୟରେ ଜଣେ ସିରିଆନ, ଜଣେ ସୁଡାନ ଏବଂ ଜଣେ ଇରାକୀ ନାଗରିକ ଅଛନ୍ତି। ଅନ୍ୟ ଜଣେ ନାବିକର ଜାତୀୟତା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ।

## ବନ୍ଦେ ମାତରମ୍ ବିବାଦ

# କଂଗ୍ରେସ ଉପରେ ବର୍ଷିଲେ ସାହା

ନୂଆଦିଲ୍ଲୀ, ୨୨/୦୮ : 'ବନ୍ଦେ ମାତରମ୍' ଗାନକୁ ନେଇ ପୁଣିଥରେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି ଗୃହମନ୍ତ୍ରୀ ଅମିତ ଶାହା । 'ବନ୍ଦେ ମାତରମ୍'ର ମାତ୍ର ୨ଟି ପଦ ଗାନ କରିବାକୁ କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲ୍ୟୁସି) ନିଷ୍ପତି ନେବା ପରେ କଂଗ୍ରେସ ଉପରେ ବର୍ଷିଛନ୍ତି ଶାହା । କଂଗ୍ରେସ ଆଜି ମଧ୍ୟ ସେହି ତୁଷ୍ଟିକରଣ ରାଜନୀତିରେ ବିଶ୍ୱାସ ରଖୁଛି । କଂଗ୍ରେସର ଏଭଳି ନିଷ୍ପତି ଯୋଗୁ ଅତୀତରେ ଦେଶ ବିଭାଜିତ ହୋଇଥିଲା। ତଥାପି ଦଳ ଏଥିରୁ କିଛି ଶିଖିଲାନି ବୋଲି ସେ ସିଧାସଳଖ କଂଗ୍ରେସ ନେତାମାନଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି। ଶ୍ରୀ ଶାହା କହିଛନ୍ତି, 'ମୁସଲମାନ ସନ୍ତୁଷ୍ଟିକରଣ ପାଇଁ



କଂଗ୍ରେସ ୧୯୩୭ ମସିହାରେ ବନ୍ଦେ ମାତରମ୍ ପରି ଏକ ପବିତ୍ର ଗାନକୁ ଏଭଳି ଭାଗ ଭାଗ କରି ମାତ୍ର ଦୁଇପଦ ଗାନ କରିବାକୁ ନିଷ୍ପତି ନେଇଥିଲା, ଯାହା ପରବର୍ତ୍ତୀ ସମୟରେ ଭାରତ ଇତିହାସରେ ଏକ କଳଙ୍କିତ ଫନ୍ଦ, ଅର୍ଥାତ ଭାରତ ବିଭାଜନର କାରଣ ପାଲଟିଲା । କଂଗ୍ରେସର ଏଭଳି ଦୋମୁହାଁ ନୀତି ହିଁ ପରବର୍ତ୍ତୀ ସମୟରେ ପାକିସ୍ତାନ ଗଠନ ଦିଗରେ ବାଟ ଫିଟାଇଥିଲା ।' ଶ୍ରୀ ଶାହା ଆହୁରି ମଧ୍ୟ କହିଛନ୍ତି ବର୍ତ୍ତମାନ ମହାନ ଗାନ ୧୫୦ ବର୍ଷରେ ଉପନୀତ ହୋଇଛି । ସରକାରୀ କାର୍ଯ୍ୟକ୍ରମଗୁଡ଼ିକରେ ଗାନଟିକୁ ସମ୍ପୂର୍ଣ୍ଣ ଆବୃତି ମାଧ୍ୟମରେ ଜାତୀୟ ସଂହତି ପ୍ରତିଷ୍ଠା ପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ଉଦ୍ୟମ କରୁଥିବା ବେଳେ କଂଗ୍ରେସ ଏଥିରେ ବିବାଦ ସୃଷ୍ଟି କରୁଛି।

## ନିଜ ପାଇଁ ଆଇ ଫୋନ୍, ପ୍ରେମିକ ପାଇଁ ବାଇକ୍

# ସମ୍ପର୍କୀୟଙ୍କୁ ଫିଲ୍ମ ଷ୍ଟାଇଲରେ ହତ୍ୟା କଲା ନାବାଳିକା

କେରଳ, ୨୨/୦୮ : ଆଇ ଫୋନ କଲା ବାୟା। ସାମାନ୍ୟ ଫୋନ ଓ ବାଇକ ଆଗରେ ତୁଚ୍ଛ ହେଲା ସମ୍ପର୍କ। ଜଣେ ନାବାଳିକା ନିଜ ପ୍ରେମିକ ସହ ମିଶି ଘଟାଇଛି ଜଘନ୍ୟକାଣ୍ଡ। ସେ ତା'ର ଜଣେ ୬୭ ବର୍ଷୀୟ ସମ୍ପର୍କୀୟଙ୍କୁ ଘର ଭିତରେ ଅତ୍ୟନ୍ତ ନିର୍ମମ ଭାବେ କରିଛି ହତ୍ୟା। କେରଳ ସ୍ଥିତ ଘର ଭିତରୁ ବ୍ୟକ୍ତିଙ୍କ ମୃତଦେହ ମିଳିଥିବା ବେଳେ ତାଙ୍କ ହାତ ଓ ଗୋଡ଼ ବନ୍ଧା ଯାଇଥିଲା। ସେହିପରି ଗୋଟିଏ କପଡ଼ା ତାଙ୍କ ବେକରେ ବନ୍ଧା ହୋଇଥିଲା। ବୃଦ୍ଧଙ୍କ ସୁନା ଚେନ ଓ ଘରେ ଥିବା ଅଳଙ୍କାର ନଥିବାରୁ ପୁଲିସ୍ ପ୍ରଥମେ ଏହାକୁ ଲୁଟ ପାଇଁ ହତ୍ୟାକାଣ୍ଡ ଭାବେ ବିବେଚନା କରିଥିଲା। କିନ୍ତୁ ତଦନ୍ତ ବେଳେ ଘଟଣାର ମୋଡ଼ ବଦଳି ଯାଇଛି। ପୁଲିସ୍ ଘଟଣା ଉପରୁ ପରଦା ହଟାଇ ଏହାର ମାଷ୍ଟରମାଇଣ୍ଡ ମୃତ ବ୍ୟକ୍ତିଙ୍କ ଜଣେ ୧୩ ବର୍ଷୀୟ ସମ୍ପର୍କୀୟ ବୋଲି ଜାଣିବାକୁ ପାଇଛି। ୮ମ ଶ୍ରେଣୀରେ ପଢୁଥିବା ଏହି ନାବାଳିକା ଜଣେ ୧୭ ବର୍ଷୀୟ ପୁଅକୁ ପ୍ରେମ କରୁଥିଲା। ପୁଅଟି ଯୁକ୍ତ ୨ର ଛାତ୍ର। ସେମାନେ ମିଳିତ ଭାବେ ଶିବାନକୁଟ୍ଟୀ ଚେତ୍ତିୟାରଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ। ଚେତ୍ତିୟାରଙ୍କୁ ହତ୍ୟା କରି ତାଙ୍କ ପାଖରେ ଥିବା ସୁନା ଲୁଟ କରିବା। ଏହାପରେ ସେହି ସୁନା ବିକ୍ରି କରି ନାବାଳିକା ଜଣକ ନିଜ ପାଇଁ ଆଇ ଫୋନ ଓ ନିଜ ପ୍ରେମିକ ପାଇଁ ବାଇକ କରିବାକୁ ଲକ୍ଷ୍ୟ ରଖିଥିଲା। ନାବାଳିକା ଓ ତା' ପ୍ରେମିକକୁ ଏଥିରେ ଆଉ ୨ ଜଣ ନାବାଳକ ମଧ୍ୟ ସହାୟତା କରିଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। ଶନିବାର କେରଳର ଅଲପୁଝାରେ ହତ୍ୟାକାଣ୍ଡ ଘଟିଥିଲା। ପୁଲିସ ଘଟଣା ସମ୍ପର୍କରେ ଜାଣିବା ପାଇଁ ୧୩ ବର୍ଷୀୟ ଝିଅ ସହ ବ୍ୟକ୍ତିଙ୍କ ଅନ୍ୟ ସମ୍ପର୍କୀୟମାନଙ୍କୁ ଜେରା କରିଥିଲା। ଏହି ସମୟରେ ନାବାଳିକାର ବୟାନରେ ତାଳମେଳ ନଥିବା ପୋଲିସ୍ ଅନୁଭବ କରିଥିଲା। ଏଥିପାଇଁ ତା'କୁ



ଅଧିକ ଜେରା କରିବାରୁ ଘଟଣା ପଛର ସବୁ ସତ ସାମ୍ନାକୁ ଆସିଥିଲା।

ଚେତ୍ତିୟାର ଏକାକୀ ରହୁଥିବାରୁ ତାଙ୍କୁ ହତ୍ୟା କରି ଘରେ ଥିବା ସୁନା ଲୁଟ କରିବା ନାବାଳିକାର ଉଦ୍ଦେଶ୍ୟ ଥିଲା। ଏଥିପାଇଁ ସେ ନିଜ ପ୍ରେମିକକୁ ଏହି ଷଡ଼ଯନ୍ତ୍ରରେ ସାମିଲ କରିଥିଲା। ଯୋଜନା ଅନୁସାରେ ଶନିବାର ସନ୍ଧ୍ୟାରେ ନାବାଳିକାର ପ୍ରେମିକା ଓ ତା'ର ଦୁଇ ଜଣ ସାଙ୍ଗ ମିଳିତ ଭାବେ ଚେତ୍ତିୟାରଙ୍କ ଠିକଣାରେ ପହଞ୍ଚିଥିଲେ। ଏହି ସମୟରେ ଚେତ୍ତିୟାରଙ୍କ ପତ୍ନୀ ଓ ଝିଅ ଘରେ ନଥିଲେ। ଏହାର ସୁଯୋଗ ନେଇ ସେମାନେ ଘରର ଭେଣ୍ଟିଲେଟର ପାଖରେ ଥିବା ରାସ୍ତାରେ ଭିତରେ ପ୍ରବେଶ କରିଥିଲେ। ଏହାପରେ ସିଧା ଯାଇ ଚେତ୍ତିୟାରଙ୍କ ଶୋଇବା ଘରେ ପହଞ୍ଚି ଯାଇଥିଲେ। ସେମାନଙ୍କୁ ଦେଖି ଚେତ୍ତିୟାର ପାଟି କରିଥିଲେ। ଏହାକୁ ନେଇ ସେଠାରେ ମାରପିଟ ମଧ୍ୟ ହୋଇଥିଲା। ଏତିକି ବେଳେ ୩ ଜଣ ଯାକ ଚେତ୍ତିୟାରକୁ ତଳେ ପକାଇ ଦେଇ ତାଙ୍କ ହାତ ଗୋଡ଼ ବାନ୍ଧି ଦେଇଥିଲେ। ଏହାପରେ ଗୋଟିଏ କପଡ଼ାରେ ତାଙ୍କ ବେକକୁ ଚିପି ହତ୍ୟା କରିଥିଲେ। ହତ୍ୟା କରିବା ପରେ ସେହି ସ୍ଥାନରୁ ନାବାଳିକାକୁ ଭିଡିଓ କଲ କରି ସବୁ କିଛି ଦେଖାଇଥିଲା ନାବାଳକ ପ୍ରେମିକ। ଭିଡିଓ କଲରେ ନାବାଳିକା ଜଣକ ଘର କେଉଁ ସବୁ ସ୍ଥାନରେ ସୁନା ଅଳଙ୍କାର ରହିଥିଲା, ସେକଥା କହିଥିଲା।

ଅଭିଯୁକ୍ତମାନେ ନାବାଳକ ହୋଇଥିଲେ ହେଁ ସେମାନେ ବେଶ ଚତୁରତା ଦେଖାଇଥିଲେ। ସନ୍ଧାନୀ କୁକୁରକୁ ଚକମା ଦେବା ପାଇଁ ସେମାନେ ଲଙ୍କା ଗୁଣ୍ଡ ଘଟଣା ସ୍ଥଳରେ ପକାଇଥିଲେ। ଶେଷରେ ସୁନା ଅଳଙ୍କାର ଧରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ନାବାଳିକା ଜଣକ ଚୋରି ସୁନା ପାଇବା ପରେ ବେଶ ଖୁସି ହୋଇଯାଇଥିଲା। ଚୋରି ସୁନା ମଧ୍ୟରୁ କିଛି ସେ କୋଲାମ ଜିଲ୍ଲାରେ ୧୬ ହଜାର ଟଙ୍କାରେ ବିକ୍ରି କରିଥିଲା। ପୁଲିସ୍ ଏହି ସୁନା ସହ ମୋଟ ୫,୬୧,୬୦୦ ଟଙ୍କା ମୂଲ୍ୟର ସୁନା ଜବତ କରିଥିବା କହିଛି। ଏଥିସହ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ୍ ନିଜ ହେପାଜତକୁ ନେଇଛି। ଅଭିଯୁକ୍ତମାନେ ନାବାଳକ ଓ ନାବାଳିକା ହୋଇଥିବାରୁ ଆଇନ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୁଲିସ୍ କହିଛି।

" ପାପ ପୂଣ୍ୟର ଲୁଚକାଳି ଖେଳ
ସରିତ ଯାଉଛି ବେଳ
କଳା କର୍ମର ଫଳ ଭୋଗୁ ଭୋଗୁ
ଆସି ଯିବ ମହା କାଳ "

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

## ସମ୍ପାଦକୀୟ...

# ଶୈକ୍ଷିକ ଶିକ୍ଷାର ମାନଦଣ୍ଡ ଏବଂ ଗବେଷଣାର ଗୁଣାତ୍ମକ ଦିଗହରା

ଆଧୁନିକ ଭାରତରେ ବିଶ୍ୱବିଦ୍ୟାଳୟଗୁଡ଼ିକର ସଂଖ୍ୟା ଗତ କିଛି ଦଶନ୍ଧି ମଧ୍ୟରେ ବୃଦ୍ଧି ପାଇଛି ସତ, କିନ୍ତୁ ଶୈକ୍ଷିକ ମାନଦଣ୍ଡ ଏବଂ ଗବେଷଣାର ଗୁଣାତ୍ମକ ଦିଗଟି ଏବେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ରିଟିଶ ଶାସନ କାଳରେ ପ୍ରତିଷ୍ଠିତ କଲିକତା, ବମ୍ବେ ଓ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟଗୁଡ଼ିକ ଯେଉଁ ଉଦ୍ଦେଶ୍ୟ ଓ ଶୈକ୍ଷିକ ନିଷ୍ଠା ନେଇ କାର୍ଯ୍ୟ ଆରମ୍ଭ କରିଥିଲେ, ଆଜିର ଅନେକ ଅନୁଷ୍ଠାନ ସେହି ଆଦର୍ଶରୁ ବିଚ୍ୟୁତ ହେଉଥିବା ପରି ମନେହୁଏ। ସେତେବେଳେ ସୀମିତ ସମ୍ବଳ ମଧ୍ୟରେ ମଧ୍ୟ ଗବେଷଣା ପାଇଁ ଯେଉଁ ମୌଳିକତା ଏବଂ ଆଗ୍ରହ ଥିଲା, ତାହା ଆଜିର ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ଯୁଗରେ କେଉଁଠି ନା କେଉଁଠି ହଜିଯାଉଛି। ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଅଧିକ ମାତ୍ରାରେ ଡିଗ୍ରୀ ସର୍ବସ୍ୱ ଓ ପରୀକ୍ଷା କେନ୍ଦ୍ରିକ ହୋଇପଡ଼ିଥିବାରୁ, ଜ୍ଞାନର ପ୍ରକୃତ ଅନ୍ୱେଷଣ ବା 'ସତ୍ୟର ଅନ୍ୱେଷଣ' ଗୌଣ ହୋଇଯାଇଛି। ଗବେଷଣା କ୍ଷେତ୍ରରେ ଦେଖାଯାଉଥିବା ଏହି ଅବକ୍ଷୟର ଅନ୍ୟତମ କାରଣ ହେଉଛି କେବଳ ସଂଖ୍ୟାତ୍ମକ ସଫଳତା ପଛରେ ଧାବମାନ ହେବା। ଅନେକ କ୍ଷେତ୍ରରେ ଗବେଷଣା କେବଳ ଏକ ଆନୁଷ୍ଠାନିକ ପ୍ରକ୍ରିୟାରେ ସୀମିତ ରହିଯାଉଛି, ଯେଉଁଥିରେ ନୂତନତା ବା ସାମାଜିକ ଉପଯୋଗିତାର ଅଭାବ ପରିଲକ୍ଷିତ ହେଉଛି। ଏହି ସ୍ଥିତି ସମ୍ପର୍କରେ ଓଡ଼ିଆ ଗବେଷଣାର ମୁଖପତ୍ର 'ଏଷଣା'ର ୧୯୮୦ ଜୁନ୍ ସଂଖ୍ୟାରେ ପ୍ରତିଭାବାନ ସମ୍ପାଦକ କୃଷ୍ଣ ଚରଣ ବେହେରା 'ବିଶ୍ୱବିଦ୍ୟାଳୟ ଭାବ-ମୂର୍ତ୍ତି' ଶୀର୍ଷକରେ ଅତ୍ୟନ୍ତ କ୍ଷୋଭର ସହ ଲେଖିଥିଲେ- ଆମର ବିଶ୍ୱବିଦ୍ୟାଳୟଗୁଡ଼ିକ ଏବେ ମୁଖ୍ୟତଃ ଗୋଟିଏ ଗୋଟିଏ ପରୀକ୍ଷା ପରିଚାଳନା ସଂସ୍ଥା ହୋଇ ରହିଛନ୍ତି ବୋଇଲେ ଚଳେ। ପରୀକ୍ଷା ପରିଚାଳନା ବିଶ୍ୱବିଦ୍ୟାଳୟର ଗୋଟିଏ କାର୍ଯ୍ୟ ତାହା କେହି ଅସ୍ୱୀକାର କରୁନାହିଁ; କିନ୍ତୁ ତାହା ଯେ ବିଶ୍ୱବିଦ୍ୟାଳୟର ଏକ ଗୌଣ ଓ ତୁଚ୍ଛ କାର୍ଯ୍ୟ – ଏକଥା ଅନେକେ ହୃଦୟଙ୍ଗମ କରନ୍ତି ନାହିଁ। ବର୍ଷକୁ ବର୍ଷ ଗୋଟାକ ପରେ ଗୋଟିଏ ପରୀକ୍ଷା ପରିଚାଳନା ପୂର୍ବକ ଦଳକୁ ଦଳ ଛାତ୍ରୀଛାତ୍ରଙ୍କୁ ପାଶ୍ କରାଇ ଡିଗ୍ରୀ-ଡିପ୍ଲୋମା ବାଣ୍ଟିବା ଯଦି ଗୋଟିଏ ବିଶ୍ୱବିଦ୍ୟାଳୟର ପ୍ରଧାନ କାର୍ଯ୍ୟ ହୁଏ, ତାହାହେଲେ ସେଭଳି ବିଶ୍ୱବିଦ୍ୟାଳୟ ଆମର ସଚେତନ ସଂସ୍କୃତିପ୍ରେମୀ ବ୍ୟକ୍ତିମାନେ ପସନ୍ଦ କରିବେ କି ? କାହିଁ ଗଲା ଫଳପ୍ରଦ ଗବେଷଣା! କାହିଁ ଉଚ୍ଚକୋଟୀର ମୂଲ୍ୟବାନ ଗ୍ରନ୍ଥ ପ୍ରଣୟନ ଓ ପ୍ରକାଶ! କାହିଁ ବା 'ପେପର' ଓ 'ଜର୍ନାଲ'! କୁଆଡେ ରହିଲା ଜନଜୀବନ ପ୍ରତି ଅଙ୍ଗୀକାର ଏବଂ ସମାଜ ପାଇଁ ପ୍ରାସଙ୍ଗିକତା! କେବଳ ସ୍ୱାର୍ଥସାଧିକା ପରୀକ୍ଷା, ପରୀକ୍ଷା, ପରୀକ୍ଷା !

ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷଣାତ୍ମକ ପ୍ରବାହ ଏକ ଦୀର୍ଘ ତଥା ଗୌରବମୟ ଇତିହାସକୁ ପାଥେୟ କରି ଗତିଶୀଳ। ଏହି ବୌଦ୍ଧିକ ଯାତ୍ରାର ଶୁଭାରମ୍ଭ ହୁଏ ୧୯୪୩ ମସିହାରେ, ଯେତେବେଳେ 'ଉତ୍କଳ ବିଶ୍ୱବିଦ୍ୟାଳୟ' ପ୍ରତିଷ୍ଠା ଲାଭ କରେ। ଏହାର ପ୍ରାୟ ପାଞ୍ଚ ବର୍ଷ ପରେ, ଅର୍ଥାତ୍ ୧୯୪୮ ମସିହାରେ କରୁଣାକର କରଙ୍କ ଗବେଷଣା ନିବନ୍ଧ 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ଲୋକାଭିମୁଖୀ ହୋଇ ଓଡ଼ିଆ ଗବେଷଣା ସାହିତ୍ୟର ସୁଦୃଢ଼ ଭିତ୍ତି ସ୍ଥାପନ କଲା। ଏହି ଧାରାକୁ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରଜ୍ଞାବାନ ସାରସ୍ୱତ ସାଧକମାନେ ନୂତନ ଦିଗନ୍ତ ପ୍ରଦାନ କରିଥିଲେ। ୧୯୫୩ ମସିହାରେ ଲଣ୍ଡନ ବିଶ୍ୱବିଦ୍ୟାଳୟରୁ କୁଞ୍ଜବିହାରୀ ତ୍ରିପାଠୀଙ୍କ 'ଖସଭଶଙ୍କସଗ୍ପୃସମଗ୍ର ଝଗ୍ରଙ୍କୟଚ୍ଚ କୂଲ ଡଙ୍କସଚ୍ଚବ ଓଭଗ୍ରମକ୍ସସଙ୍କୃଗ୍ରସଙ୍କଭ' ଏବଂ ୧୯୫୪ରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରୁ କୁଞ୍ଜବିହାରୀ ଦାଶଙ୍କ 'ଓଡ଼ିଆ ଲୋକଗୀତ ଓ କାହାଣୀ' ସମ୍ପର୍କିତ ଗବେଷଣା ଓଡ଼ିଆ ଭାଷାତତ୍ତ୍ୱ ଓ ଲୋକସଂସ୍କୃତିର ମୌଳିକତାକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିପାରିଥିଲା। ଏହି କ୍ରମରେ ୧୯୬୫ ମସିହାରେ ରାଞ୍ଚି ବିଶ୍ୱବିଦ୍ୟାଳୟରୁ କୃଷ୍ଣ ଚରଣ ସାହୁଙ୍କ 'ଓଡ଼ିଆ ରାମ ସାହିତ୍ୟ' ସମ୍ବନ୍ଧୀୟ ଗବେଷଣା ନିବନ୍ଧ ସର୍ବତ୍ର ପ୍ରଶଂସିତ ହୋଇଥିଲା। ସାମ୍ପ୍ରତିକ କାଳଖଣ୍ଡରେ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ନୂତନ ତଥ୍ୟର ଅନ୍ୱେଷଣ କରିବା ପାଇଁ ଗବେଷକଙ୍କ ମନରେ ସେହି ପୂର୍ବତନ ଶ୍ରଦ୍ଧା ବା ନିଷ୍ଠାପୂର୍ଣ୍ଣ ଅଭିଳାଷ ଆଉ ପରିଲକ୍ଷିତ ହେଉନାହିଁ। ଗବେଷଣା ଆଜି ଜ୍ଞାନର ସାଧନା ପରିବର୍ତ୍ତେ କେବଳ ଏକ ଆନୁଷ୍ଠାନିକ ବାଧ୍ୟବାଧକତାରେ ପରିଣତ ହୋଇଛି। ଓଡ଼ିଆ ଭାଷା ବ୍ୟତୀତ ଅନ୍ୟ କୌଣସି ପ୍ରାନ୍ତୀୟ ବା ଅନ୍ତର୍ଜାତୀୟ ଭାଷାରେ ଦକ୍ଷତା ନ ଥିବାରୁ ଆମର ଗବେଷକମାନେ ତୁଳନାତ୍ମକ ସାହିତ୍ୟ ଭଳି ଏକ ବ୍ୟାପକ କ୍ଷେତ୍ରରୁ ନିଜକୁ ଦୂରେଇ ରଖୁଛନ୍ତି। ଫଳସ୍ୱରୂପ, ସେମାନେ କେବଳ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଲେଖକଙ୍କ ଉପରେ ସନ୍ଦର୍ଭ ପ୍ରସ୍ତୁତ କରୁଛନ୍ତି, ଯାହା ଏକ ତାତ୍ତ୍ୱିକ ଗବେଷଣା ଅପେକ୍ଷା ଜୀବନୀ ସାହିତ୍ୟ ପରି ମନେହେଉଛି। ଏଥିରେ ବିଶ୍ଳେଷଣର ଗଭୀରତା ଅପେକ୍ଷା ପ୍ରଶସ୍ତିଗାନର ମାତ୍ରା ହିଁ ଅଧିକ ରହୁଛି। ଗବେଷଣାର ମୂଳ ନୀତି ହେଉଛି ମୌଳିକତା, ମାତ୍ର ଦୁର୍ଭାଗ୍ୟବଶତଃ ପୂର୍ବରୁ ପ୍ରକାଶିତ ଗବେଷଣା ପ୍ରସଙ୍ଗଗୁଡ଼ିକୁ ଅବିକଳ ନକଲ କରିବା କିମ୍ବା ଯେଣୁତେଣୁ ତଥ୍ୟ ସଂଗ୍ରହ କରି ସନ୍ଦର୍ଭ ପ୍ରସ୍ତୁତ କରିଦେବା ଆଜିର ଏକ ସାଧାରଣ ପ୍ରକ୍ରିୟା ହୋଇଛି। ଏପରି 'କଟ୍-କପି-ପେଷ୍ଟ' ସଂସ୍କୃତି ଯୋଗୁ ଓଡ଼ିଆ ସାହିତ୍ୟରେ ଏବେ କୌଣସି କାଳଜୟୀ ଗବେଷଣା ନିବନ୍ଧ ସୃଷ୍ଟି ହୋଇପାରୁ ନାହିଁ। ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣା ପରିଚାଳନା କ୍ଷେତ୍ରରେ କିଛି ସାଂଘାତିକ ଅନୈତିକତା ମଧ୍ୟ ଦେଖିବାକୁ ମିଳୁଛି। କେତେକ ମାର୍ଗଦର୍ଶକ ନିଜ ସ୍କଲାରମାନଙ୍କ ପାଇଁ ନିବନ୍ଧ ରଚନା କରିବାଠାରୁ ଆରମ୍ଭ କରି ପରୀକ୍ଷକମାନଙ୍କୁ ନିଜ ଆୟତ୍ତରେ ରଖିବା ପର୍ଯ୍ୟନ୍ତ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଶୁଣାଯାଉଛି। ଏହିପରି ଅସାଧୁ ପ୍ରୟାସକୁ ଆପଣେଇ ଗବେଷକମାନେ ବିଶ୍ୱବିଦ୍ୟାଳୟରୁ କେବଳ ଡିଗ୍ରୀ ହାସଲ କରିନେଉଛନ୍ତି, ଯାହାଦ୍ୱାରା ଓଡ଼ିଆ ଭାଷା ସାହିତ୍ୟର ଗବେଷଣା ରସାତଳକୁ ଗତି କରୁଛି। ଏହି ବୌଦ୍ଧିକ ଅଧୋପତନକୁ ଲକ୍ଷ୍ୟ କରି ପ୍ରଖ୍ୟାତ ଶିକ୍ଷାବିତ୍ ଡ. ମାୟାଧର ମାନସିଂହ ନିଜ ଆତ୍ମଜୀବନୀରେ ଅତ୍ୟନ୍ତ କ୍ଷୋଭର ସହ ଉଲ୍ଲେଖ କରିଥିଲେ ଯେ ବିଶ୍ୱବିଦ୍ୟାଳୟ ହେଲା ଦେଶର ତରୁଣ ସମାଜକୁ ଜ୍ଞାନଦୀପ୍ତ କରି ଗଢି, ବାହାର ଜଗତକୁ ଛାଡ଼ିଦେବାର ସାଧନାପୀଠ; କିନ୍ତୁ କେବଳ ଅଭିଶପ୍ତ ଭାରତବର୍ଷରେ ହିଁ କଲେଜ ବା ବିଶ୍ୱବିଦ୍ୟାଳୟକୁ ଯେ କୌଣସି ମତେ ଖଣ୍ଡିଏ ଖଣ୍ଡିଏ ଡିପ୍ଲୋମା ମାରିନେବାର ଏକରକମ 'ସିଭିଲ ସପ୍ଲାଏ ଅଫିସ' ବୋଲି ଧରାଯାଏ। ଠିକ୍ ସେହି କାରଣରୁ ଏବଂ ସେହି ପରିଣାମରେ ହିଁ ଏ ଜାତି ଅପାରଗ ଓ ଦୋଷଦୃଷ୍ଟ ହୋଇ ରହିଛି ଏବଂ ଆଗକୁ ମଧ୍ୟ ରହିବ। ମାନସିଂହଙ୍କର ଏହି କଟୁ ସତ୍ୟ ଆଜି ଆମ ସମାଜରେ ଅଧିକ ପ୍ରାସଙ୍ଗିକ ହୋଇ ରହିଛି, ଯେଉଁଠି ମୌଳିକ ଅନ୍ୱେଷଣ ଅପେକ୍ଷା କେବଳ ଡିଗ୍ରୀ ହାସଲ କରିବାର ଲାଳସା ଜ୍ଞାନର ଗରିମାକୁ କ୍ଷୁର୍ଣ୍ଣ କରୁଛି। ଶେଷରେ କୁହାଯାଇ ପାରେ ଯେ ଆଜିର ଗବେଷଣା କେବଳ ଡିଗ୍ରୀ ହାସଲର ଏକ ସୋପାନ ସାଜିଛି। ମୌଳିକ ଚିନ୍ତନ ଓ ସୃଜନଶୀଳ ଅନ୍ୱେଷଣ ବଦଳରେ ନକଲ ଓ ପୁନରାବୃତ୍ତିର ବାତାବରଣ ଗବେଷଣାର ଗରିମାକୁ ନଷ୍ଟ କରୁଛି।

**ଗବେଷଣାର ଅବକ୍ଷୟ**
**ଶିକ୍ଷା ଦିଗହରା**

# ସାମ୍ବିଧାନିକ ଅନୁଷ୍ଠାନ, ଚିନ୍ତା ଏବଂ ଆଗାମୀ ପଥ

ତାଙ୍କର ବହୁ ଚର୍ଚ୍ଚିତ ପୁସ୍ତକ 'ଫ୍ୟୁଚର ଅଫ୍ ଫ୍ରିଡମ୍' (୨୦୦୩) ରେ ଫରିଦ୍ ଜକାରିଆ ଲେଖିଥିଲେ ଯେ ସାମ୍ବିଧାନିକ ଅନୁଷ୍ଠାନ—ଯେପରିକି ନ୍ୟାୟପାଳିକା ଏବଂ ଆଇନର ଶାସନ—ଏକ ମୁକ୍ତ ସମାଜକୁ ବଜାୟ ରଖିବା ପାଇଁ ନିର୍ବାଚିତ ଅନୁଷ୍ଠାନ ରହିବା ଅପେକ୍ଷା ଅଧିକ ମୌଳିକ ଅଟେ। ନଅ ବର୍ଷ ପରେ, ଆସେମୋଗ୍ଲୁ ଏବଂ ରବିନ୍ସନ୍ ସେମାନଙ୍କର ନୋବେଲ ବିଜେତା ପୁସ୍ତକ 'ହ୍ୱାଇ ନେସନ୍ସ ଫେଲ୍?' ରେ ପର୍ଯ୍ୟବେକ୍ଷଣ କରିଥିଲେ: 'ଏହା ହେଉଛି ଅନୁଷ୍ଠାନଗୁଡ଼ିକର ଗୁଣବତ୍ତା ଯାହା ଏକ ଦେଶର ଅର୍ଥନୈତିକ ସଫଳତା କିମ୍ବା ବିଫଳତାକୁ ପୃଥକ କରିଥାଏ'। ଡକ୍ଟର ବି.ଆର. ଆମ୍ବେଦକର ଏହି ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରାଗୁଡ଼ିକୁ ସମ୍ବିଧାନରେ କିପରି ସ୍ଥାନିତ କରିଥିଲେ, ତାହା ଦେଖିବା ଆକର୍ଷଣୀୟ ହେବ, ଯାହାଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟର ବିଚାରପତି, ସି ଆଣ୍ଡ ଏଜି (C&AG) ଏବଂ ମୁଖ୍ୟ ନିର୍ବାଚନ କମିଶନଙ୍କ ପରି ଅଣ-ନିର୍ବାଚିତ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଚୟନ ନିରପେକ୍ଷ ଭାବରେ ହେବ ଏବଂ ପଦବୀଗୁଡ଼ିକ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରିଚାଳିତ ହେବ। ସମ୍ବିଧାନ ପ୍ରତ୍ୟେକ ସଂସ୍ଥା ପାଇଁ ଭିନ୍ନ ଭିନ୍ନ ନିଯୁକ୍ତି ପ୍ରକ୍ରିୟା ପରିକଳ୍ପନା କରିଥାଏ। ଭାରତୀୟ ଗଣତନ୍ତ୍ର ଆଗକୁ ବଢ଼ିବା ସହିତ, ଏକ ଗୁପ୍ତ ସନ୍ଦେହ ରହିଛି ଯେ ଉଭୟ ଚୟନ ପ୍ରକ୍ରିୟା ଏବଂ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କ ଗୁଣବତ୍ତା ଆଇନର ଶାସନ ବଜାୟ ରଖିବା ଏବଂ ଉଦାରବାଦୀ ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିବାରେ କୌଣସି ଆଶ୍ୱାସନା ପ୍ରଦାନ କରୁନାହିଁ।

**ନିଯୁକ୍ତି ପ୍ରକ୍ରିୟା**

ସମ୍ବିଧାନ ପ୍ରଣୟନରେ ମୁଖ୍ୟ ସ୍ୱର ଥିବା ଡକ୍ଟର ବି.ଆର. ଆମ୍ବେଦକର 'ବିଚାରପତିମାନେ ବିଚାରପତି ଚୟନ କରିବା' କିମ୍ବା ମୁଖ୍ୟ ବିଚାରପତିଙ୍କ ଦ୍ୱାରା ବିଚାରପତି ଚୟନ ପ୍ରକ୍ରିୟାରେ ଭିଟୋ ବ୍ୟବହାର କରିବା ବିରୁଦ୍ଧରେ ସତର୍କ କରାଇଥିଲେ। ସେ ଅନେକ ସଦସ୍ୟଙ୍କ ମତ ସହ ମଧ୍ୟ ସହମତ ହୋଇନଥିଲେ ଯେ ଏହା ସଂସଦୀୟ ଅନୁମୋଦନ ମାଧ୍ୟମରେ ହେବା ଉଚିତ, ଯାହାକୁ ସେ ଏକ 'ବିପଜ୍ଜନକ ପ୍ରସ୍ତାବ' ବୋଲି କହିଥିଲେ। ଏହା ପରିବର୍ତ୍ତେ ସେ ଏକ ମଧ୍ୟବର୍ତ୍ତୀ ପଥ ପ୍ରସ୍ତାବ ଦେଇଥିଲେ ଯେଉଁଠାରେ ରାଷ୍ଟ୍ରପତି ମୁଖ୍ୟ ବିଚାରପତି ଏବଂ ଜ୍ଞାନୀ ବିଚାରପତିମାନଙ୍କ ସହ ପରାମର୍ଶ କରିବେ, ଯାହାଦ୍ୱାରା କୌଣସି ପକ୍ଷର ସର୍ବୋଚ୍ଚତାକୁ ଏଡ଼ାଇ ଦିଆଯାଇପାରିବ। ଅନୁଚ୍ଛେଦ ୧୨୪(୨) ଏହି ମଧ୍ୟବର୍ତ୍ତୀ ପଥର ଏକ ପରିଣାମ ଥିଲା। ସି ଆଣ୍ଡ ଏଜିଙ୍କ ନିଯୁକ୍ତି କ୍ଷେତ୍ରରେ, ସେ ସଂସଦୀୟ ଅନୁମୋଦନ ଏବଂ କଠୋର ସାମ୍ବିଧାନିକ ଯୋଗ୍ୟତା ପାଇଁ ପରାମର୍ଶ ଦେଇଥିଲେ ଏବଂ ଏହା ପରିବର୍ତ୍ତେ 'ବର୍ତ୍ତମାନର ସରକାର ନିଯୁକ୍ତି ନିଷ୍ପତ୍ତି ନେବା' ପାଇଁ ସ୍ଥିର କରିଥିଲେ। ଅନୁଚ୍ଛେଦ ୧୪୮ ଏହି ଅସ୍ପଷ୍ଟ ବ୍ୟବସ୍ଥା ପ୍ରସ୍ତୁତ କରେ। ମୁଖ୍ୟ ନିର୍ବାଚନ କମିଶନ (CEC) ଙ୍କ ନିଯୁକ୍ତି କ୍ଷେତ୍ରରେ, ଆମ୍ବେଦକର ପୁନର୍ବାର ସଦସ୍ୟମାନଙ୍କ ଦ୍ୱାରା ସଂସଦରୁ ଦୁଇ-ତୃତୀୟାଂଶ ଭୋଟ୍ ପାଇଁ ଦିଆଯାଇଥିବା ପରାମର୍ଶକୁ ଗ୍ରହଣ କରିନଥିଲେ। ଏହା ପରିବର୍ତ୍ତେ ସେ 'ସ୍ଥଗିତ ରଖିବାର ପଥ' ବା 'ଡିଫରାଲ୍' (deferral) ବାଛିଥିଲେ, ଯେଉଁଥିରେ ସେ ପରାମର୍ଶ ଦେଇଥିଲେ ଯେ ସଂସଦ 'ସେହି ବିଷୟରେ' ଏକ ଆଇନ ପ୍ରଣୟନ କରିପାରିବ। ଅନୁଚ୍ଛେଦ ୩୨୪(୨) ଏହିପରି ଭାବରେ କାର୍ଯ୍ୟପାଳିକାକୁ ଉରଉ ନିଯୁକ୍ତି ନିଷ୍ପତ୍ତି ନେବା ପାଇଁ ଛାଡ଼ିଦେଲା।



**ସତ୍ୟ ନାରାୟଣ ମିଶ୍ର**
ପ୍ରଫେସର ଏମିରିଟ୍ସ ଏବଂ
ନିୟମିତ ସ୍ତମ୍ଭକାର

**ବିଚାରପତି ନିଯୁକ୍ତି ଉପରେ ବିବାଦ**

ଯଦିଓ ସି ଆଣ୍ଡ ଏଜି (C&AG)ଙ୍କ ନିଯୁକ୍ତି ଏପର୍ଯ୍ୟନ୍ତ ସର୍ବୋଚ୍ଚ ନ୍ୟାୟାଳୟରେ ଅଧିକ ବିବାଦ ସୃଷ୍ଟି କରିନାହିଁ, କିନ୍ତୁ ବିଚାରପତିମାନଙ୍କ ନିଯୁକ୍ତି କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ମଧ୍ୟରେ ଗୁରୁତର ବିବାଦ ସୃଷ୍ଟି କରିଛି, ଯେଉଁଥିରେ ସର୍ବୋଚ୍ଚ ନ୍ୟାୟାଳୟ ୧୯୯୩ ମସିହାରେ ନିଷ୍ପତ୍ତି ଦେଇଥିଲେ ଯେ ଅନୁଚ୍ଛେଦ ୧୨୪(୨) ରେ ଥିବା 'ପରାମର୍ଶ' ଶବ୍ଦଟି ପ୍ରକୃତରେ ମୁଖ୍ୟ ବିଚାରପତିଙ୍କ 'ସମ୍ମତି' (concurrence)କୁ ବୁଝାଏ। ଏହା ତିନିଜଣ ବିଚାରପତିଙ୍କୁ ନେଇ ବିଚାରପତି ନିଯୁକ୍ତି ନିଷ୍ପତ୍ତି ନେବା ପାଇଁ 'କଲେଜିୟମ୍ ବ୍ୟବସ୍ଥା'ର ବୀଜ ବପନ କଲା। ପରବର୍ତ୍ତୀ ସମୟରେ ୧୯୯୮ ମସିହାରେ, ସେମାନେ କଲେଜିୟମ୍‌ର ସଦସ୍ୟ ସଂଖ୍ୟା ପାଞ୍ଚକୁ ବୃଦ୍ଧି କଲେ। ଏହି ଏକପାଖିଆ ବିଚାରପତି ଚୟନ ପ୍ରକ୍ରିୟାକୁ ରୋକିବା ପାଇଁ ସଂସଦ ଅନୁଚ୍ଛେଦ ୧୨୪ ରେ ଏକ ସଂଶୋଧନ ଆଣି ଘୋଷଣା (ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ) ଆଣିଲା, ଯାହା ଏକ ବ୍ୟାପକ ଚୟନ ପ୍ରକ୍ରିୟା ଥିଲା ଏବଂ ୨୦୧୪ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା 'ନ୍ୟାୟପାଳିକାର ସ୍ୱାଧୀନତା' ଉଲ୍ଲଂଘନ କରୁଥିବା ଦର୍ଶାଇ ଏହାକୁ ରଦ୍ଦ କରିଦେଲା। ସର୍ବୋଚ୍ଚ ନ୍ୟାୟାଳୟର ଏହି ସଂଖ୍ୟାଗରିଷ୍ଠ ନିଷ୍ପତ୍ତିରେ ଏକମାତ୍ର ଅସମ୍ମତି ପ୍ରକାଶ କରିଥିବା ସ୍ୱର ଥିଲା ବିଚାରପତି ଜଷ୍ଟିସ୍ ଜଷ୍ଟିସ୍ ଚେଲାମେଶ୍ୱର, ଯିଏ କଲେଜିୟମ୍ ବ୍ୟବସ୍ଥାକୁ 'ସମ୍ପୂର୍ଣ୍ଣ ଅସ୍ୱଚ୍ଛ' ବୋଲି ମନେ କରୁଥିଲେ ଏବଂ ଚୟନ ପ୍ରକ୍ରିୟାରୁ କାର୍ଯ୍ୟପାଳିକାକୁ ବାଦ୍ ଦେବା 'ନିୟନ୍ତ୍ରଣ ଏବଂ ସନ୍ତୁଳନ' (checks and balance) ର ନୀତି ବିରୁଦ୍ଧ ଅଟେ। ବିଚାରପତି କୃଷ୍ଣ ଆୟାର, ଯିଏ ନ୍ୟାୟପାଳିକାର ଅନ୍ୟତମ ସମ୍ମାନିତ ସ୍ୱର, ସେ 'ପ୍ରକ୍ରିୟାର ଗୋପନୀୟତା' ଏବଂ ବରିଷ୍ଠତମ ବିଚାରପତିମାନେ ସେମାନଙ୍କ ଉତ୍ତରାଧିକାରୀ ଚୟନ କରିବାକୁ 'ଅବୈଜ୍ଞାନିକ ଏବଂ ସଂକୀର୍ଣ୍ଣ' ବୋଲି ସମାଲୋଚନା କରିଥିଲେ। ଏଭଳି କଠୋର ସମାଲୋଚନା ସତ୍ତ୍ୱେ, କ୍ରମାଗତ ମୁଖ୍ୟ ବିଚାରପତିମାନେ କଲେଜିୟମ୍ ବ୍ୟବସ୍ଥାକୁ ସମର୍ଥନ କରିଆସୁଛନ୍ତି, ଯାହାର ବିଶ୍ୱସ୍ତରରେ କୌଣସି ସମାନ ବ୍ୟବସ୍ଥା ନାହିଁ।

**ସିଇସି ଚୟନ ଉପରେ ବିତର୍କ**

ସରକାରଙ୍କ ଦ୍ୱାରା ଉରଉ ନିଯୁକ୍ତିରେ ଏକ ଆକର୍ଷଣୀୟ ମୋଡ଼ ଆସିଥିଲା ଯେତେବେଳେ ୨୦୨୩ ମସିହାରେ ଜଷ୍ଟିସ୍ ଜୋସେଫ୍‌ଙ୍କ ନେତୃତ୍ୱରେ ଏକ ସାମ୍ବିଧାନିକ ବେଞ୍ଚ, ଅନୁପ ବାର୍ନୱାଲ୍ ମାମଲାରେ, ୭୦ ବର୍ଷ ବିତିଯାଇଥିଲେ ମଧ୍ୟ ସଂସଦ CEC ନିଯୁକ୍ତିର ପଦ୍ଧତି ଉପରେ କୌଣସି ଆଇନ ପାରିତ କରିନଥିବାରୁ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏହା ପରାମର୍ଶ ଦେଇଥିଲା ଯେ ସଂସଦ ଏକ ସଠିକ୍ ଆଇନ ପାରିତ କରିବା ପର୍ଯ୍ୟନ୍ତ PM, CJI ଏବଂ ଲୋକସଭାର LOPଙ୍କୁ ନେଇ ଗଠିତ ଏକ କମିଟି CEC ଚୟନ କରିବା ଉଚିତ। ଏହା ଜନସାଧାରଣଙ୍କ କଲ୍ୟାଣ ପାଇଁ ନ୍ୟାୟପାଳିକାର ଭୂମିକା ପୂରଣ କରିବା ପାଇଁ ବିଶାଖା ରାଣୀ ମାମଲା ଭଳି ଐତିହାସିକ ମାମଲାଗୁଡ଼ିକୁ ଉଦ୍ଧୃତ କରିଥିଲା। ଡିସେମ୍ବର ୨୦୨୩ ରେ, BJP ସରକାର ଏକ ନୂତନ ଆଇନ ଆଣିଥିଲେ, ଯେଉଁଥିରେ ଏହା କମିଟିରୁ CJIଙ୍କୁ ହଟାଇ HMଙ୍କୁ ସ୍ଥାନିତ କରିଥିଲେ, ଯାହାଦ୍ୱାରା ନିଯୁକ୍ତି ପ୍ରକ୍ରିୟାରେ ସରକାରଙ୍କ ପ୍ରଭାବ ବଜାୟ ରହିଲା। ଡକ୍ଟର ଜୟ ଥାକୁର, ଜଣେ ସାହସୀ କର୍ମୀ, ୨୦୨୩ ର ସାମ୍ବିଧାନିକ ବେଞ୍ଚର ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରିଥିବାରୁ ଏହି ଆଇନକୁ ଚ୍ୟାଲେଞ୍ଜ କରିଥିଲେ। ଜାନୁଆରୀ ୨୦୨୪ ରେ, CJI ଖାନ୍ନା ଏବଂ ଜଷ୍ଟିସ୍ ଦତ୍ତ ଏହି ଆଇନ ଉପରେ ରୋକ୍ ଲଗାଇବାକୁ ମନା କରିଦେଇଥିଲେ। ଜାନୁଆରୀ ୨୦୨୬ ରେ, CJ ସୂର୍ଯ୍ୟ କାଣ୍ଟ ଏହି ମାମଲାରୁ ଓହରି ଯାଇଥିଲେ, କାରଣ ଯଦି ସେ ଚୟନ ପ୍ରକ୍ରିୟାର ଅଂଶ ହୁଅନ୍ତି ତେବେ ସ୍ୱାର୍ଥ ସଂଘର୍ଷର ସମ୍ଭାବନା ଥିଲା। ମେ ୨୦୨୬ ରେ, ଜଷ୍ଟିସ୍ ଦତ୍ତ ମତ ଦେଇଛନ୍ତି ଯେ ବାର୍ନୱାଲ୍ ରାୟକୁ ସଂସଦ କୌଣସି ନିର୍ଦ୍ଦିଷ୍ଟ ଢଙ୍ଗରେ ଆଇନ ପ୍ରଣୟନ କରିବା ପାଇଁ ବାଧ୍ୟତାମୂଳକ ବୋଲି କୁହାଯାଇପାରିବ ନାହିଁ। ସେ ଏହି ମୌଳିକ ପ୍ରଶ୍ନକୁ ଏଡ଼ାଇ ଯାଉଥିବା ପରି ମନେହୁଏ ଯେ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପାଇଁ CEC ଚୟନକୁ 'କାର୍ଯ୍ୟନିର୍ବାହୀ ନିୟନ୍ତ୍ରଣ'ରୁ ସୁରକ୍ଷିତ ରଖିବା ଆବଶ୍ୟକ।

**ସଚ୍ଚୋଟତା ଅନୁଷ୍ଠାନ**

CVC ଭାବରେ CJ ଥୋମାସଙ୍କ ଚୟନ ସମ୍ବନ୍ଧୀୟ ଏକ ଐତିହାସିକ ରାୟରେ, CJI କାପାଡିଆଙ୍କ ନେତୃତ୍ୱରେ ଏକ ବେଞ୍ଚ ୨୦୧୧ ରେ ଏହାକୁ ଅସାମ୍ବିଧାନିକ ଦର୍ଶାଇ ରଦ୍ଦ କରିଦେଇଥିଲେ କାରଣ HPC ଥୋମାସଙ୍କ ବିରୋଧରେ ବିଚାରାଧୀନ ଅପରାଧିକ ମାମଲା ସମ୍ବନ୍ଧୀୟ ପ୍ରାସଙ୍ଗିକ ସାମଗ୍ରୀକୁ ବିଚାରକୁ ନେଇନଥିଲା। CVC କୁ ଏକ 'ସଚ୍ଚୋଟତା ଅନୁଷ୍ଠାନ' ଭାବରେ ଅଭିହିତ କରି, ଯାହା ଆଇନର ଶାସନକୁ ବଜାୟ ରଖିବ ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ଦୃଢ଼ କରିବ, ଏହି ରାୟ ନିଶ୍ଚିତ କରିଛି ଯେ ଭବିଷ୍ୟତର ନିଯୁକ୍ତିଗୁଡ଼ିକ ସର୍ବୋଚ୍ଚ ସଚ୍ଚୋଟତା, ବୈଧତା ଏବଂ ନିରପେକ୍ଷତାର ସହିତ ପରିଚାଳିତ ହେବ। ଏହି ସମାନ ଯୁକ୍ତି ହାଇ କୋର୍ଟ ଏବଂ ସୁପ୍ରିମକୋର୍ଟର ବିଚାରପତିମାନଙ୍କୁ ମୌଳିକ ଅଧିକାରର ରକ୍ଷକ ଏବଂ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଦାୟିତ୍ୱପ୍ରାପ୍ତ ଉରଉ ଭାବରେ ନିଯୁକ୍ତ କରିବା ପାଇଁ ମଧ୍ୟ ପ୍ରଯୁଜ୍ୟ ହୋଇପାରେ। ଏହା ମନେ ରଖିବା ଉଚିତ ଯେ ଏକ ନିରପେକ୍ଷ ଚୟନ ପ୍ରକ୍ରିୟା ସବୁବେଳେ ଜଣେ ସଚ୍ଚୋଟ ବ୍ୟକ୍ତିଙ୍କୁ ଚୟନ କରିନପାରେ ଯିଏ ସମ୍ବିଧାନର ପବିତ୍ର ମୂଲ୍ୟବୋଧକୁ ବଜାୟ ରଖିବେ। ଆମର ଅଭିଜ୍ଞତା ଦର୍ଶାଏ ଯେ ଜଷ୍ଟିସ୍ କୃଷ୍ଣ ଆୟାର, ଜଷ୍ଟିସ୍ HR ଖାନ୍ନା ଏବଂ ଜଷ୍ଟିସ୍ ଭଗତୀଙ୍କ ଭଳି ଅଳ୍ପ କିଛି ବିଚାରପତି ସାହସ ପ୍ରଦର୍ଶନ କରିଛନ୍ତି। ଜଷ୍ଟିସ୍ ଖାନ୍ନା ଜରୁରୀକାଳୀନ ପରିସ୍ଥିତି ସମୟରେ ମଧ୍ୟ ପ୍ରଚଳିତ ଧାରା ବିରୁଦ୍ଧରେ ଯାଇ ନିଷ୍ପତ୍ତି ନେଇଥିଲେ ଯେ ସଠିକ୍ ବିଚାର ବିନା ଜୀବନ ଅଧିକାରକୁ ଛଡ଼ାଇ ନିଆଯାଇପାରିବ ନାହିଁ, ଯାହାଦ୍ୱାରା CJI ପଦରୁ ହଟିବାର ବିପଦ ସତ୍ତ୍ୱେ ସେ ନିଜର ଦୃଢ଼ ବିଶ୍ୱାସ ପ୍ରଦର୍ଶନ କରିଥିଲେ। ସେହିଭଳି ସେଶନ୍ ଏବଂ ଲିଙ୍ଗଡୋଙ୍କ ଭଳି ଉରଉ ମାନେ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ନିଶ୍ଚିତ କରିବା ପାଇଁ ସମାନ ସାହସ ପ୍ରଦର୍ଶନ କରିଥିଲେ। ଫଲି ନରିମ୍ୟାନ୍ ତାଙ୍କ ସ୍ମୃତିଚାରଣ ' ବିଫୋର୍ ମେମୋରୀ ଫେଡ୍ସ' ରେ ବିଚାରପତିମାନଙ୍କ ବିଷୟରେ ସଠିକ୍ ଭାବରେ କହିଛନ୍ତି: 'ସର୍ବୋପରି ସେମାନେ ସାହସୀ ପୁରୁଷ ଏବଂ ମହିଳା ହେବା ଉଚିତ'। ଏହା CEC ଏବଂ C & AG ଭଳି ସମସ୍ତ ସଚ୍ଚୋଟତା ଅନୁଷ୍ଠାନ ପାଇଁ ସମାନ ଭାବରେ ପ୍ରଯୁଜ୍ୟ, ଯାହା ପାଇଁ ଏକ ନିରପେକ୍ଷ ଚୟନ ପ୍ରକ୍ରିୟା ଏବଂ ଏପରି ପୁରୁଷ ଓ ମହିଳା ଆବଶ୍ୟକ ଯେଉଁମାନେ ଉଭୟ ଦକ୍ଷ, ବିବେକୀ ଏବଂ ସାହସୀ।

# ବିଚରା ବାପା

ଏକ ନିଚ୍ଛକ ସତ୍ୟ ଘଟଣା। ଯାହା ଦେଖି ଅନୁଭବ କଲି।

କିଛି ଦିନ ତଳେ ଏକ କାରରେ ସପରିବାର ସହିତ ଯାଉଥିବା ବେଳେ ଏକ ବଜାରରେ କାର ଟି ଅଟକିଥିଲା। ସେଥିରେ ବସିଥିବା ସମସ୍ତ ସଦସ୍ୟ ଓହ୍ଲାଇଥିଲେ ବଜାର ଉପରେ । କାରରୁ ଜଣେ ବୟସ୍କ ବ୍ୟକ୍ତିଙ୍କ ସହିତ ତାଙ୍କ ପତ୍ନୀ, ପୁଅ, ବୋହୂ ଓ ନାତି ମଧ୍ୟ ଓହ୍ଲାଇ ଥିଲେ। ଓହ୍ଲାଇବା ପରେ କିଛି ବାଟ ଯିବା ପରେ ନାତି ଟି ତଳେ ପଡ଼ି ଯାଇଥିଲା । ଏହା ଦେଖି ବୃଦ୍ଧଙ୍କ ପୁଅ ବିରକ୍ତି ପ୍ରକାଶ କରିବା ସହିତ ବାପାଙ୍କୁ କିଛି କଟୁ କଥା ସହିତ ତିରସ୍କାର କଲା ଭଳି ବ୍ୟବହାର କରିଥିଲେ। ସତେ ଯେମିତି ସେ ନାତିଙ୍କୁ ପକାଇ ଦେଇଦେଲେ। ନାତିଟି ଚାଲୁ ଚାଲୁ ପଡ଼ି ଯାଇଥିଲା, ତେବେ ଏଥିପାଇଁ ତାଙ୍କୁ କିଛି ଶୁଣିବାକୁ ପଡିଥିଲା। ଏପରିକି ତୁମେ କାହିଁକି ତା' ହାତ ଧରିଲ ନାହିଁ ବୋଲି ବୃଦ୍ଧଙ୍କ ପୁଅ ତାଙ୍କ ପିତାଙ୍କୁ କହିଥିଲେ। ବିଚରା ବାପା କ'ଣ କରିବେ, ମୁଖ ମଣ୍ଡଳଟି ସଙ୍ଗେ ସଙ୍ଗେ ବିଷର୍ଣ୍ଣ ଦିଶିଲା । ବୋଧହୁଏ ଅନୁଭବ କରୁଥିଲେ ସେ ତାଙ୍କ ନାତିଙ୍କୁ ଜାଣି ଶୁଣି ତଳେ ପକାଇ ଦେଲେ। ଯେଉଁଥିପାଇଁ ତାଙ୍କୁ ଏତେ କଥା ଶୁଣିବାକୁ ପଡ଼ିଲା।

ଅବଶ୍ୟ କିଛି ସମୟ ପରେ ନାତିଟି ଜେଜେବାପାଙ୍କ ପାଖକୁ ଗଲା ଓ ସେ ତା'ର ହାତ ଧରିଲେ। ତେବେ ତାଙ୍କ ମୁହଁର ବିଷର୍ଣ୍ଣ ତା ଥିବା ବାରି ହୋଇ ପଡୁଥିଲା। ପରେ ପୁଅକୁ ବୃଦ୍ଧଙ୍କ ପୁଅ ଟାଣି ନେଇ ଯାଇଥିଲେ।

କିଛି ସମୟ ପରେ ନାତି ଟି ଜେଜେବାପାଙ୍କ ନିକଟକୁ ପଳାଇ ଆସିଥିଲା। ପୁଅ କହିଥିଲେ ହାତ ଧରିକି ନିଅ, ହାତ ଧରିଥିଲେ ସେ ପଡ଼ି ଯାଇଥାନ୍ତା କି? ଏହା ପରେ ସେମାନେ ବଜାରରେ କିଛି ମୃଦୁ ପାନୀୟ ପିଇ କାରରେ ବସି ପଳାଇ ଯାଇଥିଲେ। ଅବଶ୍ୟ କିଛି ସମୟ ପରେ ତିକ୍ତ ପରିବେଶରେ ପରିବର୍ତ୍ତନ ଆସି ସେଠାରୁ ପ୍ରସ୍ଥାନ କରିଥିଲେ ସେହି ପରିବାର। ତେବେ ଯାହା ପ୍ରତୀୟମାନ ହେଉଥିଲା ଜେଜେବାପା ତାଙ୍କ ନାତିକୁ ଜାଣିଶୁଣି ଯେମିତି ତଳେ ପକାଇ ଦେଇଥିଲେ। ଚାଲୁ ଚାଲୁ ସେ ପଡ଼ି ଯାଇଥିଲା। ପଡ଼ିବା ନୂଆ ନୁହେଁ, ସେ ଅନେକ ଥର ପଡ଼ିଛି ଓ ଆଗକୁ ସେ ଏହିପରି ଅନେକ ଥର ଝୁଣ୍ଟିବା ସହିତ ପଡ଼ି ଉଠି ଚାଲିବ। ସେହିପରି ଯେଉଁ ପୁଅ ତାଙ୍କ ପୁଅ ପଡ଼ିଗଲା ବୋଲି ନିଜର ବାପାଙ୍କୁ ଉତକ୍ଷିପ୍ତ ହୋଇ ଏତେ କଥା କହିଲେ ସେତ ପୁଣି ଦିନେ ପୁଅ ଥିଲେ ନିଜର ପୁଅକୁ ବାଟ ଚାଲିବା ସମୟରେ ସାଥିରେ ଧରି ବିଭିନ୍ନ ଆଡ଼େ ଯାତ୍ରା କରିଥିବେ ସେହି ପୁଅତ ଅନେକ ଥର ପଡ଼ିଥିବେ। ସେତେବେଳେ କ'ଣ ସେ ଜାଣି ଶୁଣି ତାକୁ ପକାଇ ଦେଉଥିଲା ? ଏହି ପ୍ରଶ୍ନ ତାଙ୍କ ମନରେ ନିଶ୍ଚିତ ଉଙ୍କି ମାରିଥିବ।

ତେବେ ସେ କ'ଣ ପାଇଁ ତାଙ୍କ ବାପାଙ୍କୁ ଏପରି ବ୍ୟବହାର କଲା । ପ୍ରଶ୍ନ କଲେ ହୁଏତ ଏହା ନିଶ୍ଚୟ ହୋଇଥିବ। କିନ୍ତୁ ପୁଅର ରୁକ୍ଷ ବ୍ୟବହାର ବାପାଙ୍କ ମନକୁ କେତେ ଯେ ଆଘାତ ଦେଇଥିବ ପୁଅ ଅନୁଭବ କଲାଣି ନାହିଁ ସେ ହିଁ ଜଣିଥିବ, ତେବେ ଯେଉଁ ପୁଅ ଏପରି ବ୍ୟବହାର କଲା ସେ ତ ପୁଣି ଦିନେ ପିଲା ଥିଲା ଏହିପରି ଅନେକ ଥର ପଡ଼ିଛି ତେବେ ଏପରି ବ୍ୟବହାର କ'ଣ ପାଇଁ।

# ଏକାନ୍ନ ପରିବାର

**ସାମାଜିକ ଅନ୍ୱେଷଣ**



**ବିଦ୍ୟାଧର ନାୟକ**
ପୂର୍ବତନ ବରିଷ୍ଠ ନୌସୈନିକ
ଦୁରଭାଷ- ୯୬୫୮୮୫୯୪୨୪

ଭାରତୀୟ ସଂସ୍କୃତିରେ ଏକାନ୍ନ ପରିବାର କେବଳ ଏକ ବାସସ୍ଥାନର ନାମ ନୁହେଁ, ଏହା ଥିଲା ଆମର ଏକତା, ଆତ୍ମୀୟତା, ପରସ୍ପର ସମ୍ମାନ ଓ ସହଯୋଗର ପ୍ରତୀକ। ଗୋଟିଏ ହାଣ୍ଡିରେ ରୋଷେଇ ହେଉଥିଲା, ସମସ୍ତେ ଏକାଠି ବସି ଖାଉଥିଲେ, ସୁଖ-ଦୁଃଖ ବାଣ୍ଟି ନେଉଥିଲେ। ପରିବାରର ବନ୍ଧନ ହିଁ ଥିଲା ସମାଜର ମୂଳ ଶକ୍ତି।

କିନ୍ତୁ ସମୟ ପରିବର୍ତ୍ତନ ସହିତ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଓ ଦଳୀୟ ବିଭାଜନର ପ୍ରଭାବ ଧୀରେ ଧୀରେ ପରିବାର ଓ ସମାଜ ଭିତରକୁ ପ୍ରବେଶ କଲା। ଅନେକ ସ୍ଥାନରେ ଦେଖାଗଲା ଯେ, ଗୋଟିଏ ପରିବାରର ଭାଇମାନେ ଭିନ୍ନ ଭିନ୍ନ ଦଳର ସମର୍ଥକ ହୋଇ ପରସ୍ପର ମଧ୍ୟରେ ଦୂରତା ସୃଷ୍ଟି କଲେ। ମତଭେଦ ଧୀରେ ଧୀରେ ମନଭେଦରେ ପରିଣତ ହେଲା। ଗାଁରେ ଯେଉଁଠାରେ ପୂର୍ବରୁ ସମ୍ପର୍କ ଓ ସହଯୋଗ ଥିଲା, ସେଠାରେ ଅନେକ ସମୟରେ ଦଳୀୟ ପରିଚୟ ସମ୍ପର୍କ ଉପରେ ପ୍ରାଧାନ୍ୟ ବିସ୍ତାର କଲା। ଏହା ସତ୍ୟ ଯେ ଗଣତନ୍ତ୍ରରେ ପ୍ରତ୍ୟେକ ନାଗରିକଙ୍କର ନିଜ ରାଜନୈତିକ ମତ ରଖିବାର ଅଧିକାର ଅଛି। କିନ୍ତୁ ଯେତେବେଳେ ରାଜନୈତିକ ମତଭେଦ ପାରିବାରିକ ସମ୍ପର୍କ, ସାମାଜିକ ସଦ୍ଭାବ ଓ ଆତ୍ମୀୟତାକୁ କ୍ଷତି ପହଞ୍ଚାଏ, ସେତେବେଳେ ଆମକୁ ଆତ୍ମସମୀକ୍ଷା କରିବା ଆବଶ୍ୟକ।

ଆଜି ସମୟ ଆସିଛି ଆମେ ପୁଣିଥରେ ମନେ ପକାଇବାକୁ ଯେ ରାଜନୈତିକ ଦଳ ଆମର ହୋଇପାରେ ଭିନ୍ନ, କିନ୍ତୁ ପରିବାର ଏକ, ଗାଁ ଏକ, ସମାଜ ଏକ ଏବଂ ଦେଶ ଏକ। ନିର୍ବାଚନ ଆସିବ ଓ ଯିବ, ଦଳ ବଦଳିବ, ନେତା ବଦଳିବେ; କିନ୍ତୁ ଭାଇଚାରା, ପାରିବାରିକ ସମ୍ପର୍କ ଓ ସାମାଜିକ ଏକତା ଚିରସ୍ଥାୟୀ ହେବା ଉଚିତ।

ଆସନ୍ତୁ, ଆମେ ଦଳ ଉପରେ ସମ୍ପର୍କକୁ, ମତଭେଦ ଉପରେ ମାନବିକତାକୁ ଏବଂ ରାଜନୀତି ଉପରେ ସମାଜର ଏକତାକୁ ସ୍ଥାନ ଦେବା। ପରିବାରକୁ ଯୋଡ଼ିବା, ଗାଁକୁ ଯୋଡ଼ିବା ଓ ସମାଜରେ ପୁଣିଥରେ ସଦ୍ଭାବ ଓ ଶାନ୍ତିର ପରିବେଶ ସୃଷ୍ଟି କରିବା।

'ରାଜନୈତିକ ମତ ଭିନ୍ନ ହୋଇପାରେ, କିନ୍ତୁ ହୃଦୟର ସମ୍ପର୍କ କେବେ ବି ଭାଙ୍ଗିବା ଉଚିତ ନୁହେଁ।'

# ଓଡ଼ିଶା କ୍ରିକେଟ୍ : ପ୍ରଶାସନିକ ସ୍ୱଚ୍ଛତା ଓ ମୁଖ୍ୟମନ୍ତ୍ରୀଙ୍କ ନୈତିକ ଭୂମିକା

ନିର୍ବାଚନ ବିଳମ୍ବ, 'ଭିଜନ–୨୦୨୪'ର ହିସାବ, ଓପିଟିଏଲ୍‌ର ଭବିଷ୍ୟତ ଏବଂ ଉତ୍ତମ ଶାସନକୁ ନେଇ ବଢ଼ୁଥିବା ପ୍ରଶ୍ନ ?

ଓଡ଼ିଶାର କ୍ରୀଡ଼ା ଇତିହାସରେ ବାରବାଟୀ ଷ୍ଟାଡିୟମ୍ ଏକ ସ୍ୱତନ୍ତ୍ର ପରିଚୟ ବହନ କରେ। ଆଜି କ୍ରିକେଟ୍ କେବଳ ଏକ ଲୋକପ୍ରିୟ ଖେଳ ନୁହେଁ; ଏହା ଲକ୍ଷ ଲକ୍ଷ ଯୁବକଙ୍କ ସ୍ୱପ୍ନ, କୋଟି କୋଟି ଦର୍ଶକଙ୍କ ଭାବନା ଏବଂ ଓଡ଼ିଶାର କ୍ରୀଡ଼ା ପରିଚୟର ଏକ ପ୍ରମୁଖ ଅଂଶ। ବାରବାଟୀ ଷ୍ଟାଡିୟମ୍ ରାଜ୍ୟର ଏକମାତ୍ର ଭେନ୍ୟୁ, ଯେଉଁଠାରେ ଭାରତୀୟ ଦଳର ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆୟୋଜନ ହୁଏ। ଏହାର ପରିଚାଳନା କରୁଛି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ), ଯାହା ଏକ ସ୍ୱାଧୀନ ନିବନ୍ଧିତ କ୍ରୀଡ଼ା ସଂସ୍ଥା। ଆନ୍ତର୍ଜାତିକ ମ୍ୟାଚ୍ ଆୟୋଜନ ରାଜ୍ୟ ପାଇଁ ଗୌରବର ବିଷୟ ହୋଇଥିବା ବେଳେ, ଅନ୍ୟପଟେ ଓସିଏର ପ୍ରଶାସନିକ ସ୍ୱଚ୍ଛତା, ନିର୍ବାଚନ, ଦୀର୍ଘମିଆଦୀ ବିକାଶ ଯୋଜନା ଓ ବାଣିଜ୍ୟିକ ଲିଗ୍ ପରିଚାଳନାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି।

ସର୍ବପ୍ରଥମେ ଯେଉଁ ପ୍ରଶ୍ନଟି ସାମ୍ନାକୁ ଆସୁଛି, ତାହା ହେଉଛି ଓସିଏର ନିର୍ବାଚନ। ୨୦୨୨ରେ ନିର୍ବାଚନ ସମ୍ପନ୍ନ ହୋଇଥିବାରୁ ସାଧାରଣ ଆଶା ଥିଲା ଯେ ୨୦୨୫ରେ ପରବର୍ତ୍ତୀ ନିର୍ବାଚନ ହେବ। କିନ୍ତୁ ତାହା ହୋଇନାହିଁ। ନୂତନ କ୍ରୀଡ଼ା ଆଇନ ଆସିବା ପର୍ଯ୍ୟନ୍ତ ନିର୍ବାଚନ ସ୍ଥଗିତ ରଖିବା ନେଇ ଆଲୋଚନା ହୋଇଥିବା ସୂଚନା ମିଳିଥିଲେ ମଧ୍ୟ, ଏହାର ଆଇନଗତ ଆଧାର ଏବଂ ବର୍ତ୍ତମାନ ପ୍ରଶାସନ କେଉଁ ବୈଧ ବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରୁଛି, ସେ ସମ୍ପର୍କରେ ସ୍ପଷ୍ଟ ସାର୍ବଜନୀନ ବ୍ୟାଖ୍ୟା ମିଳିନାହିଁ।

ଏହା କୌଣସି ବ୍ୟକ୍ତି ବିଶେଷଙ୍କ ବିରୋଧରେ ପ୍ରଶ୍ନ ନୁହେଁ। ବରଂ ଏକ ସ୍ୱାଧୀନ ନିବନ୍ଧିତ କ୍ରୀଡ଼ା ସଂସ୍ଥାରେ ନିର୍ଦ୍ଧାରିତ ସମୟରେ ନିର୍ବାଚନ ନ ହେଲେ, ତାହାର ଆଇନଗତ ଓ ପ୍ରଶାସନିକ ବ୍ୟାଖ୍ୟା ସଦସ୍ୟ ଏବଂ କ୍ରିକେଟ୍‌ପ୍ରେମୀଙ୍କୁ ଦିଆଯିବା ସ୍ୱାଭାବିକ ଆଶା। ଦେଶର ଅନ୍ୟ କିଛି କ୍ରିକେଟ୍ ସଂଘରେ ନିର୍ବାଚନୀ ଅଚଳାବସ୍ଥା ପରେ ଅସ୍ଥାୟୀ ପ୍ରଶାସନିକ ବ୍ୟବସ୍ଥା କିମ୍ବା ନ୍ୟାୟାଳୟଙ୍କ ହସ୍ତକ୍ଷେପରେ ନିର୍ବାଚନ କରାଯାଇଥିବା ଦୃଷ୍ଟାନ୍ତ ରହିଛି। ଏହା ଓସିଏ ପାଇଁ ଆଇନଗତ ନଜିର ନୁହେଁ, କିନ୍ତୁ ଏକ ମୌଳିକ ପ୍ରଶ୍ନ ଉଠାଏ—ନିର୍ବାଚନ ବିଳମ୍ବିତ ହେଲେ ସଂସ୍ଥାର ପ୍ରଶାସନିକ ନିରନ୍ତରତା ପାଇଁ ଓସିଏର ନିୟମାବଳୀରେ କେଉଁ ବ୍ୟବସ୍ଥା ରହିଛି?

ଏହା ସହିତ ଓସିଏର 'ଭିଜନ–୨୦୨୪' ମଧ୍ୟ ଆଲୋଚନାର କେନ୍ଦ୍ରବିନ୍ଦୁରେ ରହିଛି। ଏହି ଦସ୍ତାବିଜରେ ଜିଲ୍ଲାସ୍ତରରେ କ୍ରିକେଟ୍‌ର ବିକାଶ, ପ୍ରତିଭା ଚିହ୍ନଟ, କ୍ଲବ୍ କ୍ରିକେଟ୍‌ର ସମ୍ପ୍ରସାରଣ ଓ ବିଭିନ୍ନ ବିକାଶମୂଳକ ଲକ୍ଷ୍ୟ ସ୍ଥିର କରାଯାଇଥିଲା। ୨୦୨୬ରେ ପହଞ୍ଚିଥିବା ପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି—ଏହି ଲକ୍ଷ୍ୟଗୁଡ଼ିକ ମଧ୍ୟରୁ କେତୋଟି ପୂରଣ ହୋଇଛି ? ଏହାର କୌଣସି ସାର୍ବଜନୀନ ଅଗ୍ରଗତି ରିପୋର୍ଟ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ଓଡ଼ିଶା ପ୍ରୋ ଟି–୨୦ ଲିଗ୍ (ଓପିଟିଏଲ୍) କୁ ରାଜ୍ୟ କ୍ରିକେଟ୍‌ର ଏକ ନୂଆ ଅଧ୍ୟାୟ ବୋଲି କୁହାଯାଇଥିଲା। କିନ୍ତୁ ଓଡ଼ିଶାରେ ଫ୍ରାଞ୍ଚାଇଜ୍ ଭିତ୍ତିକ କ୍ରିକେଟ୍‌ର ଇତିହାସ ୨୦୧୨ରୁ ରହିଛି। ତେଣୁ ଏହାକୁ ପ୍ରଥମ ଫ୍ରାଞ୍ଚାଇଜ୍ ଲିଗ୍ ବୋଲି ଦର୍ଶାଇବା ଐତିହାସିକ ଭାବେ ସଠିକ୍ ନୁହେଁ। ୨୦୨୫ରେ ଓପିଟିଏଲ୍ ପରିଚାଳନା ପାଇଁ ଏକ ବେସରକାରି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ପରବର୍ତ୍ତୀ ସଂସ୍କରଣ ପାଇଁ ପୁଣି ନୂତନ ପରିଚାଳନା ସଂସ୍ଥା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ପୂର୍ବ ଚୁକ୍ତିର ପ୍ରକୃତ ଅବଧି, ତାହାର ସର୍ତ୍ତ ଓ ପରିବର୍ତ୍ତନର କାରଣ ସମ୍ପର୍କରେ ସ୍ୱଚ୍ଛତାର ଆବଶ୍ୟକତା ଅନୁଭୂତ ହେଉଛି। ଏହି ସମସ୍ତ ପ୍ରସଙ୍ଗ ମଧ୍ୟରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଭୂମିକାକୁ ନେଇ ମଧ୍ୟ ଆଲୋଚନା ହେଉଛି। ବାରବାଟୀ ଷ୍ଟାଡିୟମ୍‌ରେ ଭାରତ–ଦକ୍ଷିଣ ଆଫ୍ରିକା ଦିନିକିଆ ମ୍ୟାଚ୍ ପାଇଁ ପ୍ରସ୍ତୁତି ବୈଠକରେ ସେ ଉପସ୍ଥିତ ରହି ସମୀକ୍ଷା କରିଥିଲେ। ସେ ଓସିଏର ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେଇଛନ୍ତି।



**ଇଂ ଲକି ସ୍ୱାଇଁ**
ଭୁବନେଶ୍ୱର
ଦୁରଭାଷ- ୯୭୭୬୨୧୦୬୩୩

ଏହି ପରିପ୍ରେକ୍ଷୀରେ ଏକ ନୈତିକ ପ୍ରଶ୍ନ ଉଠୁଛି। ବାରବାଟୀରେ ଆନ୍ତର୍ଜାତିକ ମ୍ୟାଚ୍ ଆୟୋଜନର ପ୍ରସ୍ତୁତି ଯଦି ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷାରେ ରହୁଛି, ତେବେ ଓଡ଼ିଶା କ୍ରିକେଟ୍‌ର ଦୀର୍ଘମିଆଦୀ ବିକାଶ, ପ୍ରଶାସନିକ ସ୍ୱଚ୍ଛତା, ନିୟମିତ ନିର୍ବାଚନ ଏବଂ 'ଭିଜନ–୨୦୨୪'ର ଅଗ୍ରଗତି ନେଇ ମଧ୍ୟ ସମାନ ଗୁରୁତ୍ୱ ସହ ସମୀକ୍ଷା ହେବା ଉଚିତ ନୁହେଁ କି?

ଏହା ସରକାରୀ ହସ୍ତକ୍ଷେପର ପ୍ରଶ୍ନ ନୁହେଁ; ବରଂ ଉତ୍ତମ ଶାସନ ଓ ନୈତିକ ଦାୟିତ୍ୱର ପ୍ରସଙ୍ଗ। ବାରବାଟୀ ଷ୍ଟାଡିୟମ୍‌ରେ ଆଲୋକ ଜଳିବା ଏବଂ ଆନ୍ତର୍ଜାତିକ ମ୍ୟାଚ୍ ସଫଳତାର ସହ ଆୟୋଜିତ ହେବା ନିଶ୍ଚିତ ଭାବେ ଗୌରବର ବିଷୟ। କିନ୍ତୁ ଓଡ଼ିଶା କ୍ରିକେଟ୍‌ର ପ୍ରକୃତ ସଫଳତାର ମାପଦଣ୍ଡ କେବଳ ଆନ୍ତର୍ଜାତିକ ମ୍ୟାଚ୍‌ର ସଂଖ୍ୟା ନୁହେଁ; ବରଂ ଜିଲ୍ଲାସ୍ତରରେ କ୍ରିକେଟ୍‌ର ବିକାଶ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ପେଶାଦାର ଟୁର୍ନାମେଣ୍ଟ, ଯୁବ ପ୍ରତିଭାଙ୍କୁ ସୁଯୋଗ, ବିଭିନ୍ନ ଜିଲ୍ଲାରେ ଖେଳପଯୋଗୀ ପଡିଆ, କେବଳ ରାଜଧାନୀ ବା ସଂଲଗ୍ନ ଅଞ୍ଚଳ ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନରେ କ୍ରିକେଟର ସୁପ୍ରସ୍ତୁତ ପଡିଆ, ନିୟମିତ ନିର୍ବାଚନ, ସୁଶାସନ ଓ ସଂସ୍ଥାଗତ ସ୍ୱଚ୍ଛତା ହିଁ ଏହାର ପ୍ରକୃତ ପରିଚୟ। ବାରବାଟୀର ଫ୍ଲଡ୍‌ଲାଇଟ୍ କେବଳ ଷ୍ଟାଡିୟମ୍‌କୁ ଆଲୋକିତ କରିବା ପାଇଁ ନୁହେଁ; ସେହି ଆଲୋକ ଓଡ଼ିଶାର ପରବର୍ତ୍ତୀ ପିଢ଼ିର କ୍ରିକେଟର୍‌ମାନଙ୍କ ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତକୁ ମଧ୍ୟ ଆଲୋକିତ କରୁଛି କି ନାହିଁ—ଏହି ପ୍ରଶ୍ନର ଉତ୍ତର ହିଁ ଶେଷ ପର୍ଯ୍ୟନ୍ତ ଓଡ଼ିଶା କ୍ରିକେଟ୍‌ର ପ୍ରକୃତ ସଫଳତାକୁ ନିର୍ଦ୍ଧାରଣ କରିବ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ପବିତ୍ର ଶ୍ରାବଣ ପୂର୍ଣ୍ଣିମାରେ ଆଜି ସାରା ଦେଶରେ ପାଳିତ ହେଉଛି ଭାଇ-ଭଉଣୀର ସ୍ନେହ ଓ ସୁରକ୍ଷାର ପର୍ବ ରକ୍ଷାବନ୍ଧନ। ଏହି ପର୍ବ ସହ ଜଡ଼ିତ ରହିଛି ଏକ ପୌରାଣିକ ଓ ଲୋକପ୍ରିୟ କଥାବସ୍ତୁ, ଯାହା ଏହାର ମହତ୍ତ୍ୱକୁ ଆହୁରି ବଢ଼ାଇଦିଏ। ମାନ୍ୟତା ଅଛି, ଦେବାସୁର ସଂଗ୍ରାମ ସମୟରେ ଦେବରାଜ ଇନ୍ଦ୍ରଙ୍କ ସୁରକ୍ଷା ପାଇଁ ମାତା ଶଚୀ ତାଙ୍କ ହାତରେ ଏକ ପବିତ୍ର ସୂତା ବାନ୍ଧିଥିଲେ। ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ କ୍ଷତ ଆଙ୍ଗୁଠିରେ ଦ୍ରୌପଦୀ ଆପଣା ଶାଢ଼ିର କାନି ଚିରି ବାନ୍ଧି ଭଗ୍ନୀର କର୍ତ୍ତବ୍ୟ ନିଭାଇଥିଲେ। ବଦଳରେ ଭଗବାନ ଶ୍ରୀକୃଷ୍ଣ, ଦ୍ରୌପଦୀଙ୍କୁ ସବୁ ବିପଦରୁ ରକ୍ଷା କରିବାର ପ୍ରତିଶ୍ରୁତି ଦେଇ ଏହି ପରମ୍ପରାକୁ ଅମର କରିଥିଲେ। ଏହି ପବିତ୍ର ଲୋକକଥାକୁ ମନେ ପକାଇ ଆଜି ବି ପ୍ରତିଟି ଭଉଣୀ ତାର ଭାଇ ହାତରେ ସ୍ନେହର ରକ୍ଷାକବଚ ବାନ୍ଧିଥାଏ।



# ପବିତ୍ର ରାକ୍ଷୀ ପୂର୍ଣ୍ଣିମା

୨୦୨୬ ମସିହାରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା (ରକ୍ଷାବନ୍ଧନ) ଅଗଷ୍ଟ ୨୮ ତାରିଖ, ଶୁକ୍ରବାର ଦିନ ପାଳନ କରାଯିବ । ଓଡ଼ିଶାର ସଂସ୍କୃତି ଅନୁଯାୟୀ ଏହି ଦିନକୁ ଥଗହ୍ମା ପୂର୍ଣ୍ଣିମା ଭାବେ ମଧ୍ୟ ବହୁ ଧୁମଧାମରେ ପାଳନ କରାଯାଏ, ଯାହା ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଅଟେ । ରାକ୍ଷୀ ପୂର୍ଣ୍ଣିମା ତିଥି ଅଗଷ୍ଟ ୨୭, ୨୦୨୬ (ଗୁରୁବାର) ସକାଳ ୦୯:୦୮ ମିନିଟ୍‌ରୁ ଆରମ୍ଭ ହୋଇ ଅଗଷ୍ଟ ୨୮, ୨୦୨୬ (ଶୁକ୍ରବାର) ସକାଳ ୦୯ ଟା ୪୮ ମିନିଟ୍‌ରେ ପୂର୍ଣ୍ଣିମା ତିଥି ଶେଷ ହୋଇଥାଏ। ରାକ୍ଷୀ ବାନ୍ଧିବାର ସବୁଠାରୁ ଶୁଭ ସମୟ ସକାଳ ୦୫ ଟା ୫୭ ରୁ ସକାଳ ପ୍ରାୟ ୦୯ ଟା ୪୦ ପର୍ଯ୍ୟନ୍ତ ରହିଛି । ଏହି ବର୍ଷ ଭଦ୍ରା କାଳ (ଅଶୁଭ ସମୟ) ଅଗଷ୍ଟ ୨୮ ସୂର୍ଯ୍ୟୋଦୟ ପୂର୍ବରୁ ହିଁ ଶେଷ ହୋଇ ଯାଉଥିବାରୁ, ସକାଳର ସମ୍ପୂର୍ଣ୍ଣ ସମୟ ଅତ୍ୟନ୍ତ ଶୁଭ ଓ ମଙ୍ଗଳମୟ ଅଟେ ।

## ରାକ୍ଷୀ ପୂର୍ଣ୍ଣିମାକୁ ନେଇ ପୌରାଣିକ କଥାବସ୍ତୁ :

ଏହି ଦିନ ଶ୍ରୀଜଗନ୍ନାଥଙ୍କ ବଡ଼ଭାଇ ପ୍ରଭୁ ବଳଭଦ୍ରଙ୍କ ଶୁଭ ଜନ୍ମଦିନ । ଶ୍ରୀମନ୍ଦିର ଓ ତୁଳସୀ କ୍ଷେତ୍ର (କେନ୍ଦ୍ରାପଡ଼ା)ରେ ଏଥିପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ । ଚାଷୀମାନେ ନିଜର ଗୋଧନ (ଗାଈ ଓ ବଳଦ)ଙ୍କୁ ସଜେଇ ପୂଜାର୍ଚ୍ଚନା କରନ୍ତି ଏବଂ ଗ୍ରାମାଞ୍ଚଳରେ ପାରମ୍ପରିକ 'ଗହ୍ମା ଡିଆଁ' ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ରାକ୍ଷୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ ସହ ଜଡ଼ିତ ଅନେକ ପୌରାଣିକ ଓ ଅଧାମିକ କାହାଣୀ ରହିଛି, ଯାହା ଏହି ପର୍ବର ମହତ୍ତ୍ୱକୁ ଦର୍ଶାଇଥାଏ । ଅପରାଧୀ ଶିଶୁପାଳର ବଧ କରିବା ସମୟରେ ଶ୍ରୀକୃଷ୍ଣଙ୍କ ହାତରୁ ସୁଦର୍ଶନ ଚକ୍ର ନିକ୍ଷେପ ହୋଇଥିଲା, ଯାହାଦ୍ୱାରା ତାଙ୍କ ବାମହାତର ଆଙ୍ଗୁଠି କଟି ରକ୍ତ ବାହାରିଥିଲା। ସେଠାରେ ଉପସ୍ଥିତ ଅନେକ ରାଣୀ ଓ ଦାସୀ ରକ୍ତ ବନ୍ଦ କରିବାକୁ କପଡ଼ା ଖୋଜୁଥିବା ବେଳେ, ଦ୍ରୌପଦୀ କୌଣସି ଚିନ୍ତା ନକରି ନିଜର ଦାମୀ ପାଟଶାଢ଼ୀର କାନିକୁ ଚିରି ଶ୍ରୀକୃଷ୍ଣଙ୍କ ଆଙ୍ଗୁଠିରେ ବାନ୍ଧି ଦେଇଥିଲେ। ଏହି ଛୋଟ କପଡ଼ା ଖଣ୍ଡକୁ ଶ୍ରୀକୃଷ୍ଣ ରକ୍ଷାସୂତ୍ର ଭାବେ ଗ୍ରହଣ କରିଥିଲେ ଏବଂ ଦ୍ରୌପଦୀଙ୍କୁ ସବୁ ବିପଦରୁ ରକ୍ଷା କରିବାକୁ ବଚନ ଦେଇଥିଲେ । ପରବର୍ତ୍ତୀ ସମୟରେ କୌରବ ସଭାରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ବେଳେ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ତାଙ୍କ ସମ୍ମାନ ରକ୍ଷା କରିଥିଲେ ।

ଓଡ଼ିଶାରେ ଏହି ଦିନ ପ୍ରଭୁ ବଳଭଦ୍ର (ଜଗନ୍ନାଥଙ୍କ ବଡ଼ଭାଇ) ଜନ୍ମଗ୍ରହଣ କରିଥିଲେ । ସେ ହେଉଛନ୍ତି ହଳାୟୁଧ ବା ଚାଷର ଦେବତା । ଏହି ଦିନ ଭଗବାନ ବଳଭଦ୍ରଙ୍କୁ ଓ କୃଷି କାର୍ଯ୍ୟରେ ସାହାଯ୍ୟ କରୁଥିବା ଗୋଧନ (ବଳଦମାନଙ୍କୁ ପୂଜା କରାଯାଏ। ସେଥିପାଇଁ ଓଡ଼ିଆ ସଂସ୍କୃତିରେ ଏହାକୁ 'ଗହ୍ମା ପୂର୍ଣ୍ଣିମା' କୁହାଯାଏ । ଦାନବରାଜ ବଳିଙ୍କ ଭକ୍ତିରେ ପ୍ରସନ୍ନ ହୋଇ ଭଗବାନ ବିଷ୍ଣୁ ନିଜ ବଚନ ଅନୁସାରେ ବଳିଙ୍କ ପାତାଳପୁର ପ୍ରାସାଦର ଦ୍ୱାରପାଳ ସାଜି ରହିଥିଲେ । ଏହାଦ୍ୱାରା ବୈକୁଣ୍ଠ ଲୋକ ଶ୍ରୀହୀନ ହୋଇପଡ଼ିଥିଲା। ମା' ଲକ୍ଷ୍ମୀ ଏଥିପାଇଁ ଚିନ୍ତିତ ହୋଇ ଜଣେ ସାଧାରଣ ନାରୀର ବେଶ ଧରି ପାତାଳପୁରରେ ପହଞ୍ଚିଲେ ଏବଂ ରାଜା ବଳିଙ୍କୁ ନିଜର ଭାଇ ବୋଲି କହି ହାତରେ ରକ୍ଷାସୂତ୍ର ବାନ୍ଧିଥିଲେ । ରାକ୍ଷୀ ବାନ୍ଧିବା ପରେ ମା' ଲକ୍ଷ୍ମୀ ଉପହାର ସ୍ୱରୂପ ନିଜ ସ୍ୱାମୀ (ଭଗବାନ ବିଷ୍ଣୁ)ଙ୍କୁ ମାଗି ବୈକୁଣ୍ଠକୁ ଫେରାଇ ଆଣିଥିଲେ । ପ୍ରାଚୀନ କାଳରେ ଥରେ ଦେବତା ଏବଂ ଅସୁରମାନଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ଚାଲିଥିଲା, ଯେଉଁଥିରେ ଅସୁରମାନେ ପ୍ରଭାବଶାଳୀ ହେଉଥିଲେ ଏବଂ ଦେବରାଜ ଇନ୍ଦ୍ର ପରାଜୟର ସମ୍ମୁଖୀନ ହେଉଥିଲେ। ଇନ୍ଦ୍ରଙ୍କ ରକ୍ଷା ପାଇଁ ତାଙ୍କ ପତ୍ନୀ ଶଚୀ (ଇନ୍ଦ୍ରାଣୀ) କଠିନ ତପସ୍ୟା କରି ଏକ ପବିତ୍ର ସୂତା ପ୍ରସ୍ତୁତ କଲେ ଏବଂ ତାହାକୁ ଇନ୍ଦ୍ରଙ୍କ ହାତରେ ବାନ୍ଧିଦେଲେ । ଏହି ସୂତାର ଶକ୍ତି ବଳରେ ଇନ୍ଦ୍ର ଅସୁରମାନଙ୍କୁ ପରାଜିତ କରି ନିଜର ସ୍ୱର୍ଗଲୋକ ଫେରି ପାଇଥିଲେ । (ପ୍ରାଚୀନ କାଳରେ ରକ୍ଷାସୂତ୍ର କେବଳ ଭାଇ-ଭଉଣୀ ନୁହେଁ, ବରଂ ଯେକୌଣସି ଶୁଭକାମନା ପାଇଁ ବନ୍ଧାଯାଉଥିଲା) ।

## କେଉଁଠି ପାଳନ ହୁଏନି ରକ୍ଷା ବନ୍ଧନ ?

ରାକ୍ଷୀ ପୂର୍ଣ୍ଣିମା (ରକ୍ଷାବନ୍ଧନ) ବିଶେଷ ଭାବରେ ଭାରତୀୟ ସଂସ୍କୃତିର ଏକ ପର୍ବ ହୋଇଥିବାରୁ, ଏହା ବିଶ୍ୱର ଅଣ-ଭାରତୀୟ ଦେଶଗୁଡ଼ିକରେ ପାଳନ କରାଯାଏ ନାହିଁ । ଆମେରିକା, ବ୍ରିଟେନ, କାନାଡ଼ା, ଏବଂ ଅଷ୍ଟ୍ରେଲିଆ ଭଳି ଦେଶର ମୂଳ ନିବାସୀମାନେ ଏହି ପର୍ବ ପାଳନ କରନ୍ତି ନାହିଁ । ଜର୍ମାନୀ, ଫ୍ରାନ୍ସ, ଇଟାଲୀ ଇତ୍ୟାଦି ଦେଶରେ ଏହି ପରମ୍ପରା ନାହିଁ । ସାଉଦି ଆରବ, ୟୁଏଇ, ଇଜିପ୍ଟ, ଏବଂ ଦକ୍ଷିଣ ଆଫ୍ରିକାର ସ୍ଥାନୀୟ ଲୋକଙ୍କର ଏପରି କୌଣସି ପର୍ବ ନଥାଏ । ଚୀନ, ଜାପାନ, ଏବଂ କୋରିଆ ଭଳି ଦେଶରେ ମଧ୍ୟ ରକ୍ଷାବନ୍ଧନ ପାଳନ କରାଯାଏ ନାହିଁ ।

ସମସ୍ତ ଦେଶରେ ରହୁଥିବା ଭାରତୀୟ ଏବଂ ଓଡ଼ିଆ ସମାଜର ଲୋକମାନେ ନିଜ ନିଜ ପରିବାର ମଧ୍ୟରେ ଏହି ପର୍ବକୁ ବହୁତ ଶ୍ରଦ୍ଧାର ସହ ପାଳନ କରନ୍ତି । ଭାରତ ବ୍ୟତୀତ ନେପାଳରେ ଏହି ପର୍ବକୁ 'ଜନୈ ପୂର୍ଣ୍ଣିମା' ବା 'ରକ୍ଷାବନ୍ଧନ' ଭାବେ ବହୁତ ବଡ଼ ଆକାରରେ ପାଳନ କରାଯାଏ । ଏହି ଦେଶଗୁଡ଼ିକରେ ବହୁ ସଂଖ୍ୟାରେ ଭାରତୀୟ ବଂଶୋଦ୍ଭବ ରହୁଥିବାରୁ ସେଠାରେ ରକ୍ଷାବନ୍ଧନ ଦିନ ସରକାରୀ ଛୁଟି ମଧ୍ୟ ରହିଥାଏ ।

## ରାକ୍ଷୀ ପୂର୍ଣ୍ଣିମାକୁ ନେଇ ସରକାରୀ ଯୋଜନା

୨୦୨୬ ମସିହା ରାକ୍ଷୀ ପୂର୍ଣ୍ଣିମା (ରକ୍ଷାବନ୍ଧନ) ଅବସରରେ ଓଡ଼ିଶା ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହିଳାମାନଙ୍କ ପାଇଁ କେତେକ ବଡ଼ ଘୋଷଣା ଓ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଘୋଷଣା ଅନୁଯାୟୀ, ରାକ୍ଷୀ ପୂର୍ଣ୍ଣିମା (ଅଗଷ୍ଟ ୨୮) ଦିନ ରାଜ୍ୟର ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ନୟାଗଡ଼ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଆର୍ଥିକ ସହାୟତା ପ୍ରଦାନ କରାଯିବ । ରାଜ୍ୟର ୧ କୋଟିରୁ ଅଧିକ ଯୋଗ୍ୟ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ଯୋଜନାର ୫ମ କିସ୍ତି ବାବଦକୁ ୫,୦୦୦ ଟଙ୍କା ସିଧାସଳଖ ଟ୍ରାନ୍ସଫର କରାଯିବ । ପୂର୍ବରୁ କୌଣସି କାରଣରୁ ବାଦ୍ ପଡ଼ିଥିବା କିମ୍ବା ଇ-କେୱାଇସି ବାକି ରହିଥିବା ଯୋଗ୍ୟ ମହିଳାମାନଙ୍କର ଯଦି ଅଗଷ୍ଟ ୨୮ ସୁଦ୍ଧା ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଯାଏ, ତେବେ ସେମାନଙ୍କୁ ଏକାଥରକେ ୫ଟି ଯାକ କିସ୍ତିର ସମୁଦାୟ ୨୫,୦୦୦ ଟଙ୍କା ମିଳିବ । ଦେଶର ବିଭିନ୍ନ ସ୍ଥାନକୁ ସମୟ ମଧ୍ୟରେ ଏବଂ ସୁରକ୍ଷିତ ଭାବେ ରାକ୍ଷୀ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାରଙ୍କ ଡାକ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ରାକ୍ଷୀ ପଠାଇବା ପାଇଁ ପ୍ରମୁଖ ଡାକଘରଗୁଡ଼ିକରେ "୨୪ ସ୍ପିଡ୍ ପୋଷ୍ଟ" ଏବଂ "୪୮ ସ୍ପିଡ୍ ପୋଷ୍ଟ" ସେବା ସହ ସ୍ୱତନ୍ତ୍ର ବୁକିଂ କାଉଣ୍ଟର ଖୋଲାଯାଇଛି । ବର୍ଷା ଦିନକୁ ନଜରରେ ରଖି ରାକ୍ଷୀ ଯେପରି ନଷ୍ଟ ନହେବ, ସେଥିପାଇଁ ଡାକ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ୱାଟରପ୍ରୁଫ୍ ଲଫାପାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଓଡ଼ିଶା ବ୍ୟତୀତ ଦେଶର ରାଜଧାନୀ ଦିଲ୍ଲୀରେ ମଧ୍ୟ ସରକାର ମହିଳାମାନଙ୍କ ପାଇଁ 'ଲକ୍ଷ୍ମୀ ଯୋଜନା' ଆରମ୍ଭ କରିଛନ୍ତି । ଏହି ଯୋଜନାର ପ୍ରଥମ କିସ୍ତି ବାବଦକୁ ଯୋଗ୍ୟ ମହିଳାମାନଙ୍କୁ ମାସିକ ୨,୫୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଏହି ରାକ୍ଷୀ ପୂର୍ଣ୍ଣିମା ପାଖାପାଖି ସମୟରୁ ମିଳିବା ଆରମ୍ଭ ହେବ । ଏହା ବ୍ୟତୀତ ପ୍ରତିବର୍ଷ ଭଳି ଏହି ଦିନ ମହିଳାମାନଙ୍କ ଯାତାୟାତ ସୁବିଧା ପାଇଁ କେତେକ ରାଜ୍ୟରେ ସରକାରୀ ବସଗୁଡ଼ିକରେ ମାଗଣା ଯାତ୍ରାର ମଧ୍ୟ ବ୍ୟବସ୍ଥା କରାଯାଇଥାଏ ।

## ରାକ୍ଷୀ ପୂର୍ଣ୍ଣିମାରେ ମାଗଣା ସେବା

ରାକ୍ଷୀ ପୂର୍ଣ୍ଣିମା (ରକ୍ଷାବନ୍ଧନ) ଅବସରରେ ଭାରତର ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳା ଓ ଭଉଣୀମାନଙ୍କ ପାଇଁ ସରକାରୀ ବସଗୁଡ଼ିକରେ ସମ୍ପୂର୍ଣ୍ଣ ମାଗଣା ଯାତ୍ରାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ଭଉଣୀମାନେ ବିନା କୌଣସି ଟିକେଟ୍ ଖର୍ଚ୍ଚରେ ନିଜ ଭାଇମାନଙ୍କ ପାଖକୁ ଯାଇ ରାକ୍ଷୀ ବାନ୍ଧିପାରିବେ । ଉତ୍ତରପ୍ରଦେଶ ତଥା ୟୁପିଏସ୍‌ଆର୍‌ଟିଏସ୍ ପକ୍ଷରୁ ସମସ୍ତ ସରକାରୀ ଏବଂ ସିଟି ବସରେ ମହିଳାମାନଙ୍କୁ ଶୂନ୍ୟ-ଭଡ଼ା ଟିକେଟ୍ ପ୍ରଦାନ କରାଯାଉଛି । ଏହି ସେବା ପର୍ବ ସମୟରେ କ୍ରମାଗତ କିଛି ଦିନ ପାଇଁ ଉପଲବ୍ଧ ରହେ । ରାଜସ୍ଥାନ ସରକାରଙ୍କ ପକ୍ଷରୁ ରାଜ୍ୟ ପରିବହନ ନିଗମର ସମସ୍ତ ସାଧାରଣ ଓ ଏକ୍ସପ୍ରେସ୍ ବସରେ ମହିଳାମାନଙ୍କ ପାଇଁ ଦୁଇ ଦିନ ଧରି ମାଗଣା ଯାତ୍ରାର ବ୍ୟବସ୍ଥା କରାଯାଇଛି । ହରିଆଣା ଏଠାରେ ମହିଳା ଏବଂ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ରାକ୍ଷୀ ପୂର୍ଣ୍ଣିମାର ପୂର୍ବ ଦିନ ମଧ୍ୟାହ୍ନରୁ ରାକ୍ଷୀ ଦିନ ମଧ୍ୟରାତ୍ରି ପର୍ଯ୍ୟନ୍ତ ସରକାରୀ ବସରେ ସମ୍ପୂର୍ଣ୍ଣ ମାଗଣା ଯାତ୍ରା ଅନୁମତି ମିଳିଛି । ଉତ୍ତରାଖଣ୍ଡ ରାଜ୍ୟ ପରିବହନ ନିଗମ ପକ୍ଷରୁ ପ୍ରତିବର୍ଷ ଭଳି ମହିଳା ଓ ଶିଶୁମାନଙ୍କ ପାଇଁ ମାଗଣା ବସ୍ ସେବା ଜାରି ରହିଛି । ମଧ୍ୟପ୍ରଦେଶରେ ବିଶେଷ କରି ଭୋପାଳ ଏବଂ ଇନ୍ଦୋର ଭଳି ପ୍ରମୁଖ ସହରଗୁଡ଼ିକରେ ମହିଳାମାନଙ୍କ ପାଇଁ ମେଟ୍ରୋ ଏବଂ ସିଟି ବସଗୁଡ଼ିକରେ ମାଗଣା ଯାତ୍ରା ସୁବିଧା ଦିଆଯାଇଛି । ଚଣ୍ଡୀଗଡ଼, ମୋହାଲି ଏବଂ ପଞ୍ଚକୁଲା ସହର ମଧ୍ୟରେ ଚାଲୁଥିବା ସମସ୍ତ ସିଟିୟୁ ଲୋକାଲ୍ ଏସି ଓ ଅଣ-ଏସି ବସରେ ମହିଳାମାନଙ୍କ ପାଇଁ ରାକ୍ଷୀ ଦିନ ମାଗଣା ସେବା ଉପଲବ୍ଧ କରାଯାଇଛି । କେତେକ ରାଜ୍ୟରେ ପୂର୍ବରୁ ହିଁ ସରକାରଙ୍କ ଯୋଜନା ଅନୁଯାୟୀ ମହିଳାମାନଙ୍କ ପାଇଁ ବର୍ଷସାରା ମାଗଣା ସେବା ରହିଛି, ତେଣୁ ସେଠାରେ ସ୍ୱତନ୍ତ୍ର ପାସର ଆବଶ୍ୟକତା ପଡ଼େନାହିଁ । ଯଥା- ଦିଲ୍ଲୀ, ପଞ୍ଜାବ, କର୍ଣ୍ଣାଟକ ଓ ତେଲେଙ୍ଗାନା। ଏହି ସୁବିଧା କେବଳ ସରକାରୀ ପରିବହନ ନିଗମ ଦ୍ୱାରା ପରିଚାଳିତ ବସଗୁଡ଼ିକରେ ହିଁ ଲାଗୁ ହେବ, କୌଣସି ବେସରକାରୀ ବସରେ ଏହା ମାଗଣା ନୁହେଁ । ମହିଳାମାନଙ୍କୁ ବସରେ ଚଢ଼ିବା ପରେ କଣ୍ଡକ୍ଟରଙ୍କ ଠାରୁ ଏକ ମାଗଣା 'ଶୂନ୍ୟ ମୂଲ୍ୟର ଟିକେଟ୍' ନେବାକୁ ପଡ଼ିଥାଏ, ଯାହାଦ୍ୱାରା ଯାତ୍ରୀ ସଂଖ୍ୟାର ହିସାବ ରହିପାରିବ । ଓଡ଼ିଶା ସରକାରଙ୍କ ପକ୍ଷରୁ ବସରେ ଏପରି କୌଣସି ସ୍ୱତନ୍ତ୍ର ମାଗଣା ଘୋଷଣା କରାଯାଇ ନଥିଲେ ମଧ୍ୟ, ମହିଳାମାନଙ୍କ ଆର୍ଥିକ ଉନ୍ନତି ପାଇଁ ସୁଭଦ୍ରା ଯୋଜନା ମାଧ୍ୟମରେ ସିଧାସଳଖ ୫,୦୦୦ ଟଙ୍କା ଉପହାର ଦିଆଯାଉଛି ।

# ଶ୍ରୀମନ୍ଦିରରେ ରକ୍ଷା ବନ୍ଧନ





ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାକ୍ଷୀ ବନ୍ଧନ ବା ଗହ୍ମା ପୂର୍ଣ୍ଣିମା ପର୍ବ ଏକ ଅନନ୍ୟ ଏବଂ ଦେବୀୟ ପରମ୍ପରା। ସାଧାରଣ ମାନବଙ୍କ ଭଳି ଶ୍ରୀମନ୍ଦିରର ଚତୁର୍ଦ୍ଧାମୂର୍ତ୍ତି ମଧ୍ୟ ଏହି ସ୍ନେହର ପର୍ବକୁ ବହୁ ନିଷ୍ଠାର ସହ ପାଳନ କରିଥାନ୍ତି। ଏହି ଦିନ ଦେବୀ ସୁଭଦ୍ରା ତାଙ୍କର ଦୁଇ ବଡ଼ ଭାଇ—ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ସାନଭାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀହସ୍ତରେ ସ୍ନେହର ସୂତା ବା ପାଟ ରାକ୍ଷୀ ବାନ୍ଧିଥାନ୍ତି। ଶ୍ରୀଜୀଉମାନଙ୍କ ପାଇଁ ଏହି ସ୍ୱତନ୍ତ୍ର ରାକ୍ଷୀକୁ ପାଟରା ବିଷୋୟୀ ସେବକମାନେ ବହୁ ନିଷ୍ଠାର ସହ ପ୍ରସ୍ତୁତ କରିଥାନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳୁଥିବା 'ବାସୁଙ୍ଗା ପାଟ' (ରେଶମ କପଡ଼ା)କୁ ପ୍ରାକୃତିକ ରଙ୍ଗରେ ରଙ୍ଗେଇ ଏହି ରାକ୍ଷୀ ତିଆରି ହୁଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ନାଲି ଓ ହଳଦିଆ ରଙ୍ଗର ରାକ୍ଷୀ ଏବଂ ପ୍ରଭୁ ବଳଭଦ୍ରଙ୍କ ପାଇଁ ନୀଳ ଓ ବାଇଗଣୀ/ପର୍ପଲ ରଙ୍ଗର ରାକ୍ଷୀ ପ୍ରସ୍ତୁତ କରାଯାଏ। ରାକ୍ଷୀ ସହିତ ଠାକୁରମାନଙ୍କୁ ସ୍ୱତନ୍ତ୍ର 'ଗୁଆମାଳା' ଅର୍ପଣ କରାଯାଏ। ପ୍ରତ୍ୟେକ ଗୁଆମାଳାରେ ୫୪ଟି ଗୁଆ ପବିତ୍ର ସୂତାରେ ଗୁନ୍ଥା ହୋଇଥାଏ। ଦୁଇ ଭାଇଙ୍କ ପାଇଁ ୨ଟି ଲେଖାଏଁ ରାକ୍ଷୀ ଓ ୨ଟି ଲେଖାଏଁ ଗୁଆମାଳା ଲାଗି ହୁଏ। ଗହ୍ମା ପୂର୍ଣ୍ଣିମା ଦିନଟି ହେଉଛି ପ୍ରଭୁ ବଳଭଦ୍ରଙ୍କ ଜନ୍ମତିଥି। ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଜନ୍ମ ନୀତି ପାଳନ କରାଯାଏ। ଏହି ଦିନ ପ୍ରଭୁ ସୁଦର୍ଶନ ମନ୍ଦିରରୁ ବାହାରି ପୁରୀର ଚାରି ଆଶ୍ରମ ଗସ୍ତ କରିଥାନ୍ତି, ଯାହା ଶ୍ରୀମନ୍ଦିର ପରମ୍ପରାର ଅନ୍ୟ ଏକ ଆକର୍ଷଣୀୟ ଦିଗ।

## ଗହ୍ମା ପୂର୍ଣ୍ଣିମାରେ ଗୋମାତାଙ୍କୁ ପୂଜା

ଓଡ଼ିଶାର ସଂସ୍କୃତିରେ ରକ୍ଷାବନ୍ଧନ ବା ଗହ୍ମା ପୂର୍ଣ୍ଣିମା ଦିନ ଗାଈ ଗୋରୁଙ୍କୁ ପୂଜା କରିବା ଏବଂ ତାଙ୍କ ଶିଙ୍ଘରେ ରାକ୍ଷୀ ବାନ୍ଧିବାର ଏକ ବହୁ ପୁରୁଣା ପରମ୍ପରା ରହିଛି। ଏହି ଦିନଟି କୃଷିର ଦେବତା ପ୍ରଭୁ ବଳଭଦ୍ରଙ୍କ ଜନ୍ମତିଥି ହୋଇଥିବାରୁ, ଚାଷୀମାନେ ନିଜର ପ୍ରଧାନ ସମ୍ପଦ ଗୋମାତା ଓ ବଳଦମାନଙ୍କ ପ୍ରତି କୃତଜ୍ଞତା ଜଣାଇ ଏହି ପର୍ବ ପାଳନ କରନ୍ତି। ଗହ୍ମା ପୂର୍ଣ୍ଣିମା ସକାଳୁ ଗ୍ରାମାଞ୍ଚଳରେ ଚାଷୀମାନେ ନିଜର ଗାଈ ଓ ବଳଦମାନଙ୍କୁ ନଦୀ ବା ପୋଖରୀରେ ସଫା କରି ଗାଧୋଇ ଦେଇଥାନ୍ତି। ଗୋରୁମାନଙ୍କ ମୁଣ୍ଡ ଓ ପିଠିରେ ସିନ୍ଦୂର, ଚନ୍ଦନ ଏବଂ ହଳଦୀର ଚିତା ଦିଆଯାଏ ଏବଂ ବେକରେ ଫୁଲମାଳ ପିନ୍ଧାଇ ସେମାନଙ୍କୁ ସୁନ୍ଦର ଭାବେ ସଜାଯାଏ। ଏହି ଦିନ ଗୋମାତା ଏବଂ ବଳଦମାନଙ୍କ ଶିଙ୍ଘରେ ରଙ୍ଗବେରଙ୍ଗର ପବିତ୍ର ରାକ୍ଷୀ ବା ସୂତା ବାନ୍ଧି ସେମାନଙ୍କ ସୁରକ୍ଷା ଓ ଦୀର୍ଘାୟୁ କାମନା କରାଯାଏ। ଗୋମାତାଙ୍କ ଆରତୀ କରିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ମଣ୍ଡା ପିଠା, ଏଣ୍ଡୁରି ପିଠା କିମ୍ବା ଗୁଡ଼-ଭାତ ଖାଇବାକୁ ଦିଆଯାଇଥାଏ। ଗହ୍ମା ଶବ୍ଦଟି 'ଗୋମାତା'ରୁ ସୃଷ୍ଟି ହୋଇଛି। ଏହି ନିଆରା ପରମ୍ପରା ମଣିଷ ଓ ପଶୁପକ୍ଷୀଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ଏବଂ କୃଷି ଭିତ୍ତିକ ସଂସ୍କୃତିର ମହାନତାକୁ ଦର୍ଶାଇଥାଏ।



# ଗଛରେ ବି ରାକ୍ଷୀ

ଭାଇ-ଭଉଣୀର ସ୍ନେହ ସହ ଯୋଡ଼ି ହେଲା ପରିବେଶ ସୁରକ୍ଷାର ସଂକଳ୍ପ ଗଛକୁ ରାକ୍ଷୀ ବାନ୍ଧିଲେ ସମାଜସେବୀ। ପବିତ୍ର ରକ୍ଷାବନ୍ଧନ ଅବସରରେ କେବଳ ଭାଇ ହାତରେ ନୁହେଁ, ବରଂ ପ୍ରକୃତିର ସୁରକ୍ଷା ପାଇଁ ଗଛ ନାଁରେ ରକ୍ଷାବନ୍ଧନ ପର୍ବ ପାଳନ କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ସ୍ଥାନୀୟ ସମାଜସେବୀ ସଂଗଠନ/ବ୍ୟକ୍ତିଙ୍କ ନାଁ। ଏହି ଅବସରରେ ପ୍ରଥମେ ବିଭିନ୍ନ ଔଷଧୀୟ ଏବଂ ଛାୟାପ୍ରଦ ବୃକ୍ଷରୋପଣ କରାଯାଇ ପରିବେଶ ସନ୍ତୁଳନ ରକ୍ଷା କରିବାର ବାର୍ତ୍ତା ଦିଆଯାଇଥିଲା। 'ଗଛଟିଏ ବଞ୍ଚିଲେ ଆମେ ବଞ୍ଚିବା'—ଏହି ମହତ ଚିନ୍ତାଧାରାକୁ ନେଇ ସମାଜସେବୀ ଏବଂ ସ୍ଥାନୀୟ ମହିଳାମାନେ ନୂତନ ଭାବେ ରୋପଣ କରାଯାଇଥିବା ବୃକ୍ଷ ତଥା ଅନ୍ୟାନ୍ୟ ବଡ଼ ଗଛଗୁଡ଼ିକରେ ସ୍ନେହର ସୂତା ଓ ରାକ୍ଷୀ ବାନ୍ଧିଥିଲେ। ଯେପରି ଭାଇ ତାର ଭଉଣୀକୁ ରକ୍ଷା କରିବାର ପ୍ରତିଶ୍ରୁତି ଦିଏ, ସେହିପରି ପ୍ରତିଟି ଗଛକୁ ନିଜ ପରିବାରର ସଦସ୍ୟ ଭାବି ତାର ସୁରକ୍ଷା ଓ ଯତ୍ନ ନେବା ପାଇଁ ସମସ୍ତେ ସଂକଳ୍ପ କରିଥିଲେ। ଗ୍ଲୋବାଲ ୱାର୍ମିଂ ବା ବିଶ୍ୱତାପନର ସମସ୍ୟା ମଧ୍ୟରେ ଏହିପରି ଏକ ପ୍ରୟାସ ସମାଜକୁ ସବୁଜିମା ଭରିବା ଏବଂ ପ୍ରକୃତି ସହ ଯୋଡ଼ି ହୋଇ ରହିବାକୁ ଏକ ଶ୍ରେଷ୍ଠ ପ୍ରେରଣା ଦେଇଛି।





ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

### ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍-୨୦୨୬କୁ ନେଇ ବିବାଦ

# ସ୍ୱତନ୍ତ୍ର ବିଧାନ ସଭା ଅଧିବେଶନ ଡାକିବାକୁ ନବୀନଙ୍କ ଦାବି



✦ କଂଗ୍ରେସର 'ରାଜ୍ୟ ବନ୍ଦ' ଚେତାବନୀ

✦ ଓଡ଼ିଶାରେ ଖଣି ଆଇନ (ଏମ୍‌ଏମ୍‌ଡିଆର୍)କୁ ନେଇ ମୁହାଁମୁହିଁ

ଭୁବନେଶ୍ୱର,୨୨/୦୮ (ଜେଏନ୍‌ଏସ୍): ସଂସଦରେ ପାରିତ ହୋଇଥିବା ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଏବଂ ନିୟନ୍ତ୍ରଣ (ଏମ୍‌ଏମ୍‌ଡିଆର୍) ସଂଶୋଧନ ବିଲ୍-୨୦୨୬ କୁ ନେଇ ଓଡ଼ିଶାରେ ଶାସକ ବିଜେପି ଏବଂ ବିରୋଧୀ ବିଜେଡି ଓ କଂଗ୍ରେସ ମଧ୍ୟରେ ତୀବ୍ର ରାଜନୈତିକ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଏହି ଆଇନକୁ ନେଇ ବିଭିନ୍ନ ଦଳ ମଧ୍ୟରେ ବିବାଦ ଦେଖା ଦେଇଛି । କେନ୍ଦ୍ର ସରକାରଙ୍କ ଏହି ନୂଆ ସଂଶୋଧନ ଅନୁଯାୟୀ, ରାଜ୍ୟ ସରକାରମାନେ ଖଣିଜ ଅଧିକାର କିମ୍ବା ଖଣି ଅଞ୍ଚଳ ଉପରେ ଆଉ କୌଣସି ଅତିରିକ୍ତ ଟିକସ, ସେସ୍ କିମ୍ବା ଲେଭି ଲଗାଇ ପାରିବେ ନାହିଁ। ଏହା ସହିତ ପୂର୍ବରୁ ବାକି ଥିବା ପିଛିଲା ଦେୟଗୁଡ଼ିକୁ ମଧ୍ୟ ଅବୈଧ ଘୋଷଣା କରାଯାଇଛି । ୨୦୨୪ ସୁପ୍ରିମକୋର୍ଟଙ୍କ ରାୟ ପରେ ଓଡ଼ିଶା ପ୍ରାୟ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ବାକିଆ ରାଜସ୍ୱ ପାଇବାର ଥିଲା, ଯାହା ଏବେ ଏହି ଆଇନ ଯୋଗୁଁ ପ୍ରଭାବିତ ହେବାର ଆଶଙ୍କା ରହିଛି ।

ଏହି ଆଇନ ଓଡ଼ିଶାର ଆର୍ଥିକ ସ୍ୱାଧୀନତା ଏବଂ କ୍ଷମତା ଉପରେ କେନ୍ଦ୍ରର ପ୍ରହାର । ଓଡ଼ିଶାର ୨୦ ଜଣ ବିଜେପି ସାଂସଦ ସଂସଦରେ ଚୁପ୍ ରହି ରାଜ୍ୟର ହକ୍ ଛଡ଼ାଇ ନେଇଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡାକିବାକୁ ଦାବି କରିଛନ୍ତି । ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ।

ଏହି ଆଇନ କେବଳ କିଛି ବଡ଼ ଘରୋଇ ଖଣି କମ୍ପାନୀ (ଯେପରିକି ଟାଟା, ଜିନ୍ଦଲ, ଅଦାନୀ)କୁ ଫାଇଦା ପହଞ୍ଚାଇବା ପାଇଁ ଅଣାଯାଇଛି । ଏହା ଦ୍ୱାରା ରାଜ୍ୟର ଗରିବ ଜନସାଧାରଣଙ୍କ ସମ୍ପତ୍ତି ଲୁଟ୍ ହେବ । କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା ଏହାକୁ ତୀବ୍ର ବିରୋଧ କରିଛନ୍ତି । ଆଇନ ପ୍ରତ୍ୟାହାର ନହେଲେ ଆଗାମୀ ବିଧାନସଭା ଅଧିବେଶନ ବେଳେ 'ରାଜ୍ୟ ବନ୍ଦ' ଡାକରା ଦେବାକୁ ଧମକ ଦେଇଛନ୍ତି ।

ଏହି ସଂଶୋଧନ ଦ୍ୱାରା ଓଡ଼ିଶାର ଗୋଟିଏ ବି ଟଙ୍କା କ୍ଷତି ହେବ ନାହିଁ ବୋଲି ବିଜେପି ସ୍ପଷ୍ଟ କରିଛି । ଏକ ସମାନ ଟାକ୍ସ ଢାଞ୍ଚା ଯୋଗୁଁ ନୂଆ ପୁଞ୍ଜିନିବେଶ ଆସିବ, ଶିଳ୍ପର ବିକାଶ ହେବ ଏବଂ କୋଇଲା ଶସ୍ତା ହେବ, ଯାହା ଦ୍ୱାରା ସାଧାରଣ ଲୋକଙ୍କ ବିଦ୍ୟୁତ ବିଲ୍ କମିବ । ବିଜେପି ପ୍ରବକ୍ତା ଅନିଲ ବିଶ୍ୱାଳ ବିରୋଧୀଙ୍କ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ପାଲଟା ପ୍ରଶ୍ନ କରିଛନ୍ତି ଯେ ବିଜେଡି ଓ କଂଗ୍ରେସ ଶାସନ କାଳରେ ଖଣି ରାଜସ୍ୱ କାହିଁକି କମ୍ ଥିଲା ?

ବିରୋଧୀଙ୍କ ଅନୁଯାୟୀ, ଓଡ଼ିଶା ନିଜ ମନ ମୁତାବକ ସେସ୍ ଲଗାଇ ପାରିବ ନାହିଁ, ଯାହାଦ୍ୱାରା ବାର୍ଷିକ ହଜାର ହଜାର କୋଟିର କ୍ଷତି ହୋଇପାରେ । ଖଣିଜ ପଦାର୍ଥ ଉପରେ ଟିକସ ନିର୍ଦ୍ଧାରଣ କରିବାର ସମ୍ପୂର୍ଣ୍ଣ କ୍ଷମତା ଏବେ କେନ୍ଦ୍ର ସରକାରଙ୍କ ଅଧୀନକୁ ଚାଲିଯିବ । ରାଜ୍ୟଗୁଡ଼ିକ ପୂର୍ବଭଳି ଖଣି ରୟାଲଟିର ମୁଖ୍ୟ ଅଂଶ ପାଇବା ଜାରି ରଖିବେ ଏବଂ ବାଲି, ଗୋଡ଼ି ଭଳି ଗୌଣ ଖଣିଜ ଉପରେ ସମ୍ପୂର୍ଣ୍ଣ ଅଧିକାର ରାଜ୍ୟ ହାତରେ ହିଁ ରହିବ ବୋଲି ବିଜେପି ସଫେଇ ଦେଇଛି ।

# ବିଶ୍ୱସ୍ତରୀୟ ଐତିହ୍ୟସ୍ଥଳୀ ହେବ ରଘୁରାଜପୁର : ମଞ୍ଜୁର ହେଲା ୨୩ କୋଟି



ଭୁବନେଶ୍ୱର, ୨୨/୦୮ (ଜେଏନ୍‌ଏସ୍): ଓଡ଼ିଶାର ପୁରୀ ଜିଲ୍ଲାରେ ଅବସ୍ଥିତ ବିଶ୍ୱପ୍ରସିଦ୍ଧ ଶିଳ୍ପୀ ଗ୍ରାମ ରଘୁରାଜପୁରର ରୂପାନ୍ତରଣ ପାଇଁ ରାଜ୍ୟ ସରକାର ଏକ ବୃହତ୍ ଯୋଜନା ଆରମ୍ଭ କରିଛନ୍ତି । ଓଡ଼ିଶାର ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ପ୍ରସିଦ୍ଧ ଐତିହ୍ୟ ଗ୍ରାମକୁ ଏକ ବିଶ୍ୱସ୍ତରୀୟ ସାଂସ୍କୃତିକ ଓ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ଏହି 'ସମନ୍ୱିତ ପର୍ଯ୍ୟଟନ ବିକାଶ ପ୍ରକଳ୍ପ' ହାତକୁ ନିଆଯାଇଛି । ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଗଷ୍ଟ ୧୮ ତାରିଖରେ ଏହି ପ୍ରକଳ୍ପର ଆନୁଷ୍ଠାନିକ ଶିଳାନ୍ୟାସ କରିଛନ୍ତି । ଏହି ସମ୍ପୂର୍ଣ୍ଣ ରୂପାନ୍ତରଣ କାର୍ଯ୍ୟ ପାଇଁ ସରକାର ୨୩ କୋଟି ଟଙ୍କାର ବଜେଟ୍ ମଞ୍ଜୁର କରିଛନ୍ତି । ଗ୍ରାମର ପାରମ୍ପରିକ କଳା ସଂସ୍କୃତିର ସୁରକ୍ଷା କରିବା ସହିତ ଏହାକୁ ବିଶ୍ୱ ଦରବାରରେ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ସ୍ଥାପିତ କରିବା । ଏହି ୨୩ କୋଟି ଟଙ୍କାର ବଜେଟ୍ ମୁଖ୍ୟତଃ ଚାରୋଟି ବିଭାଗ ଉପରେ ଖର୍ଚ୍ଚ କରାଯିବ । ଗ୍ରାମର ରାସ୍ତାଘାଟ, ଆଲୋକୀକରଣ, ବିଦ୍ୟୁତୀକରଣ ଏବଂ ପରିମଳ ବ୍ୟବସ୍ଥାରେ ବ୍ୟାପକ ସୁଧାର ଅଣାଯିବ । ସ୍ଥାନୀୟ ଶିଳ୍ପୀମାନଙ୍କୁ ସେମାନଙ୍କ କଳାକୃତି ପ୍ରଦର୍ଶନ ଓ ବିକ୍ରୟ କରିବା ପାଇଁ ଆଧୁନିକ ବ୍ୟବସ୍ଥା ଯୋଗାଇ ଦିଆଯିବ । ଏହା ସେମାନଙ୍କ ଜୀବିକାକୁ ଆହୁରି ସୁଦୃଢ଼ କରିବ । ଦେଶ ଓ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ବିଶ୍ୱସ୍ତରୀୟ ସୂଚନା କେନ୍ଦ୍ର, ବିଶ୍ରାମ ଗୃହ, ସ୍ୱଚ୍ଛ ପାନୀୟ ଜଳ ଏବଂ ଗାଡ଼ି ପାର୍କିଂର ସୁବିଧା କରାଯିବ । ଗ୍ରାମର ପରିଚୟ ସାଜିଥିବା ସଂସ୍କୃତିକୁ ଆନ୍ତର୍ଜାତୀୟ ସ୍ତରରେ ବିଜ୍ଞାପିତ କରାଯିବ । ରଘୁରାଜପୁର ହେଉଛି ଏମିତି ଏକ ଗ୍ରାମ ଯାହାର ପ୍ରତିଟି ଘର ଏକ ଆର୍ଟ ଗ୍ୟାଲେରୀ ସଦୃଶ ।

ଏହି ପ୍ରକଳ୍ପ ମାଧ୍ୟମରେ ନିମ୍ନଲିଖିତ ପାରମ୍ପରିକ କଳାଗୁଡ଼ିକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯିବ । ପଟ୍ଟଚିତ୍ର ହେଉଛି ଓଡ଼ିଶାର ଶତାବ୍ଦୀ ପୁରୁଣା ପାରମ୍ପରିକ ଚିତ୍ରକଳା । ସେହିପରି ଗୋଟିପୁଅ ନୃତ୍ୟ ଓଡ଼ିଶୀ ନୃତ୍ୟର ପ୍ରାକ୍-ରୂପ, ଯାହାର ଜନ୍ମ ଏହି ମାଟିରେ । ଏଥିସହ ଅନ୍ୟାନ୍ୟ ହସ୍ତଶିଳ୍ପ ଯଥା ତାଳପତ୍ର ଖୋଦେଇ, କାଠ ଖୋଦେଇ ଏବଂ ଟେରାକୋଟା କଳା ପାଇଁ ଏହି ଅଂଚଳ ପ୍ରସିଦ୍ଧ । ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରଘୁରାଜପୁରର କଳା ସହ ଶ୍ରୀ ଜଗନ୍ନାଥ ସଂସ୍କୃତିର ନିବିଡ଼ ସମ୍ପର୍କ ରହିଛି । ପ୍ରକଳ୍ପ ମାଧ୍ୟମରେ ଏହି ସାଂସ୍କୃତିକ ସମ୍ପର୍କକୁ ଆହୁରି ମଜବୁତ କରାଯିବ, ଯାହା ଦ୍ୱାରା ପୁରୀ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଓଡ଼ିଶାର ପ୍ରକୃତ କଳାର ଅନୁଭୂତି ନେବା ପାଇଁ ରଘୁରାଜପୁର ଆକର୍ଷିତ ହେବେ । ସଂକ୍ଷେପରେ କହିବାକୁ ଗଲେ, ଏହି ପ୍ରକଳ୍ପ ରଘୁରାଜପୁରର ମୌଳିକ ସୌନ୍ଦର୍ଯ୍ୟ ଓ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖି ଏହାକୁ ଏକ ଆଧୁନିକ 'ଏକ୍ସପେରିଏନ୍ସିଆଲ୍ ପର୍ଯ୍ୟଟନ' ସ୍ଥଳରେ ପରିଣତ କରିବ ।

### ସରକାରଙ୍କ ତୃତୀୟ ବର୍ଷ ଚାଲିଲା, ହେଲେ ନେତାଙ୍କୁ ମିଳିଲାନି ପଦ !

# ଓଡ଼ିଶା ନିଗମ ନିଯୁକ୍ତିକୁ ନେଇ ଛିଡୁନି ଅଙ୍କ

ଭୁବନେଶ୍ୱର,୨୨/୦୮ (ଜେଏନ୍‌ଏସ୍): ଓଡ଼ିଶାରେ ବିଜେପି ସରକାର ଗଠନ ହେବା ପରେ ୧୭ଟି ବିଭାଗର ପ୍ରାୟ ୩୨ଟି ସରକାରୀ ବୋର୍ଡ ଓ ନିଗମରେ ୧୫୦ରୁ ଅଧିକ ଅଧ୍ୟକ୍ଷ ଏବଂ ସଦସ୍ୟ ପଦବୀ ଖାଲି ପଡ଼ିଛି । ସରକାରଙ୍କ କାର୍ଯ୍ୟକାଳ ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହି ପଦବୀଗୁଡ଼ିକ ପୂରଣ ହୋଇନଥିବାରୁ ଦଳର ଆଶାୟୀ ଛାମୁଆ ନେତା ଏବଂ କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଗୁମୁରୁଛି ।

> ୩୨ଟି ବୋର୍ଡ ଖାଲି ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ
>
> ୧୭ଟି ବିଭାଗରେ ୧୫୦ରୁ ଅଧିକ ପଦବୀ ଖାଲି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାର ଗଠନ କରିବା ପରେ ପୂର୍ବତନ ବିଜେଡି ସରକାର ସମୟର ସମସ୍ତ ଅଧ୍ୟକ୍ଷ ଓ ପରାମର୍ଶଦାତାଙ୍କୁ ପଦରୁ ହଟାଇ ଦେଇଥିଲେ । ସେବେଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ଖାଲି ରହିଛି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପୂର୍ବରୁ ଘୋଷଣା କରିଥିଲେ ଯେ ସରକାରଙ୍କ ଦ୍ୱିତୀୟ ବାର୍ଷିକୀ (ଜୁନ୍ ୧୨) ପୂର୍ବରୁ ସମସ୍ତ ନିଗମ ଅଧ୍ୟକ୍ଷ ପଦ ପୂରଣ କରାଯିବ । କିନ୍ତୁ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ସମୀକରଣ ଓ ଅଙ୍କକଷା ଛିଡ଼ୁ ନଥିବାରୁ ଏହି ନିଯୁକ୍ତି ବାରମ୍ବାର ଘୁଞ୍ଚି ଚାଲିଛି । ଫଳରେ ନେତାଙ୍କ ମୋହଭଙ୍ଗ ହେବାରେ ଲାଗିଛି । ନିର୍ବାଚନ ସମୟରେ ତୃଣମୂଳ ସ୍ତରରେ ଦଳ ପାଇଁ କାମ କରିଥିବା ଏବଂ ଟିକେଟ୍ ନପାଇ ପଛରେ ରହି ସାହାଯ୍ୟ କରିଥିବା ବରିଷ୍ଠ ନେତାମାନେ ଏବେ 'ରାଜନୈତିକ ପୁରସ୍କାର' ପାଇବା ଆଶାରେ ଅଛନ୍ତି । ନିଯୁକ୍ତିରେ ଅହେତୁକ ବିଳମ୍ବ ଯୋଗୁଁ ସେମାନଙ୍କ ଧୈର୍ଯ୍ୟଚ୍ୟୁତି ଘଟୁଛି ବୋଲି ଚର୍ଚ୍ଚା ଜୋର ଧରିଲାଣି ।

# ଟ୍ୟାକ୍ସି ଚାଳକଙ୍କ ଆନ୍ଦୋଳନ ଉଗ୍ର : ୧୧୩ ଗିରଫ





✦ ଆମ ବସ୍ ଭଙ୍ଗାରୁଜା ପରେ ପୋଲିସର ଲାଠିଚାର୍ଜ

✦ ୩୫୦ରୁ ଅଧିକ ଗାଡ଼ି ଜବତ

✦ ପ୍ରାୟ ୪୦୦ ଅଟୋର ପରମିଟ୍ ବାତିଲ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୨/୦୮ (ଜେଏନ୍‌ଏସ୍) : ଭୁବନେଶ୍ୱରରେ ଅନଲାଇନ୍ କ୍ୟାବ୍ ଓ ଅଟୋ ଚାଳକଙ୍କ ଆନ୍ଦୋଳନ ଉଗ୍ର ରୂପ ନେବା ପରେ ପୋଲିସ ପକ୍ଷରୁ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । 'ଅନଲାଇନ୍ ଡ୍ରାଇଭର୍ସ ଜଏଣ୍ଟ ଫୋରମ୍' ଏବଂ 'ଅଲ୍ ଓଡ଼ିଶା ଗିଗ୍ ୱର୍କର୍ସ ୟୁନିୟନ' ନେତୃତ୍ୱରେ ଚାଳକମାନେ ନିଜର ୭ ଦଫା ଦାବିକୁ ନେଇ ଅଗଷ୍ଟ ୧୭ରୁ ଆନ୍ଦୋଳନ କରୁଥିଲେ । ଅଗଷ୍ଟ ୧୯ (ବୁଧବାର) ତୃତୀୟ ଦିନରେ ଏହି ଆନ୍ଦୋଳନ ଲୋୟର ପିଏମଜି ଏବଂ ମାଷ୍ଟର କ୍ୟାଣ୍ଟିନ୍ ଛକ ନିକଟରେ ଉଗ୍ର ରୂପ ନେଇଥିଲା । ଚାଳକମାନେ ଗାଡ଼ିଗୁଡ଼ିକୁ ରାସ୍ତା ମଝିରେ ପାର୍କ କରି ଷ୍ଟେସନରୁ ଏୟାରପୋର୍ଟ ଯାଉଥିବା ପ୍ରମୁଖ ରାସ୍ତାକୁ ସମ୍ପୂର୍ଣ୍ଣ ଜାମ୍ କରିଦେଇଥିଲେ । ପୋଲିସ ରାସ୍ତା ସଫା କରିବାକୁ ଚେଷ୍ଟା କରିବା ସମୟରେ ଉତ୍ତ୍ୟକ୍ତ ଚାଳକମାନେ ପୋଲିସ ଉପରକୁ ଇଟା ଓ ପଥର ମାଡ଼ କରିଥିଲେ । ଏଥିସହ ପ୍ରାୟ ୧୪ରୁ ଅଧିକ ସରକାରୀ 'ଆମ ବସ୍' ଏବଂ ୩ଟି ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରାଯାଇଥିଲା । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ କମିଶନରେଟ ପୋଲିସ ପକ୍ଷରୁ ଲାଠିଚାର୍ଜ କରାଯାଇ ଆନ୍ଦୋଳନକାରୀଙ୍କୁ ଘଉଡ଼ାଯାଇଥିଲା । ସର୍ବଶେଷ ସୂଚନା ଅନୁଯାୟୀ, ବେଆଇନ ରାସ୍ତା ଅବରୋଧ ଓ ସରକାରୀ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ପୋଲିସ ୧୧୩ ଜଣଙ୍କୁ ଗିରଫ କରିଛି (ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ଜଣଙ୍କୁ ଭଲ ବ୍ୟବହାର ପାଇଁ ପରବର୍ତ୍ତୀ ସମୟରେ ଛଡ଼ାଯାଇଛି) । ଖାରବେଳ ନଗର ଥାନାରେ ଏନେଇ ମାମଲା ରୁଜୁ ହୋଇଛି । ଘଟଣାସ୍ଥଳରୁ ୩୫୪ରୁ ଅଧିକ ଗାଡ଼ିକୁ ଜବତ କରାଯାଇଛି । ଏହା ସହିତ ନିୟମ ଉଲ୍ଲଂଘନ ଓ ଭଙ୍ଗାରୁଜା ଅଭିଯୋଗରେ ପ୍ରାୟ ୪୦୦ଟି ଅଟୋର ପରମିଟ୍ ଓ ଗାଡ଼ିର ରେଜିଷ୍ଟ୍ରେସନ ବାତିଲ କରିବା ପାଇଁ ପରିବହନ ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି । ଏହି ସଂଘର୍ଷରେ ପ୍ରାୟ ୧୩ ଜଣ ପୋଲିସ କର୍ମଚାରୀଙ୍କ ସମେତ ୨୫ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଚାଳକମାନଙ୍କର ପ୍ରମୁଖ ଦାବିଗୁଡ଼ିକ ହେଲା, ଅନଲାଇନ୍ କ୍ୟାବ୍ ଓ ଅଟୋଗୁଡ଼ିକର କିଲୋମିଟର ପିଛା ଭଡ଼ା ବୃଦ୍ଧି କରାଯାଉ (ଦିନରେ ୧୨ ଟଙ୍କା ଏବଂ ରାତିରେ ୧୫ ଟଙ୍କା), କମ୍ପାନୀଗୁଡ଼ିକ ନେଉଥିବା ଆପ୍ଲିକେସନ ଫିସ୍ (କମିଶନ) କମ୍ କରାଯାଉ, ଗିଗ୍ ୱର୍କର୍ସ ଭାବେ ଚାଳକମାନଙ୍କୁ ସାମାଜିକ ସୁରକ୍ଷା ଓ ଅନ୍ୟାନ୍ୟ ସରକାରୀ ସୁବିଧା ପ୍ରଦାନ କରାଯାଉ,ଚାଳକଙ୍କ ପକ୍ଷ ନଶୁଣି କମ୍ପାନୀଗୁଡ଼ିକ ମନମୁଖୀ ଭାବେ ଆକାଉଣ୍ଟ ବ୍ଲକ୍ କରିବା ବନ୍ଦ କରନ୍ତୁ ଆଦି ବିଭିନ୍ନ ଦାବି ନେଇ ଆନ୍ଦୋଳନ ଚଳାଇଥିଲେ । ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ଯେ, ଏହି ଆନ୍ଦୋଳନ ବେଆଇନ ଥିଲା ଏବଂ ଚାଳକମାନେ ପୂର୍ବ ପ୍ରସ୍ତୁତି ସହ ଅଟୋରେ ପଥର ଆଣି ଆକ୍ରମଣ କରିଥିଲେ । ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, କେହି ବି ଆଇନକୁ ହାତକୁ ନେଇପାରିବେ ନାହିଁ । ତେବେ ସରକାର ଅନଲାଇନ୍ ବାଇକ୍ ଓ କ୍ୟାବ୍ ଅପରେଟରମାନଙ୍କ ପାଇଁ ଏକ ନୂତନ ଭଡ଼ା ଚାର୍ଟ ପ୍ରସ୍ତୁତ କରୁଛନ୍ତି, ଯାହା ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ । ବର୍ତ୍ତମାନ ରାଜଧାନୀରେ ସ୍ଥିତି ସାଧାରଣ ରହିଛି ଏବଂ ସୁରକ୍ଷା ପାଇଁ ଲୋୟର ପିଏମଜି ଅଞ୍ଚଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

### ଜଟଣୀ କ୍ୟାନସର୍ ହସ୍ପିଟାଲ ପାଇଁ ଅତିରିକ୍ତ ଅର୍ଥ ଦେବେ ରାଜ୍ୟ ସରକାର

# ୩୮୫ ଶଯ୍ୟା ବିଶିଷ୍ଟ ହେବ ହୋମି ଭାଭା କ୍ୟାନସର୍ ସେଣ୍ଟର





▸▸ ଓଡ଼ିଶାରେ ମିଳିବ ମୁମ୍ବାଇ ଭଳି କ୍ୟାନସର ଚିକିତ୍ସା

▸▸ ହୋମି ଭାଭା କ୍ୟାନସର ହସ୍ପିଟାଲର ବଢ଼ିଲା କ୍ଷମତା

▸▸ ସାରା ପୂର୍ବ ଭାରତ ପାଇଁ ସାଜିବ ହବ୍

▸▸ ଶିଶୁ କ୍ୟାନସର ଚିକିତ୍ସା ପାଇଁ ମଧ୍ୟ ମିଳିବ ସ୍ୱତନ୍ତ୍ର ସୁବିଧା



ଭୁବନେଶ୍ୱର, ୨୨/୦୮ (ଜେଏନ୍‌ଏସ୍): ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ଜଟଣୀଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ହୋମି ଭାଭା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ରର ସମ୍ପ୍ରସାରଣ ଏବଂ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ଅର୍ଥ ପ୍ରଦାନ କରାଯାଇଛି । ପ୍ରାରମ୍ଭିକ ଯୋଜନା ଅନୁଯାୟୀ ଏହି ହସ୍ପିଟାଲକୁ ୨୦୦ ଶଯ୍ୟା ବିଶିଷ୍ଟ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । କିନ୍ତୁ କ୍ୟାନସର ରୋଗୀଙ୍କ ସଂଖ୍ୟା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର କ୍ଷମତାକୁ ୩୮୫ ଶଯ୍ୟାକୁ ବୃଦ୍ଧି କରାଯାଇଛି । ହସ୍ପିଟାଲର ଆକାର ବଢ଼ିବା ଏବଂ ଅଧିକ ଅତ୍ୟାଧୁନିକ ଚିକିତ୍ସା ଉପକରଣର ଆବଶ୍ୟକତା ଯୋଗୁଁ ଏହାର ନିର୍ମାଣ ବ୍ୟୟ ଅଧିକ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ନୀତିଗତ ନିଷ୍ପତ୍ତି ନେଇ ଘୋଷଣା କରିଛନ୍ତି ଯେ, ହସ୍ପିଟାଲ ସମ୍ପ୍ରସାରଣ ଯୋଗୁଁ ଯେଉଁ ଅତିରିକ୍ତ ଖର୍ଚ୍ଚ ହେବ, ତାହା ଓଡ଼ିଶା ସରକାର ନିଜ ବଜେଟ୍‌ରୁ ବହନ କରିବେ । ଏହି ବିଶ୍ୱସ୍ତରୀୟ ପ୍ରକଳ୍ପର ପ୍ରାରମ୍ଭିକ ବ୍ୟୟ ବରାଦ ପ୍ରାୟ ୬୫୦ କୋଟି ଟଙ୍କା ଥିଲା । ସେଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ପରମାଣୁ ଶକ୍ତି ବିଭାଗ ୪୦୦ କୋଟି ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ୨୫୦ କୋଟି ଟଙ୍କା ନିବେଶ କରୁଛନ୍ତି । ବର୍ତ୍ତମାନ ଏହା ବ୍ୟତୀତ ହେବାକୁ ଥିବା ଅଲଗା ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ଦେବେ । ଅଧିକ ରୋଗୀଙ୍କ ପାଇଁ ୱାର୍ଡ, ଆଇସିୟୁ ଏବଂ ସ୍ପେଶାଲ କ୍ୟାବିନ୍ ନିର୍ମାଣ । କ୍ୟାନସର ଚିକିତ୍ସା ପାଇଁ ଆବଶ୍ୟକ ଉଚ୍ଚମାନର ମେଡିକାଲ୍ ସରଞ୍ଜାମ ଓ ମେସିନାରୀ କ୍ରୟ । ପୂର୍ବରୁ ସରକାର ଏଠାରେ ଏକ ସ୍ୱତନ୍ତ୍ର ଶିଶୁ କ୍ୟାନସର ଚିକିତ୍ସା କେନ୍ଦ୍ର ପାଇଁ ୧୫୦ କୋଟିର ସହାୟତା ମଧ୍ୟ ଘୋଷଣା କରିଥିଲେ । ଓଡ଼ିଶାର ଶତାଧିକ ରୋଗୀ ପ୍ରତିଦିନ କ୍ୟାନସର ଚିକିତ୍ସା ପାଇଁ ମୁମ୍ବାଇର ଟାଟା ମେମୋରିଆଲ ହସ୍ପିଟାଲକୁ ଦୌଡ଼ିଥାନ୍ତି । ଜଟଣୀଠାରେ ଏହି ହସ୍ପିଟାଲ ସମ୍ପୂର୍ଣ୍ଣ ହେଲେ ସେହି ସମାନ ଉଚ୍ଚକୋଟୀର ଚିକିତ୍ସା ଓଡ଼ିଶାରେ ହିଁ ଉପଲବ୍ଧ ହେବ । ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ପରେ କେବଳ ଓଡ଼ିଶା ନୁହେଁ, ବରଂ ସମଗ୍ର ପୂର୍ବ ଭାରତର କ୍ୟାନସର ରୋଗୀଙ୍କ ପାଇଁ ଏହା ଏକ ପ୍ରମୁଖ ଆଶାଭରସାର କେନ୍ଦ୍ର ପାଲଟିବ ।

### ଯୁକ୍ତ ଦୁଇ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

# ଅଗଷ୍ଟ ୨୪ରୁ ଆରମ୍ଭ ହେବ ଅନଲାଇନ୍ ଆବେଦନ

ଭୁବନେଶ୍ୱର, ୨୨/୦୮ (ଜେଏନ୍‌ଏସ୍): ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଯୁକ୍ତ ଦୁଇ (+୨) ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାର ଅଫିସିଆଲ୍ ସେଡ୍ୟୁଲ୍ ପ୍ରକାଶ ପାଇଛି । ମିଳିଥିବା ରିପୋର୍ଟ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟ ଏବଂ ସ୍ପଟ୍ ଆଡମିଶନ ପରେ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଜୁନିଅର କଲେଜ) ଗୁଡ଼ିକରେ ଖାଲି ପଡ଼ିଥିବା ସିଟ୍‌ଗୁଡ଼ିକୁ ପୂରଣ କରିବା ପାଇଁ ଅଗଷ୍ଟ ୨୪ ତାରିଖରୁ ଅନଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । ଏହି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଅନଲାଇନ୍ ଆବେଦନ ଅଗଷ୍ଟ ୨୪, ୨୦୨୬ (ପୂର୍ବାହ୍ନ ୧୦:୦୦ ଟା)ରୁ ଆରମ୍ଭ ହେବ । ଆବେଦନର ଶେଷ ତାରିଖ ଅଗଷ୍ଟ ୩୧, ୨୦୨୬ (ରାତି ୧୧:୪୫ ଟା) ପର୍ଯ୍ୟନ୍ତ ଚାଲିବ । ସେପ୍ଟେମ୍ବର ୦୩, ୨୦୨୬ (ଅପରାହ୍ନ ୦୪ଟା)ରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ । ସେପ୍ଟେମ୍ବର ୦୭ରୁ ସେପ୍ଟେମ୍ବର ୧୦, ୨୦୨୬ (ସନ୍ଧ୍ୟା ୦୫ ଟା ପର୍ଯ୍ୟନ୍ତ) ମନୋନୀତ ଛାତ୍ରଛାତ୍ରୀଙ୍କ ନାମଲେଖା ଆରମ୍ଭ ହେବ । ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ(ବିଏସ୍‌ଇ ଓଡ଼ିଶା), ସିବିଏସ୍‌ଇ, ଆଇସିଏସ୍‌ଇ କିମ୍ବା ଅନ୍ୟ କୌଣସି ସ୍ୱୀକୃତିପ୍ରାପ୍ତ ବୋର୍ଡରୁ ଦଶମ ଶ୍ରେଣୀ ପାସ୍ କରିଥିବା ସମସ୍ତ ଛାତ୍ରଛାତ୍ରୀ ଏଥିପାଇଁ ଯୋଗ୍ୟ । ଯେଉଁମାନେ ପ୍ରଥମ ପର୍ଯ୍ୟାୟରେ ଆଦୌ ଆବେଦନ କରିନାହାନ୍ତି, ସେମାନେ ଫିସ୍ ଦେଇ ନୂଆ କରି ଫର୍ମ ପୂରଣ କରି ପାରିବେ । ମିଳିଥିବା ରିପୋର୍ଟ ମୁତାବକ, ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟରେ ଆବେଦନ କରି ମଧ୍ୟ କୌଣସି ସିଟ୍ ପାଇ ନାହାନ୍ତି, ସେମାନେ ବିନା ଆବେଦନ ଫିସ୍ରେ ପୁଣିଥରେ ଆବେଦନ କରିପାରିବେ । ଦ୍ୱିତୀୟ ପର୍ଯ୍ୟାୟ ନାମଲେଖାରେ କୌଣସି ପ୍ରକାରର ସଂରକ୍ଷଣ କିମ୍ବା ୱେଟେଜ୍ ବ୍ୟବସ୍ଥା ରହିବ ନାହିଁ । ଏହା ସମ୍ପୂର୍ଣ୍ଣ ଭାବେ ମାର୍କ ଅନୁଯାୟୀ ମେଧା ଭିତ୍ତିରେ କରାଯିବ । ଆବେଦନ ଫର୍ମ ପୂରଣ କରିବା ସମୟରେ ନିଜର ମାର୍କ ଓ କଲେଜ ଅପସନ୍ ସଠିକ୍ ଭାବେ ଦିଅନ୍ତୁ । କୌଣସି ଭୁଲ୍ ତଥ୍ୟ ରହିଲେ ଆବେଦନ ନାକଚ ହୋଇଯିବ ।

# ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟିର ପ୍ୟାକେଜ୍ ଘୋଷଣା

✦ ହୀରାକୁଦରୁ ଖୋଲିଲା ଆଉ ୩ଟି ଗେଟ୍

✦ ଉତ୍ତର ଓଡ଼ିଶାରେ ସ୍ଥିତି ସଂଗୀନ

✦ ପ୍ରଭାବିତ ଜିଲ୍ଲାରେ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ



ଭୁବନେଶ୍ୱର,୨୨/୦୮ (ଜେଏନ୍‌ଏସ୍): ଓଡ଼ିଶାରେ ଚାଲିଥିବା ବନ୍ୟା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ୧,୦୦୦ କୋଟିର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ଅନ୍ୟପଟେ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି, ଯାହାଫଳରେ ଏବେ ସୁଦ୍ଧା ମୋଟ ୧୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି । ଏହି ପ୍ୟାକେଜ୍ ଦ୍ୱାରା ପ୍ରଭାବିତ ୬ଟି ଜିଲ୍ଲା (ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡ଼ା) ର ପ୍ରାୟ ୯.୪ ଲକ୍ଷ ଲୋକ ଉପକୃତ ହେବେ । ୩୩% ରୁ ଅଧିକ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ହେକ୍ଟର ପିଛା ସହାୟତା ମିଳିବ । ଅଣ-ଜଳସେଚିତ ଜମି ପାଇଁ ୮,୫୦୦, ଜଳସେଚିତ ଜମି ପାଇଁ ୧,୦୦୦ ଏବଂ ବାର୍ଷିକ ଫସଲ ପାଇଁ ୨୨,୫୦୦ ପ୍ରଦାନ କରାଯିବ । ଚାଷୀଙ୍କୁ ଧାନ ଏବଂ ଅଣ-ଧାନ ବିହନ କିଣିବା ପାଇଁ DBT ମାଧ୍ୟମରେ ସିଧାସଳଖ ଟଙ୍କା ଦିଆଯିବ ଏବଂ ପନିପରିବା ମିନିକିଟ୍ ମାଗଣାରେ ବଣ୍ଟାଯିବ । ବନ୍ୟା ପ୍ରଭାବିତ ଅଞ୍ଚଳରେ ମାଗଣା ରନ୍ଧା ଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଯୋଗାଣ ଜାରି ରହିବ । ଏହା ସହ ଜରୁରୀକାଳୀନ ପୋଷାକ ଏବଂ ବାସନକୁସନ ପାଇଁ ଆର୍ଥିକ ସହାୟତା ମିଳିବ । କ୍ଷତିଗ୍ରସ୍ତ ହୋଇଥିବା ବୁଣାକାର ଓ କାରିଗରମାନଙ୍କୁ ସେମାନଙ୍କ ଉପକରଣ ଏବଂ କଞ୍ଚାମାଲ ନଷ୍ଟ ବାବଦକୁ ୫,୦୦୦ ଲେଖାଏଁ ସହାୟତା ମିଳିବ । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ବହୁ ପରିମାଣର ବନ୍ୟାଜଳ ପ୍ରବେଶ କରୁଥିବାରୁ ଡ୍ୟାମ୍ କର୍ତ୍ତୃପକ୍ଷ ଗେଟ୍ ସଂଖ୍ୟା ବଢ଼ାଇଛନ୍ତି । ବର୍ତ୍ତମାନ ବାମ ପାର୍ଶ୍ୱରୁ ୧୧ଟି ଏବଂ ଡାହାଣ ପାର୍ଶ୍ୱରୁ ୬ଟି ଗେଟ୍‌କୁ ମିଶାଇ ମୋଟ ୧୭ଟି ସ୍ଲୁଇସ୍ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି । ହୀରାକୁଦର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ହୋଇଥିବା ବେଳେ ବର୍ତ୍ତମାନ ଜଳସ୍ତର ୬୨୦.୧୭ ଫୁଟ୍‌ରେ ପହଞ୍ଚିଛି । ଜଳଭଣ୍ଡାରକୁ ବର୍ତ୍ତମାନ ୩,୭୭,୦୮୧ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ଗେଟ୍ ଗୁଡ଼ିକ ମାଧ୍ୟମରେ ୨,୬୮,୮୮୩ କ୍ୟୁସେକ୍ ବନ୍ୟାଜଳ ତଳ ମୁଣ୍ଡକୁ ଛଡ଼ାଯାଉଛି । ମହାନଦୀ ଅବବାହିକା ଏବଂ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

### ପାରାଦୀପ ବନ୍ଦର ଓ ଶିଳ୍ପାଞ୍ଚଳକୁ ବୁଷ୍ଟ

# ଓଡ଼ିଶାରେ ନିର୍ମାଣ ହେବ ନୂଆ ରେଳ ଲାଇନ୍



ଓଡ଼ିଶା ରେଳବାଇ କ୍ଷେତ୍ରରେ ବଡ଼ ବିକାଶ : ମଞ୍ଜୁର ହେଲା ୭,୨୨୧ କୋଟି

ଭୁବନେଶ୍ୱର,୨୨/୦୮ (ଜେଏନ୍‌ଏସ୍): ଓଡ଼ିଶାରେ ରେଳ ଭିତ୍ତିଭୂମିର ସମ୍ପ୍ରସାରଣ ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ୩ଟି ପ୍ରମୁଖ ରେଳ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏହି ସମ୍ପୂର୍ଣ୍ଣ ପ୍ରକଳ୍ପ ଓଡ଼ିଶାର ଶିଳ୍ପ, ପର୍ଯ୍ୟଟନ ଓ ମାଲ୍ ପରିବହନ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣିବ । ଓଡ଼ିଶାର ଏହି ତିନୋଟି ବଡ଼ ମଲ୍ଟି-ଟ୍ରାକିଂ ରେଳ ପ୍ରକଳ୍ପ ପାଇଁ ପ୍ରାୟ ୭,୨୨୧ କୋଟି ଟଙ୍କା ବ୍ୟୟ କରାଯିବ । ଏହି ପ୍ରକଳ୍ପଗୁଡ଼ିକୁ ୨୦୩୦-୩୧ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାର ପ୍ରମୁଖ ବନ୍ଦର (ପାରାଦ୍ୱୀପ), ଶିଳ୍ପାଞ୍ଚଳ ଓ ଖଣି ଖାଦାନ ଗୁଡ଼ିକୁ ସହଜ ଯୋଗାଯୋଗ ଯୋଗାଇବା ସହ ଯାତ୍ରୀ ଏବଂ ମାଲ୍ ପରିବହନ କ୍ଷେତ୍ରରେ ଲାଇନ୍ କ୍ଷମତା ବୃଦ୍ଧି କରିବା । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଓଡ଼ିଶାର ଉପକୂଳ ଓ ଆଭ୍ୟନ୍ତରୀଣ ଅଞ୍ଚଳକୁ ସଂଯୋଗ କରୁଥିବା ନିମ୍ନଲିଖିତ ରୁଟ୍‌ଗୁଡ଼ିକରେ ନୂତନ ଲାଇନ୍ ନିର୍ମାଣ ହେବ । କଟକ-ପାରାଦୀପ ରୁଟ୍‌ରେ ତୃତୀୟ ଓ ଚତୁର୍ଥ ଲାଇନ୍ ନିର୍ମାଣ ହେବା ଦ୍ୱାରା ଓଡ଼ିଶାର ସବୁଠାରୁ ବଡ଼ ସାମୁଦ୍ରିକ ବନ୍ଦର ପାରାଦୀପକୁ କୋଇଲା, ଲୁହାପଥର ଓ ଷ୍ଟିଲ୍ ପରିବହନ ବହୁତ ସହଜ ହୋଇଯିବ । ଏହି ସମ୍ପ୍ରସାରଣ ଦ୍ୱାରା ରାଜ୍ୟର ପ୍ରାୟ ୬,୪୪୮ଟି ଗ୍ରାମର ୬୦ ଲକ୍ଷରୁ ଅଧିକ ଜନସଂଖ୍ୟା ସିଧାସଳଖ ଉପକୃତ ହେବେ । ଏହି ପ୍ରକଳ୍ପ ଅଧୀନରେ ବହୁ ସଂଖ୍ୟାରେ ବଡ଼ ଓ ଛୋଟ ନଦୀ ପୋଲ ଏବଂ ଆଧୁନିକ ସିଗନାଲିଂ ବ୍ୟବସ୍ଥା ସ୍ଥାପନ କରାଯିବ । ଏହି ରେଳ ନେଟୱାର୍କର ବିକାଶ ଫଳରେ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଯେପରିକି ଭିତରକନିକା ଜାତୀୟ ଉଦ୍ୟାନ, ଚାନ୍ଦିପୁର ବେଳାଭୂମି, ଏବଂ ପ୍ରସିଦ୍ଧ ଶାରଳା ପୀଠକୁ ଯାତ୍ରୀମାନଙ୍କ ଯାତାୟାତ ଆହୁରି ସୁଗମ ହେବ । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ବାର୍ଷିକ ପ୍ରାୟ ୭୬ ମିଲିୟନ ଟନ୍ ଅତିରିକ୍ତ ମାଲ୍ ପରିବହନ କରାଯାଇପାରିବ, ଯାହା ଓଡ଼ିଶାର ଅର୍ଥନୀତିକୁ ଏକ ନୂଆ ଗତି ପ୍ରଦାନ କରିବ ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଶ୍ରାବଣ ମାସ ଓ ଶିବଲିଙ୍ଗରେ ଜଳାଭିଷେକ : ଏକ ପବିତ୍ର ଆହ୍ୱାନ



ଶ୍ରାବଣ ମାସ ହିନ୍ଦୁ ଧର୍ମାନୁଗତ ଚେତନାରେ କେବଳ ଏକ କାଳଖଣ୍ଡ ନୁହେଁ; ଏହା ଭକ୍ତି, ସଂଯମ ଏବଂ ଆତ୍ମଶୁଦ୍ଧିର ଏକ ଅଦ୍ଭୁତ ସାଧନା-ପର୍ବ। ବର୍ଷାର ନବୀନ ସ୍ପର୍ଶ, ଧରାର ସବୁଜିମା ଏବଂ ଆକାଶର ମେଘମାଳା ମଧ୍ୟରେ ଏହି ମାସ ମାନବ ମନକୁ ଏକ ଗଭୀର ଆଧ୍ୟାତ୍ମିକ ଅନୁଭୂତିରେ ନେଇଯାଏ। ଶିବଭକ୍ତଙ୍କ ପାଇଁ ଏହା ହେଉଛି ନିଷ୍ଠାର, ନମ୍ରତାର ଏବଂ ଅନନ୍ୟ ଆନ୍ତରିକ ସମର୍ପଣର ପବିତ୍ର ସମୟ।

ଶ୍ରାବଣକୁ ଭଗବାନ ଶିବଙ୍କ ଅତ୍ୟନ୍ତ ପ୍ରିୟ ମାସ ବୋଲି ମନାଯାଏ। ଏହି ସମୟରେ ଶିବ ମନ୍ଦିର ଗୁଡ଼ିକରେ ଭକ୍ତମାନଙ୍କ ସମାଗମ, ରୁଦ୍ରାଭିଷେକ, ବ୍ରତାଚାରଣ ଏବଂ ଜଳାର୍ପଣର ଧାରା ଭକ୍ତିର ଏକ ଉଦାତ୍ତ ଦୃଶ୍ୟ ସୃଷ୍ଟି କରେ। ସୋମବାରଗୁଡ଼ିକ ଏହି ମାସରେ ବିଶେଷ ଗୁରୁତ୍ୱର ଅଧିକାରୀ, କାରଣ ସେଗୁଡ଼ିକୁ ଶିବ-ସାଧନାର ପରମ ପବିତ୍ର ଦିନ ଭାବେ ଦେଖାଯାଏ। ଭକ୍ତର ହୃଦୟରେ ସେତେବେଳେ ଏକମାତ୍ର ଧ୍ୱନି ଉଠେ—'ଓଁ ନମଃ ଶିବାୟ'। ଶିବଲିଙ୍ଗରେ ଜଳ ଚଢ଼ାଇବାର ପରମ୍ପରା ଦୀର୍ଘ ଆଧ୍ୟାତ୍ମିକ ଐତିହ୍ୟର ପରିଚୟବାହୀ। ପୌରାଣିକ କଥାନୁସାରେ, ସମୁଦ୍ରମନ୍ଥନ ସମୟରେ ଉତ୍ପନ୍ନ ହଳାହଳ ବିଷକୁ ଭଗବାନ ଶିବ ନିଜ କଣ୍ଠରେ ଧାରଣ କରିଥିଲେ। ସେହି ଭୟଙ୍କର ବିଷର ତାପକୁ ଶମନ କରିବା ପାଇଁ ଦେବତାମାନେ ତାଙ୍କୁ ଶୀତଳ ଜଳରେ ଅଭିଷେକ କରିଥିଲେ। ଏହି ପୌରାଣିକ ସ୍ମୃତିରୁ ଶ୍ରାବଣ ମାସରେ ଶିବଲିଙ୍ଗରେ ଜଳାର୍ପଣର ପରମ୍ପରା ଗଢ଼ିଉଠିଛି। ଏହା କେବଳ ଏକ ରୀତି ନୁହେଁ, ବରଂ ଭକ୍ତିର ଶୀତଳ ଦାନ, କୃତଜ୍ଞତାର ପ୍ରକାଶ ଓ ଅନନ୍ତ କରୁଣାର ପ୍ରତୀକ।

ଜଳାଭିଷେକରେ ଏକ ଆଲେଖ୍ୟ ଶାନ୍ତି ରହିଥାଏ। ଜଳ ହେଉଛି ପବିତ୍ରତାର, ତୃପ୍ତିର ଓ ଜୀବନଦାୟିନୀ ଶକ୍ତିର ପ୍ରତୀକ। ଯେତେବେଳେ ଏହା ଶିବଲିଙ୍ଗରେ ଅର୍ପିତ ହୁଏ, ସେତେବେଳେ ଭକ୍ତଙ୍କ ମନ ମଧ୍ୟରେ ଥିବା କ୍ଲେଶ, ତାପ ଓ ଅଶାନ୍ତି ଧୀରେଧୀରେ ଲୀନ ହେବାର ଅନୁଭୂତି ଜାଗେ। ଏହି ଅର୍ପଣ ମାଧ୍ୟମରେ ଭକ୍ତ ନିଜ ଅହଙ୍କାରକୁ ହ୍ରାସ କରି, ସମର୍ପଣର ମାର୍ଗରେ ପଦାର୍ପଣ କରେ। ଶିବଙ୍କୁ ଜଳାର୍ପଣ କରିବାର ଅର୍ଥ ହେଉଛି ନିଜ ଅନ୍ତରଙ୍ଗ ଜୀବନକୁ ମଧ୍ୟ ଶୁଦ୍ଧିକରଣର ଆଲୋକରେ ସମର୍ପିତ କରିଦେବା। ଶ୍ରାବଣର ଭକ୍ତିମୟ ପରିବେଶ ମନୁଷ୍ୟକୁ କେବଳ ଧାର୍ମିକତା ଦିଗରେ ନୁହେଁ, ବରଂ ନୈତିକ ଶିକ୍ଷା ଓ ଆତ୍ମନିୟନ୍ତ୍ରଣର ଦିଗରେ ମଧ୍ୟ ଅଗ୍ରସର କରେ। ବ୍ରତ, ଉପବାସ, ଜପ, ଧ୍ୟାନ ଓ ସତ୍କର୍ମର ଆଚରଣ ଦ୍ୱାରା ଜୀବନରେ ଏକ ନୂତନ ସଂଯମର ସ୍ୱର ପ୍ରବେଶ କରେ। ଏହି ମାସ ମନୁଷ୍ୟକୁ ଶିଖାଏ ଯେ, ଭକ୍ତି କେବଳ ଆଚାରରେ ସୀମିତ ନୁହେଁ। ଏହା ହେଉଛି ଅନ୍ତରାତ୍ମାକୁ ସଚେତନ କରିବାର ଏକ ନୀରବ, ଗମ୍ଭୀର ଏବଂ ଉଦାତ୍ତ ପ୍ରୟାସ।

ଶେଷରେ କୁହାଯାଇପାରେ, ଶ୍ରାବଣ ମାସ ହେଉଛି ଭକ୍ତିର ମୌସୁମୀ ସୁଗନ୍ଧ, ଶିବଲିଙ୍ଗରେ ଜଳାଭିଷେକ ହେଉଛି ସେହି ଭକ୍ତିର ଉଜ୍ଜ୍ୱଳ ପ୍ରତୀକ। ଏହି ପବିତ୍ର ପରମ୍ପରା ଆମକୁ ସ୍ମରଣ କରାଏ ଯେ ସତ୍ୟ ଉପାସନା ହେଉଛି ନମ୍ରତା, ସଂଯମ ଓ ସମର୍ପଣର ସୁନ୍ଦର ସମ୍ମିଳନ। ଶ୍ରାବଣ ଆସେ, ଶିବଙ୍କ କରୁଣାର ସ୍ପର୍ଶ ନେଇ ଆସେ, ଏବଂ ମନୁଷ୍ୟ ହୃଦୟକୁ ଶାନ୍ତି, ପବିତ୍ରତା ଓ ପ୍ରେରଣାରେ ପୂର୍ଣ୍ଣ କରିଯାଏ।



ଅଭିଷେକ ଯୋଶୀ
ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା

## ଜଙ୍ଗଲରେ ହ୍ରାସ ପାଉଛି ବାଉଁଶ

# ଜୀବିକା ହରାଉଛନ୍ତି ଆଦିବାସୀ





ଲକ୍ଷ୍ମୀପୁର, ୨୨।୮(ଶରତ ନାୟକଙ୍କ ରିପୋର୍ଟ ): କିଛି ବର୍ଷ ପୂର୍ବେ କୋରାପୁଟ ଜିଲା ଲକ୍ଷ୍ମୀପୁର ସମେତେ ନାରାୟଣ ଓ ବନ୍ଧୁଗାଁ ବ୍ଲକର ବିଭିନ୍ନ ଜଙ୍ଗଲରେ ବହୁ ପରିମାଣରେ ବାଉଁଶ ଉପଲବ୍ଧ ହେଉଥିଲା। ସେହିପରି ବାଉଁଶ ଜଙ୍ଗଲ ସୃଷ୍ଟି ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ବାଉଁଶ ଚାରା ରୋପଣ କରାଯାଉଥିଲା। ଯାହା ଫଳରେ ଏହି ସବୁ ଅଞ୍ଚଳରେ ପ୍ରଚୁର ପରିମାଣରେ ବାଉଁଶ ଉପଲବ୍ଧ ହେଉଥିବା କାରଣରୁ ପ୍ରତିଦିନ ବହୁସଂଖ୍ୟକ ଟ୍ରକ ରେ ବୋଝେଇ ହୋଇ ରାୟଗଡାର ଜେକେ ପେପର ମିଲ କୁ ଯାଉଥିଲା। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳର ବାଉଁଶ କାରିଗର ମାନେ ସେମାନଙ୍କ କୌଳିକ ବୃତ୍ତି ଚଳାଇ ପେଟ ପୋଷୁଥିଲେ। ଏଥିମଧ୍ୟରେ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକର ଗୌଡଗୁଡା ପଞ୍ଚାୟତର ଦୁଇଟି ଆଦିବାସୀ ଗାଁ ଉପରମେଟିଙ୍ଗ ଓ ତଳ ମେଟିଙ୍ଗ ସହିତ କୁଟିଙ୍ଗା ପଞ୍ଚାୟତ ର ମିନାପାଇ ଗ୍ରାମ ସହିତ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକର କିଛି ବାଉଁଶ କାରିଗର ସେମାନଙ୍କ ବୃତ୍ତି ଚଳାଇ ଆସିଥିଲେ। ବିଶେଷକରି ଗୌଡ଼ଗୁଡ଼ା ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଦୁଇଟି ଗାଁ ର ଆଦିବାସୀ ମାନେ କୁଲା ବାଇଁଷିଆ ଠାରୁ ଆରମ୍ଭ କରି ବାଉଁଶରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ଜୀବିକା ନିର୍ବାହ କରନ୍ତି। କିନ୍ତୁ ବର୍ତ୍ତମାନ ବାଉଁଶ ଚାଷ କରା ଯାଉନଥିବା ବେଳେ ଲୋକମାନେ ଯେଉଁ ନୀଳଗିରି ଚାଷ କରୁଛନ୍ତି ସେଗୁଡ଼ିକରେ କାଗଜ ପ୍ରସ୍ତୁତ ହେଉଛି। ପଞ୍ଚପଟ୍ଟ ମାଳିର ପାଦ ଦେଶରେ ରହିଛି ଏହି ଗ୍ରାମ ଦ୍ୱୟ। ଏମାନଙ୍କ ମୂଳ ରୋଜଗାର ଉତ୍ସ ହେଉଛି ଡଙ୍ଗର ଚାଷ ଓ ବାଉଁଶରେ କାରୁକାର୍ଯ୍ୟ ସହିତ ଫୁଲ ଝୁଡୁ ଆଦି । ଉକ୍ତ ଗ୍ରାମ ଦ୍ୱୟର ପ୍ରାୟତଃ ସମସ୍ତ ପରିବାର ଦାରିଦ୍ର୍ୟ ସୀମାରେଖା ତଳେଥିବା ଏହି ଗ୍ରାମରେ ପ୍ରାୟ ୧୦୦ ଆଦିମ ଅଧିବାସୀ ପରିବାର ରହନ୍ତି। ଏମାନେ ଏହିସବୁ କୁଲା ବାଇଁଶିଆ ଆଦି ହାତତିଆରି ସାମଗ୍ରୀ ନେଇ କାକିରିଗୁମା ହାଟରେ ବ୍ୟବସାୟୀ ମାନଙ୍କୁ ବିକ୍ରିକରି ସେମାନଙ୍କ ଗୁଜୁରାଣ ମେଣ୍ଟାଇ ଥା'ଆନ୍ତି। ଏପରିକି ଏମାନଙ୍କ ଦ୍ୱାରା ବାଉଁଶ ସାମଗ୍ରୀ ଗୁଡିକର ଭଲ ଚାହିଦା ରହିଛି। ଏମାନଙ୍କ ଦୁଃଖ ଏଇୟା ଏମାନେ ଏହି ସବୁ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ଅନୁଯାୟୀ ବାଉଁଶ ଆଉ ମିଳୁନାହିଁ। ପୂର୍ବେ ଗାଁ ନିକଟରେ ବାଉଁଶ ଜଙ୍ଗଲ ଥିଲା। ସେମାନେ ପାଖରୁ ବାଉଁଶ କାଟି ଆଣି ଏହା ପ୍ରସ୍ତୁତ କରୁଥିଲେ, କିନ୍ତୁ ବର୍ତ୍ତମାନ ମାଇଲ ମାଇଲ ବାଟ ଯାଇ ବାଉଁଶ ଆଣିବାକୁ ପଡୁଛି, ଏପରିକି ପୂର୍ବଭଳି ଆଉ ଜଙ୍ଗଲରେ ବାଉଁଶ ଉପଲବ୍ଧ ହେଉନାହିଁ। ସେମାନଙ୍କ କହିବା କଥା ହେଉଛି ସରକାରଙ୍କ ପକ୍ଷରୁ ନିକଟ ବର୍ତ୍ତି ପାହାଡ଼ରେ ବାଉଁଶ ଚାଷ କରାଗଲେ ବାଉଁଶର ଆଉ ଅଭାବ ରୁହନ୍ତା ନାହିଁ, ସେହିପରି ସେମାନଙ୍କ କଳା କୃତି ବଞ୍ଚାଇ ରଖିବା ସହିତ ଆର୍ଥିକ ଅବସ୍ଥା ସୁଧୁରିବାରେ ଏହା ସହାୟକ ହୁଅନ୍ତା ବୋଲି କହିଛନ୍ତି ଉପର ମେଟିଙ୍ଗ ଗ୍ରାମର ବେତ୍ରୁ ସିରିକା, ସିଙ୍ଗାରି ହୁଇକା, ଝାଡୁ ସିରିକା, କାମ ସିରିକା ଆଦି ଗ୍ରାମବାସୀ ମାନେ।ଏଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଏମାନେ ନିବେଦନ କରିଛନ୍ତି।

**କଳା କୃତି ବଜାୟ ରଖିବା ପାଇଁ ବାଉଁଶ ମିଳୁନି**
**ବାଉଁଶ ଚାଷକୁ ଗୁରୁତ୍ୱ ଦେବାପାଇଁ ଦାବି**

# ଆଇନଜୀବୀଙ୍କୁ ଭୁଜାଲିରେ ହାଣିବା ଘଟଣା : ୫ ଅଭିଯୁକ୍ତ ଗିରଫ

ଜଳେଶ୍ୱର, ୨୨/୮ (ଜେଏନ୍ଏସ୍) : ଜଳେଶ୍ୱର କୋର୍ଟର ଆଇନଜୀବୀ ସିଦ୍ଧାର୍ଥ ଦାସଙ୍କୁ ଭୁଜାଲିରେ ଆକ୍ରମଣ ଘଟଣାରେ ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାରେ ଆହୁରି ୪ ଜଣ ସମ୍ପୃକ୍ତ ଥିବାବେଳେ ସେମାନେ ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯିବ ବୋଲି ଜଳେଶ୍ୱର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଅତିରିକ୍ତ ଏସ୍‌ପି ପରେଶ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

ପୁଲିସର ସୂଚନା ଅନୁଯାୟୀ, ଚଳିତ ମାସ ୧୦ ତାରିଖ ଅପରାହ୍ନ ପ୍ରାୟ ୩ଟା ୩୦ ସମୟରେ ଆଇନଜୀବୀ ସିଦ୍ଧାର୍ଥ ଦାସ କୋର୍ଟରେ କାର୍ଯ୍ୟ ସାରି ବାଇକ୍ ଯୋଗେ ନିଜ ଘର ନାମ୍ପୋ ଗ୍ରାମକୁ ଫେରୁଥିଲେ। ୧୬ ନମ୍ବର ଜାତୀୟ ରାଜପଥର ଶାନ୍ତିଆ ନିକଟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଆକ୍ରମଣରେ ଆଇନଜୀବୀ ଜଣକ ଗୁରୁତର ଆହତ ହୋଇଥିଲେ। ତାଙ୍କ ଓକିଲ ବନ୍ଧୁମାନେ ତୁରନ୍ତ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ସଦର ହସ୍ପିଟାଲ ଓ ପରବର୍ତ୍ତୀ ସମୟରେ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣାକୁ ନେଇ ୧୧ ତାରିଖରେ ଜଳେଶ୍ୱର ଓକିଲ ସଂଘ ପକ୍ଷରୁ ଦୁର୍ବୃତ୍ତଙ୍କୁ ଗିରଫ ଦାବିରେ ପୋଲିସକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଜଳେଶ୍ୱର ଥାନାରେ ମାମଲା ନଂ-୪୬୪/୨୦୨୬ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ଜଳେଶ୍ୱର ଏସ୍‌ଡିପିଓ ସମରେଶ ତ୍ରିପାଠୀଙ୍କ ନେତୃତ୍ୱରେ ୩ଟି ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ଅଭିଯୁକ୍ତମାନଙ୍କୁ ଧରପଗଡ଼ ପାଇଁ ତଦନ୍ତ ଜାରି ରହିଥିଲା। ତଦନ୍ତରୁ ମିଳିଥିବା ତଥ୍ୟ ଆଧାରରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି।

# ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରରେ ସ୍ୱାଧୀନତାର ମୂଲ୍ୟବୋଧ ପ୍ରସଙ୍ଗ ଆଲୋଚିତ

ନୀଳଗିରି, ୨୨/୦୮ (ଜେଏନ୍ଏସ୍) : ସ୍ୱାଧୀନତା ରାଜନୀତିକ ମୁକ୍ତି ନୁହେଁ। ସ୍ୱାଧୀନତା କେବଳ ଇଂରେଜ ଆଇନର ରଦ୍ଦପଣ ନୁହେଁ । ସ୍ୱାଧୀନତା ହେଉଛି ବ୍ୟକ୍ତିଗତ ଶୃଙ୍ଖଳା, ସଂସ୍କାରପୂର୍ଣ୍ଣ ସୁରକ୍ଷା । ଆଜିର ମୂଲ୍ୟବୋଧ କହିଲେ ଏକ ଅବକ୍ଷୟମୁଖୀ ଧାରା । ଆଜି ନିଯୁକ୍ତିରେ ଦୁର୍ନୀତି ମୂଲ୍ୟବୋଧର ବାଧକ ଅଟେ । ଗୋଡ଼ାଣିଆ ଭାବ ଭାରତୀୟ ନିକଟରେ ନାହିଁ । ଅର୍ଥନୈତିକ ସ୍ୱାଧୀନତା ବିନା ରାଜନୀତିକ ସ୍ୱାଧୀନତାର ମୂଲ୍ୟନାହିଁ । ଆଜିର ହାତମିଳା ଭାବରୁ ସାଧାରଣ ଜନତା ସନ୍ତୁଳି ଯାଉଛି । ବ୍ୟବସ୍ଥାରେ ବୈଧିଭାବର ଦୁର୍ବଳପଣରୁ ମୂଲ୍ୟବୋଧ ହ୍ରାସ ହୁଏ । ସମନ୍ୱୟ ଭାବ ମୂଲ୍ୟବୋଧର ଆନ୍ତରିକପଣ। ଆମ ସଂସ୍କୃତି ଆମ ସାମୂହିକତାର ପରିଚୟ। ଜୀବନ ଭଙ୍ଗୁରତା ନୁହେଁ ଐକ୍ୟପଣକୁ ସ୍ୱୀକାର କରେ। ରାଜନୀତିରେ ଅପରାଧୀକରଣ ମୂଲ୍ୟବୋଧର ବାଧକ। ସର୍ବୋପରି ନୈତିକ ଭାବଧାରା ହିଁ ମୂଲ୍ୟବୋଧ ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ଶହେ ଏକୋଇଶିତମ ଆଭାସୀ ପାଠଚକ୍ରରେ ସ୍ୱାଧୀନତାର ମୂଲ୍ୟବୋଧ ଶୀର୍ଷକରେ ଆଲୋଚକ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶ୍ୟାମସୁନ୍ଦର ଆଚାର୍ଯ୍ୟ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବିଳାସପୁର ଛତିଶଗଡର ପ୍ରଫେସର ରାମକୃଷ୍ଣ ପ୍ରଧାନ ନିଜନିଜର ମତ ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଭାର୍ଗବୀ ରାଉତ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଶେଷରେ କୁମାରୀ ମାମାଲି ସାହୁ ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ । ଏହି ଆସରରେ ସମଗ୍ର ଓଡିଶା ଓ ଓଡ଼ିଶା ବାହାରୁ ବହୁ ଶ୍ରୋତା ଯୋଗଦାନ କରିଥିଲେ ।

## ରାଶିଫଳ

**ମେଷ:** ଏହି ସପ୍ତାହରେ କାର୍ଯ୍ୟକ୍ଷେତ୍ରରେ ଆପଣଙ୍କ ପରିଶ୍ରମ ଓ ଦକ୍ଷତା ପାଇଁ ପ୍ରଶଂସା ମିଳିବ। ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ଏଡ଼ାନ୍ତୁ।

**ବୃଷ:** ପରିବାର ସହ ଖୁସିରେ ସମୟ କାଟିବେ। ନୂଆ କାମ କିମ୍ବା ବ୍ୟବସାୟିକ ଯୋଜନାରୁ ଲାଭ ମିଳିପାରେ। ସ୍ୱାସ୍ଥ୍ୟ ଭଲ ରହିବ, ତଥାପି ଖାଦ୍ୟପାନୀୟ ପ୍ରତି ସତର୍କ ରୁହନ୍ତୁ।

**ମିଥୁନ:** ଏହି ସପ୍ତାହ ଆପଣଙ୍କ ପାଇଁ ସଫଳତାର ନୂଆ ଦ୍ୱାର ଖୋଲିପାରେ। ଦୀର୍ଘଦିନର ଅଟକିଥିବା କାମ ସମ୍ପୂର୍ଣ୍ଣ ହେବ। ତେବେ କଥାବାର୍ତ୍ତାରେ ଧୈର୍ଯ୍ୟ ଓ ସଂଯମ ରଖିବା ଆବଶ୍ୟକ।

**କର୍କଟ:** ମନରେ କିଛି ଚିନ୍ତା ରହିପାରେ, କିନ୍ତୁ ସପ୍ତାହର ଶେଷ ଭାଗରେ ପରିସ୍ଥିତି ଅନୁକୂଳ ହେବ। ପରିବାରର ସହଯୋଗ ମିଳିବ ଏବଂ ଆର୍ଥିକ କ୍ଷେତ୍ରରେ ମଧ୍ୟ ଭଲ ସମ୍ଭାବନା ରହିଛି।

**ସିଂହ:** କର୍ମକ୍ଷେତ୍ରରେ ଆପଣଙ୍କ ପ୍ରଭାବ ଓ ସମ୍ମାନ ବଢ଼ିବ। ନୂଆ ଦାୟିତ୍ୱ ମିଳିପାରେ ଏବଂ ତାହାକୁ ସଫଳତାର ସହ ପୂରଣ କରିବେ। ଧନଲାଭର ସୁଯୋଗ ମଧ୍ୟ ରହିଛି।

**କନ୍ୟା:** ପରିଶ୍ରମ ଓ ଧୈର୍ଯ୍ୟର ଫଳ ଏହି ସପ୍ତାହରେ ନିଶ୍ଚିତ ଭାବେ ମିଳିବ। ଛାତ୍ରଛାତ୍ରୀମାନଙ୍କ ପାଇଁ ସମୟ ଅନୁକୂଳ ରହିବ। ପରିବାରରେ ଖୁସିର ପରିବେଶ ରହିବ।

**ତୁଳା:** ଏହି ସପ୍ତାହରେ ସମ୍ପର୍କ ଓ ସାମାଜିକ ଜୀବନ ଉପରେ ଅଧିକ ଧ୍ୟାନ ଦେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ। ନୂଆ କାମ ଆରମ୍ଭ ପାଇଁ ମଧ୍ୟ ସମୟ ଭଲ ରହିବ।

**ବିଛା:** ଗୁରୁତ୍ୱପୂର୍ଣ୍ଣ କାମରେ ସଫଳତା ମିଳିପାରେ, କିନ୍ତୁ ତ୍ୱରାହୁଡ଼ାରେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅର୍ଥ ବ୍ୟବହାରରେ ସତର୍କ ରହିବା ସହିତ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ।

**ଧନୁ:** ଭାଗ୍ୟର ସହଯୋଗ ମିଳିବ ଏବଂ ନୂଆ ସୁଯୋଗ ଆସିପାରେ। ଯାତ୍ରାର ସମ୍ଭାବନା ରହିଛି। କାର୍ଯ୍ୟକ୍ଷେତ୍ରରେ ନୂଆ ଲୋକଙ୍କ ସହ ଯୋଗାଯୋଗ ଭବିଷ୍ୟତରେ ଲାଭଦାୟକ ହେବ।

**ମକର:** ଦାୟିତ୍ୱ ବଢ଼ିବ, କିନ୍ତୁ ନିଜ ପରିଶ୍ରମରେ ଆପଣ ସମସ୍ତ କାମ ସଫଳତାର ସହ ପୂରଣ କରିବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବା ସହିତ ପରିବାରରେ ଶୁଭ ଖବର ମିଳିପାରେ।

**କୁମ୍ଭ:** ନୂଆ ଚିନ୍ତାଧାରା ଓ ଯୋଜନା ଆପଣଙ୍କୁ ସଫଳତା ଦେବ। କାର୍ଯ୍ୟକ୍ଷେତ୍ରରେ ଉନ୍ନତି ସହିତ ନୂଆ ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ମାନସିକ ଶାନ୍ତି ପାଇଁ କିଛି ସମୟ ବିଶ୍ରାମ ନିଅନ୍ତୁ।

**ମୀନ:** ଏହି ସପ୍ତାହରେ ଯୋଜନାବଦ୍ଧ ଭାବେ କାମ କଲେ ଭଲ ସଫଳତା ମିଳିବ। ପରିବାରର ସହଯୋଗ ଆପଣଙ୍କ ମନୋବଳ ବଢ଼ାଇବ। ଧନ ଓ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଦେଖାଦେବ।

# 'ଆଜି ବି ମଣିଷ ପଣିଆ ଅନେକ ଲୋକଙ୍କ ଭିତରେ ବଞ୍ଚିଛି'



**'ଶାସକ ପ୍ରଶାସକ'ର ସ୍ୱନକ୍ଷତ୍ର କାର୍ଯ୍ୟକ୍ରମରେ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି**

ଭୁବନେଶ୍ୱର, ୨୨/୦୮ (ଜେଏନ୍ଏସ୍) : 'ଅମଣିଷ ପଣିଆର ଅନେକ ଘଟଣା ଏବେ ଲୋକଲୋଚନକୁ ଆସୁଥିଲେ ବି ଆଜି ବି ମଣିଷପଣିଆ ଲୋକଙ୍କ ମନରେ ବଂଚି ରହିଛି । ନହେଲେ ନିଜ ଜୀବନକୁ ବିପନ୍ନ କରି ରାୟଗଡା କଲ୍ୟାଣସିଂହପୁରର ବଳରାମ ବାଘ ସେଇ ଭିଡ ହିଂସା ଭିତରୁ ଝିଅଟିକୁ ଉଦ୍ଧାର କରି ନଥାନ୍ତେ ।'' ବୋଲି ଶାସକ ପ୍ରଶାସକ ର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଦିବସ ଅବସରରେ ଆୟୋଜିତ ସଂଗୀତ କାର୍ଯ୍ୟକ୍ରମ " ଆମେ ଓଡ଼ିଆ ଆମ ଗୀତ ଭାରି ବଢିଆ" ତଥା ଆଲୋଚନା "ହଜି ଯାଉଛି କି ମଣିଷ ପଣିଆ"କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅବସରରେ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଣବ କିଶୋର ପଟ୍ଟନାୟକଙ୍କ ବିୟୋଗ ଖବର ପାଇଁ ତାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବ ସହ ସଂଗୀତ ମାଧ୍ୟମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ନୟାଗଡ ବିଧାୟକ ଡ଼ ଅରୁଣ କୁମାର ସାହୁ, ଏକାମ୍ର ଭୁବନେଶ୍ୱର ବିଧାୟକଶ୍ରୀ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ସୁରେଶ କୁମାର ରାଉତରାୟ , ଓଡିଶା ଜନତା କଂଗ୍ରେସ ପାର୍ଟି ସଭାପତି ଇଂ ମହମ୍ମଦ ମୋକିମ , ଜଣାଶୁଣା ସମାଜସେବୀ ତଥା ଶାସକ ପ୍ରଶାସକର ମାର୍ଗଦର୍ଶକ ଶ୍ରୀ ନିଶିକାନ୍ତ ମିଶ୍ର, ଶାସକ ପ୍ରଶାସକ ପ୍ରକାଶକ ଶ୍ରୀ ଗିରିଜା ଶଙ୍କର ଦାଶ, ପରିଚାଳନା ସମ୍ପାଦକ ଶ୍ରୀ ଧନଞ୍ଜୟ ହୋତା ଯୋଗଦେଇଥିଲେ । ଏହି ଅବସରରେ "ହଜି ଯାଇଛି କି ମଣିଷପଣିଆ" ପ୍ରସଙ୍ଗ ଉପରେ ଆଲୋଚିକା ପ୍ର . ଡ଼. ସଂଘମିତ୍ରା ମିଶ୍ର ନିଜ ମର୍ମସ୍ପର୍ଶୀ ଅଭିଭାଷଣ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାୟଗଡାର କଲ୍ୟାଣସିଂପୁର ଇନ୍ତାଲିଗୁଡା ଠାରେ ଜଣେ ଯୁବତୀଙ୍କୁ ଭିଡ଼ ହିଂସା ଭିତରୁ ଉଦ୍ଧାର କରିଥିବା ଶ୍ରୀ ବଳରାମ ବାଗଙ୍କୁ ଲୋକନାଥ-ଜମ୍ବୁବତୀ ଓଡିଶା ଜ୍ୟୋତି ମାନବିକତା ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ,ଶ୍ରୀ ଅମରେଶ ନରେଶ ସାମନ୍ତଙ୍କୁ ପରିବେଶ ଗୌରବ ସମ୍ମାନ, ଗ୍ରୀନୱାର୍ଲଡ ଅନୁଷ୍ଠାନକୁ ପରିବେଶ ଗୌରବ ସମ୍ମାନ, ଏସିଆନ ପେନଚାକ ସିଲାଟ ତାରକା ଫ୍ଲିଜାଲିନ ତରାଇଙ୍କୁ କ୍ରୀଡା ଗୌରବ ସମ୍ମାନ, ତରୁଣ ସୁଟିଂ ତାରକା ସତ୍ୟମ ବିଷୋୟୀଙ୍କୁ ଜ୍ୟୋତି କ୍ରୀଡା ଗୌରବ ସମ୍ମାନ, ଶ୍ରୀ ତାନସେନ ସିଂଙ୍କୁ କଳା ସଂସ୍କୃତି ଗୌରବ ସମ୍ମାନ, ଶ୍ରୀମା ମିଶ୍ରଙ୍କୁ ଯୁବ ସାମ୍ବାଦିକ ସମ୍ମାନ, ଉଦୟ ମଲ୍ଲିକଙ୍କୁ ଉଦ୍ୟୋଗୀ ସମ୍ମାନ ଓ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଏସ ଏ କଲିମଙ୍କ ସ୍ମୃତିରେ ବରିଷ୍ଠ ସାମ୍ବାଦିକ ଶ୍ରୀ ଦୀନବନ୍ଧୁ ସାହୁ ଏସ ଏ କଲିମ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା ।

# ୫ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ସିଡିପିଓ



ବାଲେଶ୍ୱର, ୨୨/୮ (ଜେଏନ୍ଏସ୍): ଗାଡ଼ି ଭଡ଼ା ବିଲ୍ ପାସ୍ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱର ସଦର ସିଡିପିଓ ମଧୁସ୍ମିତା ମହାନ୍ତି ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ବାଲେଶ୍ୱରରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ, ମଧୁସ୍ମିତା ମହାନ୍ତି ବାଲେଶ୍ୱର ସଦର ସିଡିପିଓ ଭାବେ କାର୍ଯ୍ୟ କରିବା ସହ ବାଲେଶ୍ୱର ପୌରପାଳିକା ସିଡିପିଓ ଭାବେ ଅତିରିକ୍ତ ଦାୟିତ୍ୱରେ ମଧ୍ୟ ରହିଛନ୍ତି। ରେମୁଣା ଅଞ୍ଚଳର ରାମଚନ୍ଦ୍ର ନାୟକ ୨୦୨୪ ମସିହାରୁ କାର୍ଯ୍ୟାଳୟକୁ ଗାଡ଼ି ଯୋଗାଇ ଆସୁଥିଲେ। ଚଳିତବର୍ଷ ଜୁନ୍ ଓ ଜୁଲାଇ ଦୁଇ ମାସର ବକେୟା ଗାଡ଼ି ଭଡ଼ା ବିଲ୍ ପାସ୍ କରାଇବା ପାଇଁ ସେ ସିଡିପିଓଙ୍କ ନିକଟରେ ବିଲ୍ ଦାଖଲ କରିଥିଲେ। ଅଭିଯୋଗ ଅନୁଯାୟୀ, ପ୍ରତି ମାସ ୨୬ ହଜାର ଟଙ୍କା ହିସାବରେ ମୋଟ ୫୨ ହଜାର ଟଙ୍କାର ବିଲ୍ ପାସ୍ କରିବା ବଦଳରେ ମଧୁସ୍ମିତା ମହାନ୍ତି ୫ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ନଦେଲେ ବିଲ୍ ପାସ୍ କରିବେ ନାହିଁ ବୋଲି ମଧ୍ୟ କହିଥିବା ରାମଚନ୍ଦ୍ର ଅଭିଯୋଗ କରିଥିଲେ। ଏ ନେଇ ସେ ବାଲେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟରେ ଜଣାଇଥିଲେ । ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ଯୋଜନାବଦ୍ଧ ଭାବେ ଜାଲ ବିଛାଯାଇଥିଲା। ଭିଜିଲାନ୍ସର ପରାମର୍ଶ ପରେ ରାମଚନ୍ଦ୍ର ସିଡିପିଓ ମହାନ୍ତିଙ୍କୁ ୫ ହଜାର ଟଙ୍କା ଦେଇଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଅନୁସରଣ କରୁଥିଲା। ଟଙ୍କା ନେବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଅଟକାଇ ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ମାମଲା ନମ୍ବର ୧୬/୨୦୨୬ ମାମଲା ରୁଜୁ କରାଯାଇ ମଧୁସ୍ମିତା ମହାନ୍ତିଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ଏସିପି ଅରୁଣ କୁମାର ନାୟକ ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିବା ସହିତ ତାଙ୍କ ଦୁଇଟି ସ୍ଥାନରେ ଥିବା ଘରେ ଚଢ଼ଉ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସଙ୍ଗୀତର ଯାଦୁଗର...

ସଙ୍ଗୀତ ଓ ସିନେମା ଜଗତକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ରାଜ୍ୟର ସର୍ବୋଚ୍ଚ ସିନେ ସମ୍ମାନ 'ଜୟଦେବ ପୁରସ୍କାର' ପ୍ରଦାନ କରାଯାଇଥିଲା । ସେ ଓଡ଼ିଶାର ଏକମାତ୍ର କଣ୍ଠଶିଳ୍ପୀ ଭାବେ ସର୍ବାଧିକ ୭ ଥର ଶ୍ରେଷ୍ଠ ପ୍ରେକ୍ଷାପଟ ଗାୟକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ । ଏହା ସହିତ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲେ । କଟକର ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ "ଅନନ୍ୟ ସଙ୍ଗୀତର ସାଧକ" କହି ଗଭୀର ଶୋକ ପ୍ରକାଶ କରିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସମଗ୍ର ଓଡ଼ିଆ ସିନେ ଜଗତ ତାଙ୍କ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଅକ୍ଷୟ ମହାନ୍ତି ଏବଂ ପ୍ରଫୁଲ୍ଲ କରଙ୍କ ପରେ ପ୍ରଣବ ପଟ୍ଟନାୟକଙ୍କ ପ୍ରସ୍ଥାନ ଓଡ଼ିଆ ସଙ୍ଗୀତର ସେହି ସୁବର୍ଣ୍ଣ ତ୍ରିମୂର୍ତ୍ତି ଯୁଗର ଶେଷ ସ୍ମାରକୀକୁ ନୀରବ କରିଦେଇଛି। ଓଡ଼ିଶା ସଙ୍ଗୀତପ୍ରେମୀଙ୍କ ହୃଦୟରେ ସେ ତାଙ୍କର ଅମର କଣ୍ଠସ୍ୱର ମାଧ୍ୟମରେ ସବୁଦିନ ପାଇଁ ଜୀବିତ ରହିବେ।

### 'ଗରିମା' କର୍ମଶାଳା...

ସେବା ପ୍ରଦାନକାରୀଙ୍କ ପାଇଁ ଆଧୁନିକ ସୁରକ୍ଷା ଉପକରଣ ଓ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୱିପମେଣ୍ଟ ବ୍ୟବହାର ବାଧ୍ୟତାମୂଳକ କରିବା । ସେପ୍ଟିକ ଟ୍ୟାଙ୍କ ଏବଂ ସ୍ୱେରେଜ୍ ଲାଇନ ସଫେଇ ପାଇଁ ମାନବ ଶ୍ରମ ବଦଳରେ ସମ୍ପୂର୍ଣ୍ଣ ଯାନ୍ତ୍ରିକ ପ୍ରକ୍ରିୟା ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି । ସାମାଜିକ ଓ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ପ୍ରମୁଖ ପରିମଳ କର୍ମଚାରୀ ଓ ସେମାନଙ୍କ ପରିବାରକୁ ମାଗଣା ସ୍ୱାସ୍ଥ୍ୟ ବୀମା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଭବିଷ୍ୟ ନିଧି ସୁବିଧା ଯୋଗାଇବା । ଏହି ଯୋଜନାରେ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ମଜୁରୀ, ବିପଦ ଭତ୍ତା ଏବଂ ଗୃହ ନିର୍ମାଣ ତଥା ଦୁଇଚକିଆ ଯାନ କିଣିବା ପାଇଁ ପ୍ରାୟ ୯୦ ପ୍ରତିଶତ ପର୍ଯ୍ୟନ୍ତ ସରକାରୀ ଅନୁଦାନ ପ୍ରଦାନ କରାଯାଉଛି । ପରିମଳ କର୍ମଚାରୀଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ପାଇଁ ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଉଛନ୍ତି । ଓଡ଼ିଶା ସରକାରଙ୍କ ଏହି ଅଭିନବ ପ୍ରୟାସ ଜାତୀୟ ସ୍ତରରେ ପରିମଳ କର୍ମଚାରୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଜୀବନଶୈଳୀରେ ଏକ ବଡ଼ ପରିବର୍ତ୍ତନ ଆଣିପାରିଛି ।

### ଶତାଧିକ ଗାଁ ପାଣି...

ଆହୁରି ଜଟିଳ କରିପାରେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜେ ଯାଜପୁର ଓ ବାଲେଶ୍ୱର ଭଳି ବନ୍ୟାଞ୍ଚଳ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି । ରାଜ୍ୟ ସରକାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି । ପ୍ରଭାବିତ ଅଞ୍ଚଳରେ ପ୍ରାୟ ୧୦୦ରୁ ଅଧିକ ଉଦ୍ଧାରକାରୀ ଦଳ ନିୟୋଜିତ ଅଛନ୍ତି । ଏଥିରେ ଏନ୍‌ଡିଆର୍‌ଏଫ୍ (ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ବଳ), ଓଡ୍ରାଫ୍ (ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ ଆକ୍ସନ ଫୋର୍ସ) ଏବଂ ଅଗ୍ନିଶମ ବାହିନୀର ଯବାନମାନେ ସାମିଲ ହୋଇ ଦିନରାତି ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରଖିଛନ୍ତି । ଜଳସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନଙ୍କୁ ନଦୀବନ୍ଧଗୁଡ଼ିକର ତୀକ୍ଷ୍ଣ ନଜର ରଖିବା ଓ ଘାଇ ସୃଷ୍ଟି ନହେବା ପାଇଁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଓଡ଼ିଶା AI ପଲିସି-୨୦୨୫କୁ ସରକାରୀ ମଞ୍ଜୁରୀ

ଭୁବନେଶ୍ୱର, ୨୨/୦୮ (ଜେଏନ୍ଏସ୍) : ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା 'ଓଡ଼ିଶା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପଲିସିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ଡିଜିଟାଲ୍ ସୁଶାସନକୁ ମଜବୁତ କରିବା ଏବଂ ଜନସାଧାରଣଙ୍କୁ ସରକାରୀ ସେବା ସହଜରେ ଯୋଗାଇଦେବା। ସରକାରୀ କାର୍ଯ୍ୟାଳୟ ଏବଂ ପ୍ରଶାସନିକ ପ୍ରକ୍ରିୟାରେ AIର ବ୍ୟବହାର କରି କାର୍ଯ୍ୟଦକ୍ଷତା ବୃଦ୍ଧି କରାଯିବ। ନାଗରିକମାନଙ୍କୁ ବିଭିନ୍ନ ଯୋଜନା ଏବଂ ସେବା ଯୋଗାଇବା ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ଦ୍ରୁତ କରାଯିବ। ରାଜ୍ୟର ଯୁବପିଢ଼ିଙ୍କୁ AI ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦକ୍ଷ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନିଂ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହି ପଲିସି ଅଧୀନରେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଏବଂ ସରକାରୀ ଡାଟାର ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ।



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ଏ ସପ୍ତାହର ପ୍ରମୁଖ ଖବର

✦ **ଭୁବନେଶ୍ୱର ୟୁନିଟ୍-୧ ହାଟରେ ଭୟାବହ ଅଗ୍ନିକାଣ୍ଡ:** ୟୁନିଟ୍-୧ ମାର୍କେଟ୍‌ରେ ଲାଗିଲା ନିଆଁ, ଅଗ୍ନିକାଣ୍ଡରେ ଅନେକ ଦୋକାନ ଜଳିପୋଡ଼ି ଛାରଖାର ହୋଇଯାଇଥିବା ବେଳେ ସୌଭାଗ୍ୟବଶତଃ କେହି ମୃତାହତ ହୋଇନାହାନ୍ତି।

✦ **ଅନ୍‌ଲାଇନ୍ ଅଟୋ ସଂଘ ସଭାପତି ଗିରଫ:** ଭୁବନେଶ୍ୱରରେ ହିଂସାତ୍ମକ ଆନ୍ଦୋଳନ ପ୍ରଦର୍ଶନ ଅଭିଯୋଗରେ ଅନଲାଇନ୍ ଅଟୋ ସଂଘର ସଭାପତିଙ୍କୁ ପୁରୀରୁ ଗିରଫ କଲା କମିଶନରେଟ୍ ପୋଲିସ।

✦ **ଭଦ୍ରକରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ:** ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାରେ ୧୩୯ଟି ସ୍କୁଲ ଏବଂ ୨୨୫ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ବନ୍ଦ ଘୋଷଣା କରାଯାଇଛି।

✦ **ପଟିଆରେ ୬-ଲେନ୍ ବିଶିଷ୍ଟ ନୂଆ ସଡ଼କ ପ୍ରକଳ୍ପ:** ଭୁବନେଶ୍ୱର ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଳ ଷ୍ଟେସନ ପର୍ଯ୍ୟନ୍ତ ଏକ ବଡ଼ ୬-ଲେନ୍ ବିଶିଷ୍ଟ ସଡ଼କ ପ୍ରକଳ୍ପର ଶିଳାନ୍ୟାସଧ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

✦ **ଓଡ଼ିଶାରେ ୨,୭୮୦ କୋଟିର ପୁଞ୍ଜିନିବେଶକୁ ମଞ୍ଜୁରୀ:** ରାଜ୍ୟ ସରକାରଙ୍କ ଦ୍ୱାରା ବଡ଼ ନିବେଶ ପ୍ରସ୍ତାବ ଅନୁମୋଦିତ, ଏହାଦ୍ୱାରା ରାଜ୍ୟରେ ପ୍ରାୟ ୧୪,୦୦୦ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

✦ **OUAT ଗେଟ୍ ଛାତ ଭୁଶୁଡ଼ିଲା:** ଭୁବନେଶ୍ୱର OUATର ନିର୍ମାଣଧୀନ ଗେଟ୍‌ର କଂକ୍ରିଟ୍ ଛାତ ଭୁଶୁଡ଼ି ପଡ଼ିବାରୁ ୩ ଜଣ ଶ୍ରମିକ ଆହତ ହୋଇଛନ୍ତି।

✦ **ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ଶୁଣାଣି:** ମହାନଦୀ ଜଳ ବଣ୍ଟନ ବିବାଦକୁ ନେଇ ଆଜି ଟ୍ରିବ୍ୟୁନାଲ୍‌ରେ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ପ୍ରକ୍ରିୟା ଜାରି ରହିଛି।

✦ **ରୁଫ୍‌ଟପ୍ ସୋଲାର ସିଷ୍ଟମରେ ଗଞ୍ଜାମ ଆଗରେ:** 'ପିଏମ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା' ଅଧୀନରେ ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ କରିବାରେ ଗଞ୍ଜାମ ଜିଲ୍ଲା ସାରା ଓଡ଼ିଶାରେ ଶୀର୍ଷରେ ରହିଛି।

✦ **ଭୁବନେଶ୍ୱରରେ ୱାର୍ଲ୍ଡ ଆଥଲେଟିକ୍ସ ସିଲଭର ମିଟ୍:** କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ବଡ଼ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଓଡ଼ିଶାର ୬ ଜଣ ଆଥଲେଟ୍‌ଙ୍କ ଉପରେ ସମସ୍ତଙ୍କ ନଜର।

✦ **ଯନ୍ତରମନ୍ତରରେ 'ସଂରକ୍ଷଣ ହଟାଓ' ଆନ୍ଦୋଳନ:** ଦିଲ୍ଲୀ ଯନ୍ତରମନ୍ତରରେ ହଜାର ହଜାର ପ୍ରଦର୍ଶନକାରୀଙ୍କ ଜୋରଦାର ବିକ୍ଷୋଭ, ସ୍ଥିତି ନିୟନ୍ତ୍ରଣ ପାଇଁ RAF ମୁତୟନ ଏବଂ ପ୍ରଦର୍ଶନକାରୀଙ୍କୁ ଅଟକ ରଖାଗଲା।

✦ **ତେଲେଙ୍ଗାନା ଫାର୍ମା କମ୍ପାନୀରେ ଅଗ୍ନିକାଣ୍ଡ, ୨ ମୃତ:** ତେଲେଙ୍ଗାନାର ହାଜେଲୋ ଫାର୍ମା ୟୁନିଟ୍‌ରେ ଭୟାବହ ଅଗ୍ନିକାଣ୍ଡ ଯୋଗୁଁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି।

✦ **ରାଞ୍ଚିରେ ଉତ୍ତେଜନା:** ବିକ୍ଷୋଭ ପ୍ରଦର୍ଶନ ବେଳେ JMM କର୍ମୀ ଏବଂ ଛାତ୍ରମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି।

✦ **ୟୁକ୍ରେନ ସଫି ସେଣ୍ଟର ଉପରେ ଋଷର ଡ୍ରୋନ୍ ଆଟାକ୍:** ଜନଗହଳିପୂର୍ଣ୍ଣ ସଫି ସେଣ୍ଟର ଉପରେ ଋଷର ଡ୍ରୋନ ମାଡ଼ ଯୋଗୁଁ ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩୦ରୁ ଅଧିକ ଆହତ ହୋଇଛନ୍ତି।

✦ **କାନାଡ଼ା ଗୁରୁଦ୍ୱାରରେ ଛୁରାମାଡ଼:** ଏଡମଣ୍ଟନର ନାନକସର ଗୁରୁଦ୍ୱାରରେ ଦୁଇଜଣ ଶ୍ରଦ୍ଧାଳୁଙ୍କୁ ଛୁରାମାଡ଼ କରାଯାଇଛି, ପୋଲିସ ଅଭିଯୁକ୍ତକୁ ଗିରଫ କରିଛି।

## କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୨୨ରୁ ବିଶ୍ୱ ଆଥଲେଟିକ୍ସ ମହାକୁମ୍ଭ

# ଭାଗ ନେବେ ୧୮୭ରୁ ଅଧିକ ଆଥଲେଟ୍

ଭୁବନେଶ୍ୱର, ୨୨/୦୮ (ଜେଏନ୍‌ଏସ୍): ଓଡ଼ିଶାର କ୍ରୀଡ଼ା ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ଆସନ୍ତା ୨୨ ଅଗଷ୍ଟ ୨୦୨୬ (ଶନିବାର) ଦିନ ଭୁବନେଶ୍ୱରର ପ୍ରସିଦ୍ଧ ଥକଳିଙ୍ଗ ଷ୍ଟାଡିୟମରେ ଭାରତର ପ୍ରଥମ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ସିଲଭର୍ ମିଟ୍' ଆୟୋଜିତ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ଏବଂ ୱାର୍ଲ୍ଡ ଆଥଲେଟିକ୍ସର ମିଳିତ ସହଯୋଗରେ ଏହି ମେଗା ଇଭେଣ୍ଟ ଅନୁଠିତ ହେଉଛି। ଗତବର୍ଷ ସଫଳତାର ସହ ବ୍ରୋଞ୍ଜ-ଲେଭଲ୍ ପ୍ରତିଯୋଗିତା ଆୟୋଜନ କରିବା ପରେ ଚଳିତ ବର୍ଷ ଏହାକୁ 'ସିଲଭର୍ ଷ୍ଟାଟସ୍'କୁ ଉନ୍ନୀତ କରାଯାଇଛି, ଯାହା ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମିର ଶ୍ରେଷ୍ଠତାକୁ ପ୍ରମାଣିତ କରେ। ଏହି ଏକଦିବସୀୟ ପ୍ରତିଯୋଗିତାରେ ବିଶ୍ୱର ୨୭ଟି ଦେଶରୁ ପ୍ରାୟ ୧୮୭ ଜଣ ପ୍ରଖ୍ୟାତ ଆଥଲେଟ୍ ଅଂଶଗ୍ରହଣ କରୁଛନ୍ତି। ଘରୋଇ ମାଟିରେ ନିଜର ଜଲୱା ଦେଖାଇବା ପାଇଁ ୮୮ ଜଣ ଭାରତୀୟ ଆଥଲେଟ୍ ଟ୍ରାକ୍‌କୁ ଓହ୍ଲାଇବେ। ସେମାନେ ୯୯ ଜଣ ଆନ୍ତର୍ଜାତୀୟ ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆନ୍ତର୍ଜାତୀୟସ୍ତରରୁ ଶ୍ରୀଲଙ୍କାରୁ ସର୍ବାଧିକ ୨୪ ଜଣ, ଦକ୍ଷିଣ ଆଫ୍ରିକାରୁ ୧୭ ଜଣ ଏବଂ ବ୍ରାଜିଲ୍‌ରୁ ୧୧ ଜଣ ଆଥଲେଟ୍ ସାମିଲ ହେଉଛନ୍ତି। ବିଶ୍ୱ ର୍‍ୟାଙ୍କିଂର ଶୀର୍ଷ ୫୦ ମଧ୍ୟରେ ଥିବା ୩୬ ଜଣ ସୁପରଷ୍ଟାର୍ ଆଥଲେଟ୍ ଏଠାରେ ଭାଗ ନେବେ। ପ୍ୟାରିସ୍ ଓଲିମ୍ପିକ୍ସ ୪୦୦ ମିଟର ବ୍ରୋଞ୍ଜ ପଦକ ବିଜେତା ମୁଜାଲା ସାମୁକୋଙ୍ଗା (ବିଶ୍ୱ ର୍‍ୟାଙ୍କ ୬) ଏବଂ ନାଇଜେରିଆର ସର୍ବଶ୍ରେଷ୍ଠ ଶଟ୍‌ପୁଟ୍ ଖେଳାଳି ଚୁକୁୱେବୁକା ଏନେକୱେଚି ଏହି ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ସାଜିବେ। ଏହି ସିଲଭର ମିଟ୍‌ରେ ପୁରୁଷ ଓ ମହିଳା ବର୍ଗ ପାଇଁ ୯ଟି ଲେଖାଏଁ ମୋଟ ୧୮ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶାର କ୍ରୀଡ଼ା ନିର୍ଦ୍ଦେଶକ ଡାକ୍ତର ବିଜୟ ଯେଦୁଲା ପ୍ରେସମିଟ୍‌ରେ ଘୋଷଣା କରିଛନ୍ତି ଯେ, ସ୍ଥାନୀୟ ପରିବାର ଓ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିବା ପାଇଁ କଳିଙ୍ଗ ଷ୍ଟାଡିୟମରେ ପ୍ରବେଶ ସମ୍ପୂର୍ଣ୍ଣ ମାଗଣା ରଖାଯାଇଛି। ଏହି ଖେଳ ଆସନ୍ତା ଅଗଷ୍ଟ ୨୨ ତାରିଖ ଅପରାହ୍ନ ୪ଟାରୁ (ସିଙ୍ଗଲ୍ ଇଭନିଙ୍ଗ ସେସନ୍) ପ୍ରତିଯୋଗିତା ଗୁଳି ଫୁଟିବା ସହ ଆରମ୍ଭ ହେବ। ଭାରତୀୟ ଆଥଲେଟ୍‌ମାନେ ନିଜ ଦେଶରେ ବିଶ୍ୱସ୍ତରୀୟ ଏକ୍ସପୋଜର ପାଇବେ ଏବଂ ଆଗାମୀ ଆନ୍ତର୍ଜାତୀୟ ଟୁର୍ନାମେଣ୍ଟ ପାଇଁ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିପାରିବେ। କଳିଙ୍ଗ ଷ୍ଟାଡିୟମ ପରିସରରେ ୨୦୨୮ ମସିହାରେ ହେବାକୁ ଥିବା 'ୱାର୍ଲ୍ଡ ଆଥଲେଟିକ୍ସ ଇନଡୋର ଚାମ୍ପିୟନସିପ୍' ଏବଂ 'ଏସିଆନ ଇନଡୋର ଆଥଲେଟିକ୍ସ ଚାମ୍ପିୟନସିପ୍' ପାଇଁ ଏହି ଟୁର୍ନାମେଣ୍ଟ ଏକ ବଡ଼ ପୂର୍ବ ପ୍ରସ୍ତୁତି ଭାବେ କାର୍ଯ୍ୟ କରୁଛି।

### ଭାରତ ପକ୍ଷରୁ ଟ୍ରାକ୍‌କୁ ଓହ୍ଲାଇବେ ୮୮ ଷ୍ଟାର୍ ଖେଳାଳି






## ବିଶ୍ୱକପ୍ ହକିରେ ଭାରତର ମହାବିଜୟ

# ହାରିଲା ପାକିସ୍ତାନ

ନେଦରଲ୍ୟାଣ୍ଡ, ୨୨/୦୮: ନେଦରଲ୍ୟାଣ୍ଡସର ଆମ୍‌ଷ୍ଟେଲଭିନ୍ ସ୍ଥିତ ୱାଗେନର ଷ୍ଟାଡିୟମରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ୨୦୨୬ର ଏକ ରୋମାଞ୍ଚକର ପୁଲ୍-ଡି ମ୍ୟାଚରେ ଭାରତ ତାର ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫-୩ ଗୋଲରେ ପରାସ୍ତ କରିଛି। ମିଳିଥିବା ରିପୋର୍ଟ ଅନୁଯାୟୀ, ଏହି ଗୁରୁତ୍ୱପୂର୍ଣ୍ଣ ବିଜୟ ସହ ଭାରତୀୟ ଦଳ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡକୁ ସଫଳତାର ସହ ଉନ୍ନୀତ ହୋଇଛି ଏବଂ ସେମିଫାଇନାଲ ଦୌଡ଼ରେ ନିଜକୁ ବଜାୟ ରଖିଛି। ଅପରପକ୍ଷରେ, ଏହି ପରାଜୟ ପରେ ପାକିସ୍ତାନ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି। ମ୍ୟାଚ୍ ଆରମ୍ଭରୁ ଭାରତୀୟ ଦଳ ଆକ୍ରମଣାତ୍ମକ ଶୈଳୀ ଆପଣାଇ ପ୍ରଥମାର୍ଦ୍ଧ ସୁଦ୍ଧା ୪-୨ ରେ ଆଗୁଆ ରହିଥିଲା। ଅଧିନାୟକ ହରମନପ୍ରୀତ ସିଂହ ୫ମ ଏବଂ ୨୧ତମ ମିନିଟରେ ଦୁଇଟି ଚମତ୍କାର ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ। ଅଭିଷେକ ୧୧ତମ ଏବଂ ୨୪ତମ ମିନିଟରେ ଦୁଇଟି ଆକର୍ଷଣୀୟ ଫିଲ୍ଡ ଗୋଲ୍ ସ୍କୋର କରିଥିଲେ। ହାର୍ଦ୍ଦିକ ସିଂହ ୩୫ତମ ମିନିଟରେ ଏକ ଗୁରୁତ୍ୱପୂର୍ଣ୍ଣ ପେନାଲ୍ଟି ଷ୍ଟ୍ରୋକ୍‌କୁ ସଫଳତାର ସହ ଗୋଲ୍‌ରେ ପରିଣତ କରିଥିଲେ। ପାକିସ୍ତାନ ପକ୍ଷରୁ ହନ୍ନାନ ଶାହିଦ ଦୁଇଟି (୨୨' ଏବଂ ୪୬') ଏବଂ ସୁଫିଆନ ଖାନ (୨୫') ଏକ ପେନାଲ୍ଟି କର୍ନର ଜରିଆରେ ଗୋଲ୍ କରିଥିଲେ। ମ୍ୟାଚ୍‌ର ଶେଷ କ୍ୱାର୍ଟର (୫୫ତମ ମିନିଟ୍) ରେ ଭାରତର ଆଦିତ୍ୟ ଲାଲାଗେଙ୍କୁ ୟେଲୋ କାର୍ଡ ମିଳିବା ଯୋଗୁଁ ସେ ମ୍ୟାଚ୍‌ରୁ ବାହାରି ଯାଇଥିଲେ। ଏହା ସତ୍ତ୍ୱେ ଭାରତୀୟ ଦଳ ମାତ୍ର ୧୦ ଜଣ ଖେଳାଳିଙ୍କୁ ନେଇ ଶେଷ ୫ ମିନିଟରେ ପାକିସ୍ତାନର ଘନ ଘନ ଆକ୍ରମଣକୁ ରୋକିବାରେ ସଫଳ ହୋଇଥିଲା ଏବଂ ୫-୩ ରେ ବିଜୟ ସୁନିଶ୍ଚିତ କରିଥିଲା। ଏକ ଐତିହାସିକ ରେକର୍ଡ ସହ ୨୦ଟି ମ୍ୟାଚ୍‌ରେ ଅପରାଜେୟ ଭାରତ ରହି ଆସିଛି। ଏହି ବିଜୟ ସହ ଭାରତ ପାକିସ୍ତାନ ବିପକ୍ଷରେ ନିଜର ଅପରାଜେୟ ଧାରାକୁ ଆହୁରି ମଜବୁତ କରିଛି। ୨୦୧୬ ମସିହା ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଗତ ୨୦ଟି ମ୍ୟାଚ୍ ମଧ୍ୟରୁ ଭାରତ ୧୮ଟିରେ ବିଜୟ ହାସଲ କରିଛି ଏବଂ ୨ଟି ମ୍ୟାଚ୍ ଡ୍ର ରହିଛି। ବିଶ୍ୱକପ୍ ଇତିହାସରେ ୨୦୧୦ ମସିହା ପରେ (ଯେଉଁଠି ଭାରତ ୪-୧ ରେ ଜିତିଥିଲା) ଦୀର୍ଘ ୧୬ ବର୍ଷ ପରେ ଏହି ଦୁଇ ଦଳ ପରସ୍ପରକୁ ଭେଟିଥିଲେ।




✦ ପାକିସ୍ତାନ ବିପକ୍ଷରେ ଅପରାଜେୟ ଧାରା ବଜାୟ

✦ ହରମନପ୍ରୀତ ଓ ଅଭିଷେକଙ୍କ ଦୁଇଟି ଲେଖାଏଁ ଦମଦାର ଗୋଲ୍

✦ ଶେଷ ମିନିଟ୍‌ରେ ୧୦ ଜଣ ଖେଳାଳିଙ୍କୁ ନେଇ ପାକିସ୍ତାନର ଆକ୍ରମଣକୁ ରୋକିଲା ଟିମ୍ ଇଣ୍ଡିଆ।

## ସଲମାନ ଏବଂ ସଞ୍ଜୟଙ୍କ ମେଗା ଆକ୍ସନ ମୁଭି '୭ ଡଗସ୍'

ମୁମ୍ବାଇ, ୨୨/୦୮ : ବଲିଉଡର ଦୁଇ ସୁପରଷ୍ଟାର ସଲମାନ ଖାନ ଏବଂ ସଞ୍ଜୟ ଦତ୍ତଙ୍କ ଅଭିନୀତ ବହୁପ୍ରତୀକ୍ଷିତ ଆନ୍ତର୍ଜାତୀୟ ମେଗା ଆକ୍ସନ ପ୍ରୋଜେକ୍ଟ '୭ ଡଗସ୍' (ଅଲ୍-କିଲାବ୍ ଅସ୍-ସବା) ଆଜି ଥ୨୧ ଅଗଷ୍ଟ ୨୦୨୬ (ଶୁକ୍ରବାର)ରେ ଭାରତୀୟ ସିନେମା ହଲ୍‌ରେ ମୁକ୍ତିଲାଭ କରିଛି। ମିଡିଲ୍ ଇଷ୍ଟ (ଆରବ ଜଗତ)ରେ ବଡ଼ ସଫଳତା ପାଇବା ପରେ ଏହି ସୌଦି ଆରବ ପ୍ରଡକ୍ସନ ଚଳଚ୍ଚିତ୍ରଟି ଏବେ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଭାରତରେ ରିଲିଜ୍ ହୋଇଛି। ଏହି ଫିଲ୍ମରେ ସଲମାନ ଖାନ ଓ ସଞ୍ଜୟ ଦତ୍ତ ଧମାକାଦାର କ୍ୟାମିଓ (ସ୍ପେଶାଲ ଭୂମିକା)ରେ ନଜର ଆସିଛନ୍ତି। ଦୁହିଁଙ୍କର ସ୍ୱାଗ୍ ଏବଂ ଦେଶୀ ଆକ୍ସନ ଷ୍ଟାଇଲ୍ ଭାରତୀୟ ଦର୍ଶକଙ୍କ ପାଇଁ ସବୁଠୁ ବଡ଼ ଆକର୍ଷଣ ପାଲଟିଛି। ସଲମାନ ଏଥିରେ ଜଣେ ଚତୁର ଓ ଦମଦାର ଅଣ୍ଡରୱାର୍ଲ୍ଡ ଲିଡର 'ରୋହେଲ୍' ଭୂମିକାରେ ଅଛନ୍ତି, ଯିଏ ଶତ୍ରୁ ଗ୍ୟାଙ୍ଗର ସଦସ୍ୟଙ୍କୁ ନିଜ ଶୈଳୀରେ ଜେରା କରୁଥିବା ଦେଖାଯାଇଛି। ସଞ୍ଜୟ ଏକ ଶକ୍ତିଶାଳୀ ଅଣ୍ଡରୱାର୍ଲ୍ଡ ଗ୍ୟାଙ୍ଗର କମାଣ୍ଡର 'ରଞ୍ଜିତ' ଭୂମିକାରେ ଅଭିନୟ କରି ସ୍କ୍ରିନରେ ନିଜର ଚିରାଚରିତ ଖଳନାୟକ ଅନ୍ଦାଜ ଦେଖାଇଛନ୍ତି। ଏହି ଚଳଚ୍ଚିତ୍ରର କାହାଣୀ 'ପିଙ୍କ୍ ଲେଡି' ନାମକ ଏକ ବିପଜ୍ଜନକ ସାଂଘାତିକ ଡ୍ରଗ୍ସ ନେଟୱର୍କର ପର୍ଦ୍ଦାଫାଶ ଉପରେ ଆଧାରିତ। ଏହାକୁ ରୋକିବା ପାଇଁ ଜଣେ ଇଣ୍ଟରପୋଲ ଏଜେଣ୍ଟ (ଖାଲିଦ) ଏବଂ ଜଣେ ଅପରାଧୀ (ଘାଲି) କିପରି ଏକାଠି ହୋଇ ମିଶନ କରୁଛନ୍ତି, ତାହା ଦେଖାଇ ଦିଆଯାଇଛି। ଇଜିପ୍ଟର ସୁପରଷ୍ଟାର କରିମ୍ ଅବ୍ଦେଲ୍ ଅଜିଜ୍ ଏବଂ ଅହମଦ୍ ଏଜ୍ ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି। ଏମାନଙ୍କ ସହ ବିଶ୍ୱପ୍ରସିଦ୍ଧ ହଲିଉଡ ଅଭିନେତ୍ରୀ ମୋନିକା ବେଲୁଚି ଏବଂ ଜିଆନକାର୍ଲୋ ଏସପୋସିଟୋ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ପ୍ରସିଦ୍ଧ ହଲିଉଡ୍ ଚଳଚ୍ଚିତ୍ର Bad Boys For Life ଏବଂ Bad Boys: Ride or Die ର ପ୍ରଖ୍ୟାତ ନିର୍ଦ୍ଦେଶକ ଯୋଡ଼ି ଆଦିଲ୍ ଏଲ୍ ଅରବି ଏବଂ ବିଲାଲ୍ ଫଲାହ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରାୟ ୪୦ ମିଲିୟନ (ପ୍ରାୟ ୩୩୫ କୋଟି)ର ବଡ଼ ବଜେଟରେ ନିର୍ମିତ ଏହି ଫିଲ୍ମଟି ଆରବ ସିନେମା ଇତିହାସର ସବୁଠୁ ବ୍ୟୟବହୁଳ ଚଳଚ୍ଚିତ୍ର। ସୁଟିଂ ସମୟରେ ହୋଇଥିବା ବିପଜ୍ଜନକ ଗାଡ଼ି ଚେଜିଂ ଏବଂ ହାଇ-ଅକ୍ଟେନ୍ ବ୍ଲାଷ୍ଟ (ବିସ୍ଫୋରଣ) ଦୃଶ୍ୟ ପାଇଁ ସେଲା ଷ୍ଟୁଡିଓଜ୍ ପକ୍ଷରୁ ଏହି ଚଳଚ୍ଚିତ୍ରକୁ ଦୁଇଟି ଗିନିଜ୍ ୱାର୍ଲ୍ଡ ରେକର୍ଡ ମଧ୍ୟ ମିଳିଛି। ଚଳଚ୍ଚିତ୍ରଟି ଭାରତରେ ୟୁଏ ୧୬+ ସେନ୍ସର ରେଟିଂ ପାଇଛି ଏବଂ ଏହାର ସମୁଦାୟ ଅବଧି ହେଉଛି ୨ ଘଣ୍ଟା ୫ ମିନିଟ୍।




## ୧୦୦୦ କୋଟିରେ ନିର୍ମିତ ହେଲା ଆକ୍ସନ୍ ଫିଲ୍ମ 'ଟକ୍ସିକ୍'

ବେଙ୍ଗାଲୁରୁ, ୨୨/୦୮ : ସାଉଥ ସୁପରଷ୍ଟାର 'ରକିଂ ଷ୍ଟାର' ଯଶ୍‌ଙ୍କ ବହୁପ୍ରତୀକ୍ଷିତ ମେଗା ବଜେଟ୍ ଆକ୍ସନ ଫିଲ୍ମ 'Toxic : A Fairy Tale for Grown-Ups'ରେ ସାରା ବିଶ୍ୱରେ ମୁକ୍ତିଲାଭ କରିବାକୁ ଯାଉଛି। ଓନାମ୍, ବରମହାଲକ୍ଷ୍ମୀ ଏବଂ ରକ୍ଷାବନ୍ଧନ ପାର୍ବଣ ଅବସରରେ ଏହି ଚଳଚ୍ଚିତ୍ରଟି ପ୍ରେକ୍ଷାଳୟକୁ ଆସୁଛି। ଗତ ଅଗଷ୍ଟ ୮ ତାରିଖରେ ବେଙ୍ଗାଲୁରୁଠାରେ ଏକ ଭବ୍ୟ ଇଭେଣ୍ଟରେ ଏହାର ମୁଖ୍ୟ କନ୍ନଡ଼ ଓ ହିନ୍ଦୀ ଟ୍ରେଲର ଏବଂ ଅଗଷ୍ଟ ୧୯ ରେ ଏହାର ଅଫିସିଆଲ୍ ଇଂରାଜୀ ଟ୍ରେଲର ମୁକ୍ତିଲାଭ କରି ସୋସିଆଲ ମିଡିଆରେ ଧମାକା ସୃଷ୍ଟି କରିଛି। ଅଗଷ୍ଟ ୨୧ ଠାରୁ ସାରା ଭାରତରେ ଏହାର ଆଡଭାନ୍ସ ଟିକେଟ୍ ବୁକିଂ ଆରମ୍ଭ ହୋଇଯାଇଛି। କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ଦ୍ୱାରା ଏହି ଚଳଚ୍ଚିତ୍ରକୁ 'A' (Adult) ସାର୍ଟିଫିକେଟ୍ ମିଳିଛି। ଏହାର ସମୁଦାୟ ଅବଧି ହେଉଛି ୩ ଘଣ୍ଟା ୧୪ ମିନିଟ୍। ଫିଲ୍ମରେ ଯଶ୍ 'ରାୟା' ଏବଂ 'ଟିକେଟ୍' ନାମକ ଏକ ଦମଦାର ଡୁଆଲ୍ ରୋଲ୍‌ରେ ନଜର ଆସିବେ। ଜାତୀୟ ପୁରସ୍କାର ବିଜେତା ନିର୍ଦ୍ଦେଶିକା ଗୀତୁ ମୋହନଦାସ ଏହାର କାହାଣୀ ଏବଂ ନିର୍ଦ୍ଦେଶନା ଦେଇଛନ୍ତି। ଯଶ୍‌ଙ୍କ ବ୍ୟତୀତ ଏହି ସାଇକୋଲୋଜିକାଲ୍ ଗ୍ୟାଙ୍ଗଷ୍ଟର ଡ୍ରାମାରେ ନୟନତାରା, କିଆରା ଆଡଭାନୀ, ହୁମା କୁରେଶୀ, ତାରା ସୁତାରିଆ ଏବଂ ରୁକ୍ମିଣୀ ବସନ୍ତ ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ନିକଟରେ ଅଭିନେତ୍ରୀ ନୟନତାରା ତିରୁମାଲା ମନ୍ଦିର ବାହାରେ ଲଣ୍ଡା ରୂପରେ ଦେଖାଯିବାର ଫଟୋ ଭାଇରାଲ ହେବା ପରେ, ସେ 'Toxic' ଚଳଚ୍ଚିତ୍ର ପାଇଁ ଏହି ଲୁକ୍ ଆପଣାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରାୟ ୮୫୦ ରୁ ୧,୦୦୦ କୋଟି ବଜେଟ୍‌ରେ ନିର୍ମିତ ଏହି ଚଳଚ୍ଚିତ୍ରଟି ଭାରତୀୟ ସିନେମା ଇତିହାସର ଅନ୍ୟତମ ବ୍ୟୟବହୁଳ ଫିଲ୍ମ। ଚଳଚ୍ଚିତ୍ରଟି ବିଶ୍ୱବ୍ୟାପୀ ପ୍ରାୟ ୧୨,୦୦୦ ରୁ ଅଧିକ ସ୍କ୍ରିନ୍ ଏବଂ ଭାରତରେ ବ୍ୟାପକ ଭାବେରେ ରିଲିଜ୍ ହେଉଛି। ଏହା ମୂଳ ଭାଷା କନ୍ନଡ଼ ଏବଂ ଇଂରାଜୀରେ ଏକସଙ୍ଗେ ସୁଟିଂ କରାଯାଇଛି, ଏବଂ ଓଡ଼ିଶା ସମେତ ସାରା ଭାରତରେ ଏହା ହିନ୍ଦୀ, ତେଲୁଗୁ, ତାମିଲ ଓ ମାଲାୟାଲମ୍ ଭାଷାରେ ମଧ୍ୟ ଡବ୍ ହୋଇ ମୁକ୍ତିଲାଭ କରିବ।



| ADVERTISEMENT TARIFF | |
|---|---|
| FULL PAGE FRONT | Rs. 1,00,000.00 |
| FULL PAGE BACK | Rs. 80,000.00 |
| FULL PAGE COVER | Rs. 80,000.00 |
| FULL PAGE INNER | Rs. 80,000.00 |
| HALF PAGE FR/BK | Rs. 80,000.00 |
| QUARTER PAGE | Rs. 25,000.00 |
| EAR PANEL FRONT | Rs. 5,000.00 |
| EAR PANEL BACK | Rs. 5,000.00 |



# 'ଆପଣ ଭାରତର ପ୍ରଧାନମନ୍ତ୍ରୀ ତ' ?

'କଥା ସ୍ୱାଭିମାନର ବିଚାର ଆପଣଙ୍କର'



ସାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସମ୍ପାଦକ
ଜନ ଜାଗରଣ

ମୋ ଦେଶ ଆଜିକି ୮୦ ବର୍ଷ ହେଲା ସ୍ୱାଧୀନତା ପାଇଲାଣି। ସ୍ୱାଧିନତା ପାଇଲା ପରେ ଆମ ଦେଶରେ ଲୋକ ଜନ୍ମ ନେଇ ମୃତ୍ୟୁ ବି କଲେଣି ତଥାପି । କିନ୍ତୁ ମୋ ଦେଶରୁ ଗରିବୀ ଦୂରୀକରଣ ହେଇ ପାରିଲା ନାହିଁ। କେତେ ପ୍ରଧାନମନ୍ତ୍ରୀ ଆସିଲେଣି ଆଉ ଗଲେଣି । କ'ଣ କରୁଛନ୍ତି ଏହି ଦଳ ଗୁଡ଼ିକ । ଆମେ ସମସ୍ତ ଦଳକୁ ତ ଉଣା ଅଧିକେ ସୁଯୋଗ ଦେଇଛେ କିନ୍ତୁ ଫଳ ଶୂନ। ମୋ ଦେଶ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ଦେଶ ଯେଉଁ ଦେଶର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନ, ସମାନତା ଓ ମର୍ଯ୍ୟଦାର ଅଧିକାର ଦେଇଛି, ସେହି ଦେଶର ପ୍ରଧାନମନ୍ତ୍ରୀ ସ୍ୱାଧୀନତା ଦିବସ ଭଳି ପବିତ୍ର ଦିନରେ ନିଜ ଦେଶର ନାଗରିକମାନଙ୍କୁ 'ଦିମାଗୀ ନକ୍ସଲ' ବୋଲି ସମ୍ବୋଧନ କରିବା ଏହା କେବଳ ଏକ ଶବ୍ଦ ନୁହେଁ, ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ନାଗରିକଙ୍କ ସମ୍ମାନ ପ୍ରତି ଏକ ଗଭୀର ପ୍ରଶ୍ନ ।

୧୨ ବର୍ଷ ଧରି କ୍ଷମତାରେ ରହିବା ପରେ ମଧ୍ୟ ଯଦି ଭାଷାରେ ଦୂରଦୃଷ୍ଟି, ଶାଳୀନତା ଓ ଦେଶର ଯୁବପିଢ଼ିଙ୍କ ପ୍ରତି ସମ୍ମାନ ନଥାଏ, ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଏହା କେଉଁ ନୂଆ ଭାରତର ରାଜନୈତିକ ଭାଷା? ଜଣେ ପ୍ରଧାନମନ୍ତ୍ରୀଙ୍କଠାରୁ ଦେଶର ଯୁବପିଢ଼ି ଆଶା କରେ ଭବିଷ୍ୟତର ସ୍ୱପ୍ନ, ନୂଆ ଚିନ୍ତାଧାରା, ରୋଜଗାର, ଶିକ୍ଷା, ବିଜ୍ଞାନ, ସମାନତା ଓ ଏକତାର କଥା । କିନ୍ତୁ ଯୁବକମାନଙ୍କୁ ଏଭଳି ଅପମାନଜନକ ଟ୍ୟାଗ୍ ଦେଇ, ଭିନ୍ନମତକୁ ଦେଶ ବିରୋଧୀ ଭାବେ ଚିତ୍ରଣ କରି ଜେନ୍-ଜି ଓ ଆଗାମୀ ପିଢ଼ିର ହୃଦୟ ଜିତି ହେବ କି ? ଭାରତର ଯୁବପିଢ଼ି ପ୍ରଶ୍ନ କରେ, ଚିନ୍ତା କରେ ଓ ନିଜ ମତ ପ୍ରକାଶ କରେ । ଗଣତନ୍ତ୍ରରେ ଏହା ଅପରାଧ ନୁହେଁ। ବରଂ ଏହା ହେଉଛି ଗଣତନ୍ତ୍ରର ଶକ୍ତି, ନୈତିକ ମୂଲ୍ୟବୋଧ ଓ ମୌଳିକ ଅଧିକାର। ପ୍ରଧାନମନ୍ତ୍ରୀଙ୍କ ଭାଷାରେ ମଧ୍ୟ ଦେଶର ମର୍ଯ୍ୟଦା, ଗଣତନ୍ତ୍ରର ଗାରିମା ଓ ନାଗରିକଙ୍କ ପ୍ରତି ସମ୍ମାନ ପ୍ରତିଫଳିତ ହେବା ଦରକାର। ଭାରତକୁ ଆଗକୁ ନେବାକୁ ହେଲେ ଯୁବପିଢ଼ିକୁ ଭୟଭୀତ କରାଇ ନୁହେଁ, ବରଂ ବିଶ୍ୱାସ କରିବାକୁ ପଡ଼ିବ । ଏହି ହେଉଛି ନୂଆ ଓ ବିକଶିତ ଭାରତର ଯୁବପିଢ଼ିଙ୍କର ଆଶା। ପ୍ରଧାନମନ୍ତ୍ରୀ ଜାଣି ରଖିବା ଉଚିତ ଯେ, ଯୁବପିଢ଼ି ହିଁ ସବୁବେଳେ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାନ୍ତି। ଆଜିର ଯୁବ ସମାଜ ଆସନ୍ତା କାଲିର ଭବିଷ୍ୟତ। ମୋ ଓଡ଼ିଶାର ଜେନ୍-ଜି ମାନଙ୍କୁ ଆହ୍ୱାନ ଦଉଛି କି,ଜନ ଜାଗରଣ ଅଭିଯାନରେ ସାମିଲ ହୁଅନ୍ତୁ ଏବଂ ଚାଲନ୍ତୁ, 'ବିପ୍ଳବ ଆଣିବା ବିକଳ୍ପ ବାଛିବା, ବିକାଶ କରିବା' ।

ଜୟ ହିନ୍ଦ୍ - ବନ୍ଦେ ମାତରଂ



Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj , Mayur Printers, Plot No-D1/1, Section-A, Zone-D, Mancheswar Industrial Estate, Khordha, Odhisha-752102,
Ph- 0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra